

୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-139 •SATURDAY •15 NOVEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୩୯ •ଶନିବାର •୧୫ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦



# ବିହାରରେ 'ନୀମୋ' ସୁନାମି

## ଏନ୍‌ଡିଏକୁ ୨୦୨, ମହାମେଣ୍ଟକୁ ୩୫ ଆସନ

■ **ପାଟନା, ୧୪।୧୧ (ଏଜେନ୍ସି):** ଭୁଲ୍ ସାବ୍ୟସ୍ତ ହୋଇଛି ସବୁ ଏକ୍‌ଜିଟ୍ ପୋଲ୍ ରିପୋର୍ଟ। ବିହାର ବିଧାନସଭା ଫଳାଫଳରେ ଖେଳିଯାଇଛି ନୀମୋ (ନୀତୀଶ-ମୋଦୀ) ସୁନାମୀ। ପ୍ରଚଣ୍ଡ ବିଜୟ ସହ ବିହାରରେ ପୁନର୍ବାର କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିଛି ଏନ୍‌ଡିଏ। ୨୪୩ ଆସନ ମଧ୍ୟରୁ ୨୦୩ରେ ଏନ୍‌ଡିଏ ଏକ ବିଶାଳ ବିଜୟ ଦିଗକୁ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଏକ ଶକ୍ତ ବିରୋଧୀଦଳ ଭାବରେ ଉଭା ହୋଇଥିବା 'ମହାଗଠବନ୍ଧନ'କୁ ଶକ୍ତ ଆଘାତ ଦେଇଛନ୍ତି ବିହାରବାସୀ। ଗତ ନିର୍ବାଚନରେ ମହାଗଠବନ୍ଧନ ୧୧୪ ଆସନରେ ବିଜୟୀ ହୋଇଥିବାବେଳେ ଚଳିତ ନିର୍ବାଚନରେ ୭୯ଟି ଆସନ ହରାଇ ମାତ୍ର ୩୫ ମଧ୍ୟରେ ସୀମିତ ରହିଛି। ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ମିଳିଛି ମାତ୍ର ୬ଟି ଆସନ।

ଚଳିତ ବର୍ଷ ନିର୍ବାଚନରେ ବିଜେପିର ଷ୍ଟ୍ରାଇକ୍‌ରେଟ୍ ବିହାରରେ ସବୁଠାରୁ ଚମତ୍କାର ରହିଛି। ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଜେପି ଚଳିତ ନିର୍ବାଚନରେ ୮୯ ଆସନ ସହ ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି।

ଅନୁରୂପ ଭାବରେ ୨୦୨୦ ମସିହାରେ ଜେଡିୟୁ ମାତ୍ର ୪୩ଟି ଆସନ ପାଇଥିବାବେଳେ ଚଳିତ ନିର୍ବାଚନରେ ୮୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏର ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମଧ୍ୟ ନିର୍ବାଚନରେ ଚମତ୍କାର ପ୍ରଦର୍ଶନ ▶ପୃଷ୍ଠା-୭






> "ବିକାଶ ଓ ସୁଶାସନର ବିଜୟ: ମୋଦୀ

- ▶▶ ୮୯ ଆସନ ସହ ବିଜେପି ସବୁଠାରୁ ବଡ଼ ଦଳ
- ▶▶ ଜେଡିୟୁର ଆସନ ସଂଖ୍ୟା ୮୫କୁ ବଢ଼ିଲା
- ▶▶ ୨୫କୁ ଖସିଲା ଆର୍‌ଜେଡି, କଂଗ୍ରେସକୁ ୬
- ▶▶ ୨୮ ଆସନରୁ ୧୯ରେ ଏଲ୍‌ଜେପିର ବିଜୟ

### ୮ ରାଜ୍ୟରେ ଉପନିର୍ବାଚନ

# ବିଜେପି, କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ

■ **ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** ଗତ ୧୧ ତାରିଖରେ ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ଏବଂ କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ ମିଳିଛି। ରାଜସ୍ଥାନର ଆଣ୍ଟା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ପଞ୍ଜାବର ତରନ ତାରନ ଆସନରେ କ୍ଷମତାସୀନ ଆପ୍ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଓଡ଼ିଶାର ନୂଆପଡ଼ା ଏବଂ ଜମ୍ମୁ-କଶ୍ମୀରର ନୋଗ୍ରାଟାରେ ବିଜୟ ଲାଭ କରିଛନ୍ତି। ଜମ୍ମୁ-କଶ୍ମୀରର ବଡ଼ଗାମ ଆସନରେ କ୍ଷମତାସୀନ ନେସନାଲ କନପେରେନ୍ସ ପ୍ରାର୍ଥୀଙ୍କୁ ହରାଇଛନ୍ତି ମେହବୁବା ମୁଫତିଙ୍କ ପିଡିପି ପ୍ରାର୍ଥୀ। ବଡଗାମକୁ ନେସନାଲ କନଫେରେନ୍ସର ଗଡ଼ କୁହାଯାଏ। ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏଠାରୁ ନିର୍ବାଚିତ ହୋଇଥିଲେ। ସେହିଭଳି ତେଲେଙ୍ଗାନାର ଜୁବିଲି ହିଲ୍ସରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଝାଡ଼ଖଣ୍ଡର ଘାଟଶୀଳାରେ ଜେଏମଏମ୍ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ମିଜୋରାମର ଡାମ୍ପା ନିର୍ବାଚନମଣ୍ଡଳୀରେ ମିଜୋ ନେସନାଲ ଫ୍ରଣ୍ଟ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି।

### ନୂଆପଡ଼ା ଉପନିର୍ବାଚନ

# ବିଜେପି ମଥାରେ 'ଜୟ' ତିଳକ

- ୮୩୪୭୮ ବିଶାଳ ବ୍ୟବଧାନରେ ବିଜେପି ବିଜୟୀ
- ୨ୟ ସ୍ଥାନରେ କଂଗ୍ରେସର ଘାସିରାମଙ୍କୁ ୪୦୧୨୧ ଭୋଟ
- ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ପାଇଲେ ୩୮୪୦୮ ଭୋଟ



■ **ଭୁବନେଶ୍ୱର/ନୂଆପଡା, ୧୪।୧୧ (ସମିସ):** ନୂଆପଡା ଉପର୍ବାଚନ ବିପୁଳ ବିଜୟ ହାସଲ କରିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ଗତ ନିର୍ବାଚନରେ ତାଙ୍କ ବାପା ରାଜେନ୍ଦ୍ର ଢ଼ୋଲକିଆ ପାଇଥିବା ଭୋଟଠାରୁ ପ୍ରାୟ ୫୦ ହଜାର ଊର୍ଦ୍ଧ୍ୱ ଭୋଟ ପାଇଛନ୍ତି ଜୟ। ଜୟ ଢୋଲକିଆଙ୍କୁ ୧୨୩୮୬୯ ଖଣ୍ଡ ଭୋଟ୍ ମିଳିଥିବା ବେଳେ କଂଗ୍ରେସ ପାର୍ଥୀ ଘାସିରାମ ମାଝିଙ୍କୁ ୪୦୧୨୧ ଖଣ୍ଡ ଭୋଟ୍ ମିଳିଛି। ସେହିପରି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮୪୦୮ ଖଣ୍ଡ ଭୋଟ୍ ପାଇ ଏଠାରେ ତୃତୀୟ ସ୍ଥାନରେ ରହିଛନ୍ତି। ଜୟଙ୍କ ବିଜୟ ସହ ଦୀର୍ଘ ଏକ ଦଶନ୍ଧି ପରେ ପୁଣିଥରେ ପଦ୍ମ ଫୁଟିଛି। ୨୦୧୪ରେ ଏଠାରୁ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ ଓ ଏବେ ୨୦୨୫ ପୁନର୍ବାର ପଦ୍ମ ଦଳର ପ୍ରାର୍ଥୀ ଭାବରେ ଜୟ ଢ଼ୋଲକିଆ ବିଜୟୀ ହୋଇଛନ୍ତି। ଏହି ବିଜୟ ପରେ ବ୍ୟବସାୟୀରୁ ଜୟଙ୍କ ▶ପୃଷ୍ଠା-୭




# ଅଭିନନ୍ଦନ ଜଣାଇଲେ ନବୀନ

- ବିଜେଡି ଲଢୁଆ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ
- ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ
- ଦଳର ନେତା, କର୍ମୀ ଓ ସମର୍ଥକଙ୍କୁ କୃତଜ୍ଞତା

■ **ଭୁବନେଶ୍ୱର, ୧୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେପିର ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜୟ ନୂଆପାଡ଼ାରେ ଅର୍ଥପୂର୍ଣ୍ଣ ବିକାଶ ଆଣି ଏହି ଜନାଦେଶକୁ ସମ୍ମାନ ଦେବେ ବୋଲି ସେ ଆଶାବାଦୀ ଥିବା ନିଜ 'ଏକ୍ସ' ହ୍ୟାଣ୍ଡେଲ୍‌ରେ ପୋଷ୍ଟ କରି ନବୀନ ଉଲ୍ଲେଖ କରିଛନ୍ତି।

ଏଥିସହିତ ନବୀନ କହିଛନ୍ତି, ବିଜେଡିର ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କ ପ୍ରତିବଦ୍ଧତା ଏବଂ ଉତ୍ସାହ ହିଁ ବିଜେଡିର ପ୍ରକୃତ ଶକ୍ତି। ନୂଆପଡ଼ା ଉପନିର୍ବାଚନରେ ଏକଜୁଟ ହୋଇ, ଅକ୍ଳାନ୍ତ ପରିଶ୍ରମ କରି ଓ ଉତ୍ସର୍ଗୀକୃତ ମନୋଭାବରେ ବିଜେଡି ପାଇଁ କାର୍ଯ୍ୟ ▶ପୃଷ୍ଠା-୭




## ବିହାର ବିଧାନସଭା ଆସନ-୨୪୩



| ଏନ୍‌ଡିଏ-୨୦୨ | |
|---|---|
| ବିଜେପି | ୮୯ |
| ଜେଡିୟୁ | ୮୫ |
| ଏଲଜେପି | ୧୯ |
| ଅନ୍ୟାନ୍ୟ | ୦୯ |



| ମହାମେଣ୍ଟ-୩୫ | |
|---|---|
| ଆରଜେଡି | ୨୫ |
| କଂଗ୍ରେସ | ୦୬ |
| ଅନ୍ୟାନ୍ୟ | ୦୪ |

ଏଏମ୍‌ଆଇଏମ୍ ୦୫



## ଅମାନତ ହରାଇଲେ ପ୍ରଶାନ୍ତ କିଶୋର

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟି ଥିବା ଜନସୁରାଜ ଦଳର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପ୍ରଥମ ପରୀକ୍ଷାରେ ଅମାନତ ହରାଇଛନ୍ତି। ଗତ ତିନି ବର୍ଷ ହେଲା ବିହାରରେ ବୁଲି ବୁଲି ପ୍ରଚାର କରି ବଡ଼ ବଡ଼ ଦାବି କରୁଥିବା ପ୍ରଶାନ୍ତଙ୍କ ଦଳ ମୁହଁ ମାଡ଼ି ପଡ଼ିଯାଇଛି। ୬ ବର୍ଷରେ ୬ ମୁଖ୍ୟମନ୍ତ୍ରୀ କରିଥିବା ଏହି ବ୍ୟକ୍ତିଙ୍କ ଦଳ ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। କୋଟିଏରୁ ଅଧିକ ସଦସ୍ୟ ନେଇ ଦାବି କରୁଥିବା ଜନସୁରାଜ ପାର୍ଟି ୧୦ ଲକ୍ଷ ଭୋଟ ବି ହାତେଇ ପାରିନାହିଁ। ୨୩୮ ଆସନରେ ପ୍ରାର୍ଥୀ ଦେଇ ୨୩୩ (୯୮ ପ୍ରତିଶତ) ରେ ଅମାନତ ହରାଇଛନ୍ତି। ଏହି ଦଳର ପ୍ରାର୍ଥୀ ଗୋଟିଏ ଆସନରେ ଦ୍ୱିତୀୟ ସ୍ଥାନରେ ବି ରହିପାରି ନାହାନ୍ତି। ୧୨୮୦ ଦିନରେ ୬ ହଜାର କିମି ପଦଯାତ୍ରା କରିବା ସତ୍ତ୍ୱେ ବି ତାଙ୍କ ଦଳ ସଫଳତା ପାଇ ପାରିନାହିଁ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୨୫ରୁ କମ୍ ସିଟ୍ ଜିତିବେ ବୋଲି ପ୍ରଶାନ୍ତ ଦାବି କରିଥିଲେ। ଯଦି ଅଧିକ ଆସନରେ ଜିତିବେ ତେବେ ରାଜନୀତି ଛାଡିଦେବେ ବୋଲି କହିଥିବା ପ୍ରଶାନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେ ଆଗାମୀ ଦିନରେ କି ପଦକ୍ଷେପ ନେବେ ତାହା ଦେଖିବା ବାକି ରହିଛି। ସେ ରାଜନୀତି କରିବେ ନା ରଣନୀତିକୁ ଫେରିବା ତାହା ଜାଣିବା ପାଇଁ ଲୋକେ ବ୍ୟଗ୍ର।



## ଆରଜେଡିର ଭୋଟ ସେୟାରିଂ ଅଧିକ

ଏହି ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଭାବେ ସବୁଦଳଠାରୁ ଆରଜେଡିର ଭୋଟ ସେୟାର ଅଧିକ ରହିଛି। ଅର୍ଥାତ୍ ଏହି ଦଳ କିଛି ଆସନରେ ଉଲ୍ଲେଖନୀୟ ବ୍ୟବଧାନରେ ବିଜୟୀ ହୋଇଛି। ଏହି ଦଳ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସତ୍ତ୍ୱେ ବିଜୟୀ ହୋଇପାରି ନାହିଁ। ସନ୍ଧ୍ୟା ସୁଦ୍ଧା ତେଜସ୍ୱୀଙ୍କ ଦଳର ଭୋଟ ସେୟାର ୨୨.୭୯ ପ୍ରତିଶତ ରହିଛି। ଏହା ବିଜେପିଠାରୁ ୨.୨୭ ପ୍ରତିଶତ ଏବଂ ଜେଡିୟୁଠାରୁ ୩.୮ ପ୍ରତିଶତ ଅଧିକ।

## ବିହାରରେ ବିଜେପିର ଉତ୍ଥାନ

ବିହାର ବିଧାନସଭା ନିର୍ବାଚନରେ ବିଜେପି ଐତିହାସିକ ସଫଳତା ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ଏଥର ୮୯ ଆସନ ଜିତିଥିବା ବିଜେପି ୨୦୧୦ ନିର୍ବାଚନରେ ୯୧ଟି ଆସନ ଜିତିଥିଲା। ୧୯୮୦ରେ ପ୍ରଥମ ଥର ନିର୍ବାଚନ ଲଢ଼ିଥିବା ବିଜେପି ପାଇଁ ଏହି ଯାତ୍ରା ସଂଘର୍ଷପୂର୍ଣ୍ଣ ରହିଛି। ୧୯୮୦ ନିର୍ବାଚନରେ ବିଜେପିକୁ ୨୧ଟି ଆସନ ମିଳିଥିବା ବେଳେ ୧୯୮୫ରେ ୧୬, ୧୯୯୦ରେ ୩୯, ୧୯୯୫ରେ ୪୧, ୨୦୦୦ରେ ୬୭, ୨୦୦୫ରେ ୩୭, ୨୦୧୫ରେ ୫୩, ୨୦୨୦ରେ ୯୧ ଏବଂ ୨୦୨୦ରେ ୭୪ଟି ଆସନ ପାଇଥିଲା।

# କାମ ଦେଲାନି ରାହୁଲ-ତେଜସ୍ୱୀଙ୍କ ରଣନୀତି

ପାଟନା, ୧୪।୧୧ (ଏଜେନ୍ସି): ବିହାର ନିର୍ବାଚନରେ ମହାମେଣ୍ଟକୁ ଶକ୍ତ ଝଟ୍‌କା ଲାଗିଛି। ଏଥିରେ ଆରଜେଡିର ନେତୃତ୍ୱାଧୀନ କଂଗ୍ରେସ, ଭିଆଇପି ଏବଂ ବାମଦଳର ମହାମେଣ୍ଟ ଇଣ୍ଡିଆ ନିରାଶ ହୋଇଛି। ଏହା ପଛରେ ପ୍ରମୁଖ ୫ଟି କାରଣ ରହିଛି। ସେଗୁଡିକ ହେଲା ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଆସନ ବୁଝାମଣା ଚୁଡ଼ାନ୍ତ ନ ହେବା, ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଟଣାଓଟରା, ପରସ୍ପର ବିରୋଧରେ ପ୍ରାର୍ଥୀ ଦେବା ଆଦି ରହିଛି। ନିର୍ବାଚନ କମିଶନ (ଇସି) ଅକ୍ଟୋବର ୬ରେ ବିହାର ନିର୍ବାଚନ ନେଇ ଘୋଷଣା କରିଥିଲେ। ଏହାର ୬ ଦିନ ପରେ ଏନ୍‌ଡିଏର ଆସନ ବୁଝାମଣା ହୋଇ ଯାଇଥିଲା। ମାତ୍ର ନିର୍ବାଚନ ଶେଷ ହୋଇ ସାରିଥିଲେ ବି ମହାମେଣ୍ଟ ଆନୁଷ୍ଠାନିକ ଭାବେ ଆସନ ବୁଝାଣା ସୂତ୍ର ବିଷୟରେ ଘୋଷଣା କରି ନ ଥିଲା। ନିଜ ପସନ୍ଦର ଆସନକୁ ନେଇ ମହାମେଣ୍ଟରେ ଟଣାଓଟରା ଜାରି ରହିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ୧୩ ଆସନରେ ମହାମେଣ୍ଟର ଅଲଗା ଅଲଗା ଦଳ ପରସ୍ପର ବିରୋଧରେ ଲଢ଼ିଥିଲେ। ଶେଷରେ କିଛି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ଏହି ଆସନ ସଂଖ୍ୟା ୮କୁ ହ୍ରାସ ପାଇଥିଲା। ଅର୍ଥାତ ମହାମେଣ୍ଟରେ ସାମିଲ ଦଳ ନିଜ ନିଜ ବିରୋଧରେ ଏଠାରେ ଲଢ଼େଇ କରିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ କଳି ଲାଗିଥିଲା। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଏବଂ ମୁକେସ ସାହାନୀ ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ଜିଦ୍‌ରେ ଅଟଳ ରହିଥିଲେ। କିନ୍ତୁ କଂଗ୍ରେସ ଏଥିରେ ରାଜି ନ ଥିଲା। ସ୍ଥିତି ଅଧିକ ବିଗୁଡୁଥିବା ଦେଖି କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ୱତନ୍ତ୍ର ପ୍ରତିନିଧି ପଠାଇବାକୁ ପଡ଼ିଥିଲା। ଶେଷରେ ପାଟନା ସ୍ଥିତ ଏକ ହୋଟେଲରେ ବିବାଦର ସମାଧାନ କରାଯାଇଥିଲା ଏବଂ କଂଗ୍ରେସକୁ ନଇଁବାକୁ ପଡ଼ିଥିଲା। ଅକ୍ଟୋବର ୨୩ରେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ସାହାନୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। କିନ୍ତୁ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସଂଶୟ ରହିଥିଲା।

### କାହାର ବଢ଼ିଲା, କାହାର ଛିଡ଼ିଲା

| ଦଳ | ୨୦୨୫ | ୨୦୨୦ | ପରିବର୍ତ୍ତନ |
|---|---|---|---|
| ଏନ୍‌ଡିଏ | ୨୦୨ | ୧୨୫ | +୭୭ |
| ବିଜେପି | ୮୯ | ୭୪ | +୧୫ |
| ଜେଡିୟୁ | ୮୫ | ୪୩ | +୪୨ |
| ଅନ୍ୟାନ୍ୟ | ୨୮ | ୦୮ | +୨୦ |
| ମହାମେଣ୍ଟ | ୩୫ | ୧୧୦ | -୭୫ |
| ଆରଜେଡି | ୨୫ | ୭୫ | -୫୦ |
| କଂଗ୍ରେସ | ୦୬ | ୧୯ | -୧୩ |
| ଅନ୍ୟାନ୍ୟ | ୦୪ | ୧୬ | -୧୨ |

■ ମହାମେଣ୍ଟ ପାଇଁ କାଳ ହେଲା ଆସନ କଳି

■ ମୁହଁ ମାଡ଼ି ପଡ଼ିଗଲା ମହାମେଣ୍ଟ;

■ ଆର୍‌ଜେଡିର ବୃହତ ପରାଜୟ; ଅବନତିର ଧାରାରେ କଂଗ୍ରେସ

ତେବେ ନୀତୀଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବୁ ବୋଲି ବିଜେପି ନେତାମାନେ କହିଥିଲେ। ମହାମେଣ୍ଟରେ ଝଗଡ଼ା ଯୋଗୁଁ ମତଦାନ ପୂର୍ବରୁ ଏନଡିଏ ଆଗରେ ରହିଥିଲା। ପ୍ରଥମେ ଏନ୍‌ଡିଏରେ ମଧ୍ୟ କଳି ଲାଗି ରହିଥିଲା। କିନ୍ତୁ ସମୟପୂର୍ବରୁ ଏହାର ସମାଧାନ କରିଦିଆଯାଇଥିଲା। ଉପେନ୍ଦ୍ର କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ କହି ବିବାଦର ଅନ୍ତ କରିଦିଆଯାଇଥିଲା। ତେଣୁ ପ୍ରଥମେ ଏନ୍‌ଡିଏରେ ସବୁ କିଛି ଠିକ୍ ନ ଥିବା କହିଥିବା ଉପେନ୍ଦ୍ର ପରେ ଶାନ୍ତ ରହିଥିଲେ।

ବିହାର ନିର୍ବାଚନରେ ଆରଜେଡି ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବିହାରର ଏହି ମୁଖ୍ୟ ବିରୋଧୀ ଧଳ ବୃହତ ଦଳରୁ ତଳ ଆଡୁ ଦ୍ୱିତୀୟ ଦଳରେ ପରିଣତ ହୋଇଯାଇଛି। ମାତ୍ର ୫ ବର୍ଷ ଭିତରେ ଆରଜେଡିର ଏଭଳି ଅବସ୍ଥା ହୋଇଛି। ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଆରଜେଡି ୧୪୩ଟି ଆସନରେ ଲଢ଼ି ମାତ୍ର ୨୫ଟିରେ ବିଜୟୀ ହୋଇଛି। ଏହା ଦଳ ପାଇଁ ସବୁଠାରୁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହି ଫଳାଫଳ ସହିତ ଆରଜେଡି ସବୁଠାରୁ ଖରାପ ପ୍ରଦର୍ଶନ କରିବା ଥିବା ଦ୍ୱିତୀୟ ଦଳ ହୋଇଯାଇଛି। ୨୦୦୫ ବିଧାନସଭା ନିର୍ବାଚନରେ ଆରଜେଡି ୫୫ଟି ଆସନ ପାଇଥିଲା। ସେ ସମୟରେ ଜଙ୍ଗଲରାଜକୁ ନେଇ ଆରଜେଡିକୁ ଚାରିଆଡେ ସମାଲୋଚନା କରାଯାଉଥିଲା। ସେତେବେଳେ ଜନ ବିରୋଧୀ ଆକ୍ରୋଶ, ରାବ୍ରୀ ଦେବୀଙ୍କ ନେତୃତ୍ୱକୁ ତୀବ୍ର ବିରୋଧ ସତ୍ତ୍ୱେ ଆରଜେଡି ୫୫ଟି ଆସନ ଜିତିଥିଲା। ତେବେ ୨୦୧୦ରେ ଏହି ଦଳ ମୋଟ ୨୨ଟି ଆସନ ପାଇଥିଲା। ୨୦ ବର୍ଷ ବିତିଯିବା ପରେ ଏବଂ ଅନେକ ଥର ନୀତୀଶ କୁମାରଙ୍କ ପଟ ପରିବର୍ତ୍ତନ ସତ୍ତ୍ୱେ ବିଜେପି ଏବଂ ଜେଡିୟୁ ପୁଣିଥରେ ବିଜୟୀ ହୋଇଛନ୍ତି। ୧୯୯୭ରେ ଆରଜେଡି ପ୍ରତିଷ୍ଠା ହେବା ପରେ ଚଳିତ ଥର ତେଜସ୍ୱୀଙ୍କ ନେତୃତ୍ୱରେ ଏହି ଦଳ ନିର୍ବାଚନ ଲଢ଼ିଥିଲା। କିନ୍ତୁ ସେ ଦଳ ପାଇଁ କୌଣସି ଚମତ୍କାର କରିପାରି ନାହାନ୍ତି।

## ମହାମେଣ୍ଟରୁ ୮୫ ଆସନ ଛଡ଼ାଇ ଆଣିଲା ଏନ୍‌ଡିଏ

ପାଟନା, ୧୪।୧୧ (ଏଜେନ୍ସି): ବିହାରରେ ୨୦ ବର୍ଷର ସରକାର ବିରୋଧୀ ଭାବନାକୁ ଭାଙ୍ଗି ପୁଣି ଥରେ ଏନ୍‌ଡିଏ ସରକାର ଗଠନ କରିବାକୁ ଯାଉଛି। ବିଜେପି ୧୦୧ଟି ଆସନରେ ଲଢ଼ି ୮୯ଟିରେ ବିଜୟୀ ହୋଇଛି।



ଏହି ଦଳର ଷ୍ଟ୍ରାଇକ୍ ରେଟ ୯୦ ପ୍ରତିଶତ ରହିଛି। ଏହା ସହିତ ବିଜେପି ବିହାରରେ ବଡ଼ ଭାଇ ହୋଇଯାଇଛି। ଏହି ଦଳ ନୀତୀଶଙ୍କ ଜେଡିୟୁର ବିନା ସମର୍ଥନରେ ବି ସରକାର ଗଢ଼ିବାକୁ ସକ୍ଷମ। ସେହିପରି ଜେଡିୟୁ ୮୫ ଆସନରେ ବିଜୟୀ ହୋଇ ଦୁଇ ନମ୍ବର ସ୍ଥାନରେ ରହିଛି। ରାତି ସୁଦ୍ଧା ଏନ୍‌ଡିଏ ମେଣ୍ଟ ୨୦୨ଟି ଆସନରେ ଆଗୁଆ ରହିଛି। ଏହା ଗତ ଥର ତୁଳନାରେ ୭୭ ଅଧିକ। ସେହିପରି ମହାମେଣ୍ଟ ୧୧୦ରୁ ହ୍ରାସ ପାଇ ୩୫କୁ ଖସି ଆସିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ୧୨ରୁ ୫ଟି ଗଡ଼କୁ ଏନ୍‌ଡିଏ ଭୁଶୁଡ଼ାଇ ଦେଇଛି। ଗତ ୧୫ ବର୍ଷ ହେଲା ଏହି ୧୨ଟି ଆସନରେ କ୍ରମାଗତ ଭାବେ ଆରଜେଡି ଏବଂ କଂଗ୍ରେସ ବିଜୟୀ ହୋଇ ଆସୁଥିଲେ। ଚଳିତ ଥର ମହାମେଣ୍ଟ ଜିତିଥିବା ୮୫ଟି ଆସନକୁ ଏନ୍‌ଡିଏ ଛଡ଼େଇ ନେଇଛି। ଏନ୍‌ଡିଏ ୮୬ଟି ନୂଆ ଆସନ ହାତେଇଥିବାବେଳେ ନିଜର ୯୩ ପ୍ରତିଶତ ସିଟ୍‌କୁ ବଜାୟ ରଖିଛି।

ବିହାରର ସବୁ ୬ କ୍ଷେତ୍ରରେ ଏନ୍‌ଡିଏ ନିଜ କ୍ଷମତା ବଢ଼ାଇଛି। ତିରହୁତ-ମଗଧରୁ ଅଧିକ ୪୦ଟି ଆସନ ଜିତିଛି। ତିରହୁତର ୬୪ରୁ ୫୫ଟି, ମିଥିଳାଞ୍ଚଳର ୪୬ରୁ ୩୯ଟି, ମଗଧର ୪୯ରୁ ୩୯ଟି, ଶାହାବାଦର ୨୨ରୁ ୧୯ଟି, ଅଙ୍ଗ ପ୍ରଦେଶର ୨୫ରୁ ୨୪ଟି ଏବଂ ଗୁରୁତ୍ୱପୂର୍ଣ୍ଣ ସୀମାଞ୍ଚଳ ଓ କୋସିର ୩୭ଟି ଆସନରୁ ୨୬ଟି ହାତେଇଛି। ଗତ ନିର୍ବାଚନରେ ଏହି କ୍ଷେତ୍ରରେ ଏନ୍‌ଡିଏ ୨୨ଟି ଆସନ ଜିତିଥିଲା।

## ସାନ ଭାଇ ଜିତିଲେ; ବଡ଼ ହାରିଲେ



ପାଟଣା, ୧୪।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସୁନାମୀରେ ବହୁ ନାମୀଦାମୀ, ହେଭିୱେଟ୍ ତଥା ହାଇପ୍ରୋଫାଇଲ ନେତା ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ। ସେ ମହୁଆ ଆସନରୁ ଜନଶକ୍ତି ଜନତା ଦଳ ତରଫରୁ ନିବାଚନରେ ଅବତୀର୍ଣ୍ଣ ହୋଇ ୩୫, ୭୦୩ ଭୋଟ୍ ପାଇଁ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାଶ) ପ୍ରାର୍ଥୀ ସଞ୍ଜୟ କୁମାର ସିଂଙ୍କଠାରୁ ୫୧, ୯୩୮ ଭୋଟରେ ପରାସ୍ତ ହୋଇ ତୃତୀୟ ସ୍ଥାନରେ ରହିଛନ୍ତି। ସଞ୍ଜୟ ୮୭, ୬୪୧ ଭୋଟ ପାଇଛନ୍ତି। ଆରଜେଡିର ମୁକେଶ କୁମାର ରୋଶନ ୪୨, ୬୪୪ ଭୋଟି ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଲାଲୁଙ୍କ ସାନ ପୁଅ ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ରାଘେପୁର ଆସନରେ ବିଜୟୀ ହୋଇଛନ୍ତି। ସେ ୧୪, ୫୩୨ ଭୋଟ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସତୀଶ କୁମାରଙ୍କୁ ପରାସ୍ତ କରିଛନ୍ତି।

ସେହିପରି ବାହୁବଳୀ ତଥା ଜେଲ୍‌ରେ ଥିବା ଜେଡିୟୁର ଅନନ୍ତ କୁମାରୀ ସିଂ ୨୮, ୨୦୬ ଭୋଟ୍‌ରେ ମୋକାମା ଆସନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆରଜେଡିର ବିଣା ଦେବୀଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଜମ୍ମୁଇରେ ବିଜେପିର ଶ୍ରେୟାସୀ ସିଂ ୫୪, ୪୯୮ ଭୋଟ୍‌ରେ ଆରଜେଡିର ମହମ୍ମଦ ସମସାଦ ଆଲମଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ବିଜେପିର ହେଭିୱେଟ୍ ନେତା ସମ୍ରାଟ ଚୌଧୁରୀ ବୃହତ ୪୫, ୮୪୩ ଭୋଟ୍‌ରେ ଆରଜେଡିର ଅରୁଣ କୁମାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ବହୁ ଚର୍ଚ୍ଚିତ ଭୋଜପୁରୀ ସିନେମା ତାରକା ଖେସାରୀ ଲାଲ ଯାଦବ ମଧ୍ୟ ଛପରା ଆସନରେ ବିଜେପିର ଛୋଟି କୁମାରୀଙ୍କଠାରୁ ପରାସ୍ତ ହୋଇଛନ୍ତି। ଜଣାଶୁଣା ତାରକା ଗାୟିକା ମୈଥିଳି ଠାକୁର ଅଲିନଗର ଆସନରେ ୧୧, ୭୩୦ ଭୋଟ୍‌ରେ ଆରଜେଡି ବିନୋଦ ମିଶ୍ରାଙ୍କୁ ପରାସ୍ତ କରିଛନ୍ତି। ବିଜପିର ବିଜୟ କୁମାର ସିହ୍ନା ଲକ୍ଷ୍ମୀସରାୟ ଆସନରେ କଂଗ୍ରେସର ଅମରେଶ କୁମାରଙ୍କୁ ପରାସ୍ତ କରିଛନ୍ତି। ଚନପଟିଆ ଆସନରେ ମନୀଷ କାଶ୍ୟପ ଜନସୁରାଜ ପାର୍ଟିରୁ ଲଢ଼ି ପରାସ୍ତ ହୋଇଛନ୍ତି। ବିଜେପିର ମଙ୍ଗଲ ପାଣ୍ଡେ ସବାନ ଆସନରୁ ଆରଜେଡିର ଅବଧବିହାରୀ ଚୌଧୁରୀଙ୍କୁ ୯, ୩୭୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ଅଭିନେତା ପବନ ସିଂହଙ୍କ ପତ୍ନୀ ଜ୍ୟୋତି ସିଂହ କାରାକଟରୁ ସ୍ୱାଧୀନ ଭାବେ ଲଢ଼ି ପରାସ୍ତ ହୋଇଛନ୍ତି। ସେହିପରି ମହମ୍ମଦ ଶାହବୁଦ୍ଦିନଙ୍କ ପୁଅ ଓସାମା ଶହାବ ରଘୁନାଥପୁର ଆସନରେ ୯, ୨୪୮ ଭୋଟ୍‌ରେ ଜେଡିୟୁର ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି।

## ଲାଲ୍‌କିଲ୍ଲା ବିସ୍ଫୋରଣ: ମାଟିରେ ମିଶାଇ ଦିଆଗଲା ଆତଙ୍କବାଦୀ ଉମର୍‌ର ଘର

ନୂଆଦିଲ୍ଲୀ, ୧୪।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବିସ୍ଫୋରଣ ସହ ଏବେ ହରିୟାଣାର ନୁହ (ମେବାତ) ଜିଲ୍ଲାର ପିନଗବାଁ ଅଞ୍ଚଳ ଜଡିତ ହୋଇଛି। ବିସ୍ଫୋରଣ ମାମଲାରେ ଯାଞ୍ଚ କରୁଥିବା ଦିଲ୍ଲୀର ଏଜେନ୍ସିଗୁଡିକ ନୁହର ସାର ବିକ୍ରେତା ଦୀନେଶ ସିଙ୍ଗଲା ଉରଫ୍ ଡବୁକୁ ପଚରାଉଚରା କରିବା ସହ ତାକୁ ଗିରଫ କରିଛି। ଡବୁ ଅଲ ଫଲାହ ବିଶ୍ୱ ବିଦ୍ୟାଳୟର ଡାକ୍ତର ମୁଜାମ୍ମିଲ ସକିଲକୁ ବିନା କୌଣସି ରେକର୍ଡରେ ଆମୋନିୟମ ନାଇଟ୍ରେଟ୍ ଭଳି ବିସ୍ଫୋରକ ପଦାର୍ଥ ଉପଲବ୍ଧ କରାଇଥିଲେ। ଏହାପୂର୍ବରୁ ଜମ୍ମୁ-କଶ୍ମୀର କର୍ତ୍ତୃପକ୍ଷ ଡା ଉମର ନବୀର ପୁଲବାମାସ୍ଥିତ ବାସଗୃହକକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ଉମର ଲାଲ୍‌କିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିଲା। ଡିଏନ୍‌ଏ ପରୀକ୍ଷା ମାଧ୍ୟମରେ ଏହା ସ୍ପଷ୍ଟ ହୋଇଛି। ସୁରକ୍ଷାବଳ ଉମରର ଘରକୁ ଆଇଇଡି ଦ୍ୱାରା ବିସ୍ଫୋରଣରେ ଉଡାଇ ଦେଇଛି। ତା ପାଖରେ ଆମୋନିୟମ ନାଇଟ୍ରେଟ ରଖିବାର ଲାଇସେନ୍ସ ନ ଥିଲା। ଏହାକୁ ବିସ୍ଫୋରଣ ଘଟାଇବାରେ ବ୍ୟବହାର କରାଯାଇଥିଲା ବୋଲି କୁହାଯାଉଛି। ଉମର ବିସ୍ଫୋରଣ ବେଳେ କାର୍‌ରେ ଥିଲା। ସେ ପୁଲୱାମାର କୋଇଲ ଅଞ୍ଚଳରେ ରହୁଥିଲା। ଏପର୍ଯ୍ୟନ୍ତ ୫୦୦ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରା ଉଚରା କରାଯାଇଛି। ସେପଟେ ନୁହର ଜଣେ ଡାକ୍ତରଙ୍କୁ ମଧ୍ୟ ଏହି ମାମଲାରେ ଗିରଫ କରାଯାଇଛି। ଫଳରେ ମୁଖ୍ୟ ଅଭିଯୁକ୍ତଙ୍କ ସଂଖ୍ୟା ଏବେ ୯ ରେ ପହଞ୍ଚିଛି।

## ୧୫୦ କିମି ବେଗରେ ଖାଇକୁ ଖସିଲା କାର୍; ୫ ମୃତ

ରତଲାମ, ୧୪।୧୧(ଏଜେନ୍ସି): ମଧ୍ୟପ୍ରଦେଶର ରତଲାମ୍‌ରେ ନିୟନ୍ତ୍ରଣ ହରାଇ ଏକ କାର୍ ଖାଇକୁ ଖସିପଡ଼ିବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୫ ବର୍ଷର ପିଲା ଓ ୬୦ ବର୍ଷର ଜଣେ ବରିଷ୍ଠ ନାଗରିକ ସାମିଲ ଅଛନ୍ତି। ସିସିଟିଭି କ୍ୟାମେରାରେ ଏହି ମର୍ମନ୍ତୁଦ ଦୁର୍ଘଟଣାର ଦୃଶ୍ୟ ରେକର୍ଡ ହୋଇଛି। ରତଲାମ ଜିଲ୍ଲାର ରାବଟି ଥାନା ଅନ୍ତର୍ଗତ ଭୀମପୁରା ଗାଁ ନିକଟରେ ମାହି ନଦୀ ପୋଲ ପୂର୍ବରୁ ଶୁକ୍ରବାର ସକାଳ ୭ଟାରେ ଏହି ଦୁର୍ଘଟଣା ଘଟିଥିଲା। ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ ୱେରେ ରେଲିଂ ଭାଙ୍ଗି ଏହି ମହିନ୍ଦ୍ରା ଏସ୍‌ୟୁଭି ୭୦୦ ଗାଡି ଯାଇ ତଳେ ପଡ଼ିଥିଲା। ଡ୍ରାଇଭରଙ୍କୁ ହାଲ୍‌କା ନିଦ ଆସିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। କାର୍‌ରେ ବସିଥିବା ୪ ଜଣ ମୁମ୍ବଇର ଓ ଜଣେ ଗୁଜରାଟ ଭଦୋଦରାର ବାସିନ୍ଦା। ସମସ୍ତେ ଦିଲ୍ଲୀରୁ ମୁମ୍ବଇ ଯାଉଥିଲେ। ସମସ୍ତଙ୍କ ମୃତଦେହ ରତଲାମ ମେଡିକାଲ କଲେଜରେ ରଖାଯାଇଛି। ଦୁର୍ଘଟଣା ସ୍ଥଳିର ୧୦ ଫୁଟ୍ ଦୂରରେ ସ୍ପିଡ୍ ଗନ୍ ଲଗାଯାଇଛି ବୋଲି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ନିର୍ଦ୍ଦେଶକ ସନ୍ଦୀପ ପଟିଦାର କହିଛନ୍ତି। କାର୍‌ର ଗତି ଘଣ୍ଟାପ୍ରତି ୧୫୦ କିମି ଥିଲା ବୋଲି ଏଥିରୁ ସ୍ପଷ୍ଟ ହେଉଥିବା ସେ କହିଛନ୍ତି।



ବିହାର ବିଜୟ ପରେ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିକାଶ ଓ ସୁଶାସନର ବିଜୟ: ମୋଦୀ

ବିହାର ଲୋକମାନେ ବିଜୟ ବାନା ଉଡ଼ାଇଛନ୍ତି। ରାଜ୍ୟରେ ସୁଶାସନ, ବିକାଶ, ଜନକଲ୍ୟାଣ ଭାବନା ଏବଂ ସାମାଜିକ ନ୍ୟାୟର ବିଜୟ ହୋଇଛି। ବିହାର ଲୋକେ ଏନଡିଏକୁ ଅଭୂତପୂର୍ବ ଏବଂ ଐତିହାସିକ ବିଜୟର ଆଶୀର୍ବାଦ ଦେଇଛନ୍ତି। ଆଉ କେବେ ବି ରାଜ୍ୟକୁ ଜଙ୍ଗଲରାଜର ସରକାର ଫେରିବ ନାହିଁ। ଯେଉଁମାନେ ଛଟ୍ ପୂଜାକୁ ଡ୍ରାମା କହୁଥିଲେ, ସେମାନଙ୍କୁ ଜବାବ ମିଳିଛି। ବିଜେପି ମୁଖ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଗଙ୍ଗା ମାତା ବିହାରରୁ ପ୍ରବାହିତ ହୋଇ ପଶ୍ଚିମବଙ୍ଗ ଯାଉଛନ୍ତି। ପଶ୍ଚିମବଙ୍ଗରେ ବିଜେପିର ବିଜୟ ମାର୍ଗକୁ ବିହାର ପ୍ରଶସ୍ତ କରିଦେଇଛି। ବିଜେପି ଆପଣଙ୍କ ସହ ମିଶି ପଶ୍ଚିମବଙ୍ଗର ଜଙ୍ଗଲରାଜ ସରକାରକୁ ଭୁଶୁଡ଼ାଇ ଦେବ।

## ନିର୍ବାଚନ ନିରପେକ୍ଷ ନ ଥିଲା: ରାହୁଲ

ମହାମେଣ୍ଟ ଉପରେ ବିଶ୍ୱାସ ପ୍ରକଟ କରିଥିବା କୋଟି କୋଟି ମତଦାତାଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ବିହାର ବିଧାନସଭା ନିର୍ବାଚନ ଫଳାଫଳ ଚକିତ କରିଦେଇଛି। ଆମେ ଏଭଳି ଏକ ନିର୍ବାଚନରେ ବିଜୟୀ ହୋଇପାରିଲୁ ନାହିଁ, ଯାହା ପ୍ରାରମ୍ଭରୁ ନିରପେକ୍ଷ ନ ଥିଲା। ଏହି ଲଢ଼େଇ ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଥିଲା। କଂଗ୍ରେସ ଏବଂ ମହାମେଣ୍ଟ 'ଇଣ୍ଡିଆ' ଏହି ଫଳାଫଳର ସମୀକ୍ଷା କରିବ ଏବଂ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଚାଲିଥିବା ପ୍ରୟାସକୁ ଅଧିକ ପ୍ରଭାବୀ କରାଯିବ ବୋଲି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

# ବାଂଲାଦେଶରେ ପୁଣି ତେଜିଲା ହିଂସା

ଢ଼ାକା, ୧୪।୧୧(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ କୋର୍ଟ ରାୟ ଦେବା ପୂର୍ବରୁ ସାରା ଦେଶରେ ହିଂସା ବୃଦ୍ଧି ପାଇଛି। ହାସିନାଙ୍କ ପାର୍ଟି ଅୱାମୀ ଲିଗ୍ କୋର୍ଟଙ୍କ ସମ୍ଭାବ୍ୟ ରାୟକୁ ବିରୋଧ କରି ସାରା ଦେଶରେ ଲକ୍‌ଡାଉନ୍ ପାଇଁ ଆହ୍ୱାନ ଦେଇଛି। କିନ୍ତୁ ଅୱାମୀ ଲିଗ୍‌କୁ ବିରୋଧ କରି ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଓ ବାଂଲାଦେଶ ଜମାତ-ଇ-ଇସ୍‌ଲାମୀ କାର୍ଯ୍ୟକର୍ତ୍ତାମାନେ ରାଜଧାନୀ ଢ଼ାକାର କିଛି ଅଞ୍ଚଳରେ ସଡ଼କକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହାକୁ ନେଇ ବାଂଲାଦେଶ ପୁଣି ଅଶାନ୍ତ ହୋଇପଡ଼ିଛି। ଦେଶର ବିଭିନ୍ନ ସ୍ଥାନରେ ଆଜି ଦିନକେ ୩୨ଟି ସ୍ଥାନରେ ବୋମା ବିସ୍ଫୋରଣ ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ୧୨ଟି ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଢ଼ାକା ବିମାନ ବନ୍ଦର ନିକଟରେ

**୩୨ଟି ସ୍ଥାନରେ ବୋମା ବିସ୍ଫୋରଣ**

**୧୨ଟି ବସ୍‌ରେ ନିଆଁ ଲଗାଇଦେଲେ**

ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା। କିନ୍ତୁ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଢାକା ସମେତ କେତୋଟି ବଡ଼ ସ୍କୁଲରେ କ୍ଲାସକୁ ଅନଲାଇନ୍ କରାଯାଇଛି। ସାଧାରଣ ଗମନାଗମନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ରାଜଧାନୀ ଢାକାରେ ୪୦୦ ପାରା ମିଲିଟାରୀ ଯବାନଙ୍କୁ ନିୟୋଜିତ କରାଯାଇଛି।

ଉଲ୍ଲେଖଥାଉ କି ସୁପ୍ରିମକୋର୍ଟ ନଭେମ୍ବର ୧୭ରେ ହସିନାଙ୍କ ବିରୋଧରେ ଚାଲିଥିବା ମାନବୀୟ ଅପରାଧ ମାମଲା ବିରୋଧରେ ରାୟ ଶୁଣାଇବେ। ୨୦୨୪ରେ ଛାତ୍ର ଆନ୍ଦୋଳନ ଅବସରରେ ହସିନା ହିଂସା ପାଇଁ ଉସ୍‌କାଇଥିବାର ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ହସିନା ଏହି ମାମଲାଗୁଡିକୁ ମିଥ୍ୟା ବୋଲି କହି ଆସିଛନ୍ତି। ଏହି ହିଂସା ପରେ ହସିନାଙ୍କୁ ଶାସନରୁ ଛାତ୍ର ଆନ୍ଦୋଳନ ମାଧ୍ୟମରେ ହଟାଇ ଦିଆଯାଇଥିଲା। ସେ ଏବେ ଭାରତରେ ଆଶ୍ରୟ ନେଇଛନ୍ତି।

# ପୁରୀକୁ ବିପଦ ବେଆଇନ ଲଜ୍, ହୋମ୍ ଷ୍ଟେ’

ପୁରୀ,୧୪।୧୧(ସମିସ): ଦିଲ୍ଲୀରେ ଆତଙ୍କବାଦୀ ବିସ୍ଫୋରଣ ପରେ ସାରା ଦେଶରେ ହାଇ-ଆଲର୍ଟ। ପୁରୀକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ ପର୍ଯ୍ୟଟକ ଆସୁଥିବାରୁ ଶ୍ରୀମନ୍ଦିର ସମେତ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ହେଲେ ସୁରକ୍ଷାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ କଥା ଏବେ ସାମ୍ନାକୁ ଆସିଛି। ବର୍ତ୍ତମାନ ସ୍ଥିତିରେ ଶ୍ରୀମନ୍ଦିର ଓ ପୁରୀ ସହର ପାଇଁ ବଡ଼ ବିପଦ ସାଜିଛି ବେଆଇନ ଲଜିଂ। ସବୁଆଡ଼େ ଛତୁ ଫୁଟିଲା ଭଳି ଖୋଲିଛି ବେଆଇନ ଲଜିଂ, ହୋମ୍ ଷ୍ଟେ। ଏହି ଲଜିଂ ତଥା ହୋମ୍‌ଷ୍ଟେଗୁଡ଼ିକ ମଧ୍ୟରୁ ଅଧିକାଂଶର ପୁରୀ ପୌରପାଳିକା ପ୍ରଦାନ କରୁଥିବା ଟ୍ରେଡ୍ ଲାଇସେନ୍ସ ନାହିଁ। ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ନିଜେ ରହୁଥିବା ଘରେ ବି କିଛି ଲୋକ ଯାତ୍ରୀଙ୍କୁ ରଖି ଟଙ୍କା ଆଦାୟରେ ଲାଗିଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରହୁଥିବା ଯାତ୍ରୀଙ୍କଠାରୁ କୌଣସି ପରିଚୟପତ୍ର ରଖାଯାଉନାହିଁ। କେଉଁ ଯାତ୍ରୀ କେଉଁ ସ୍ଥାନରୁ ଆସିଛନ୍ତି, କୌଣସି ସୂଚନା ରହୁନାହିଁ, ଯାହାକି ପୁରୀ ସହର ପାଇଁ ବଡ଼ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କମ୍ ସମୟରେ ଆଉ ସହଜରେ କିପରି ଅର୍ଥ ରୋଜଗାର କରିହେବ କିଛି ଲୋକ ଏବେ ଏହିଭଳି ବେଆଇନ ଲଜିଂକୁ ଭରସା

## ପ୍ରଶାସନ ପାଖରେ ରହୁନି ଯାତ୍ରୀଙ୍କ ତଥ୍ୟ

କରିଛନ୍ତି। ନିଜ ଘରକୁ ହୋମ୍ ଷ୍ଟେ’ ବ୍ୟବସାୟରେ ଲଗାଇ ଭଲ ରୋଜଗାର କରୁଛନ୍ତି, କିନ୍ତୁ ଆଉ କୌଣସି ଗାଇଡ୍‌ଲାଇନ୍ ପାଳନ କରୁନାହାନ୍ତି। ଯାତ୍ରୀଙ୍କୁ ରଖିବା ଲାଗି ଯେଉଁ ସୁରକ୍ଷା ବ୍ୟବସ୍ଥା ରହିବା କଥା ତାହା ଆଦୌ ନାହିଁ, ଯାହାକି ସହର ପାଇଁ ବିପଦ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି କେହି ଦୁର୍ବୃତ୍ତ ଏହି ବେଆଇନ ଲଜ୍‌ରେ ରହି କିଛି ଅଘଟଣ ପାଇଁ ଷଡ଼ଯନ୍ତ୍ର କରେ ତେବେ ସେ ସଫଳ ହେବେ ଏଥିରେ ସନ୍ଦେହ ନାହିଁ।

ପୁରୀ ସହର ଛୋଟବଡ଼ ହୋଟେଲ,



ଗେଷ୍ଟହାଉସ୍, ଲଜିଂ, ଧର୍ମଶାଳାକୁ ହିସାବକୁ ନେଲେ ଏହି ସଂଖ୍ୟା ପ୍ରାୟ ୧୨୦୦ରୁ ଅଧିକ ହେବ। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ, ଶ୍ରଦ୍ଧାଳୁ ଏଠାରେ ରୁହନ୍ତି। ତେବେ ଯାତ୍ରୀଙ୍କୁ ରଖିବାକୁ ହେଲେ ପୁରୀ ପୌରପାଳିକାଠାରୁ ଟ୍ରେଡ୍ ଲାଇସେନ୍ସ ଓ ପଞ୍ଜୀକରଣ ବାଧ୍ୟତାମୂଳକ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଫାୟାର ସେଫ୍ଟି, ପାର୍କିଂ ବ୍ୟବସ୍ଥା ରହିବା ଜରୁରୀ। ଯେଉଁ ଯାତ୍ରୀମାନେ ରହିବେ, ସେମାନଙ୍କ ସଠିକ୍ ବୈଧ ପରିଚୟପତ୍ର ରଖିବା ଓ ରେଜିଷ୍ଟରରେ ନାମଲେଖା ସହ ଯିବାଆସିବା ସମୟ ଲେଖିବା ବାଧ୍ୟତାମୂଳକ। କୌଣସି ବିଦେଶୀ ବ୍ୟକ୍ତି କିମ୍ବା ସନ୍ଦିଗ୍ଧ ବ୍ୟକ୍ତି ଆସିଲେ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେବାର ନିୟମ ରହିଛି। ନିୟମ ଉଲ୍ଲଂଘନ କଲେ ଲାଇସେନ୍ସ ବାତିଲ୍ ସହ ଜରିମାନା ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ରହିଛି। ହେଲେ ଏହାକୁ ଭ୍ରୂକ୍ଷେପ ନ କରି କେତେକ ବ୍ୟକ୍ତି ନିଜର ଆବାସିକ ଘରକୁ ବେଆଇନ ଭାବେ ବିନା ପଞ୍ଜୀକରଣରେ ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ପଞ୍ଜୀକରଣ କରି ନ ଥିବା ହେତୁ ଏଠାରେ କେଉଁ ବ୍ୟକ୍ତି ଆସି ରହିଛନ୍ତି, ସେନେଇ ପୁଲିସ କିମ୍ବା ପ୍ରଶାସନ ନିକଟରେ ସୂଚନା ରହୁନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବେଆଇନ କାର୍ଯ୍ୟକୁ ରୋକାନଗଲେ ଆଗାମୀ ଦିନରେ ଏହା ସୁରକ୍ଷା ବ୍ୟବସ୍ଥାକୁ ବଡ଼ ବିପଦ ହେବ ବୋଲି ପୁଲିସକୁ ବୁଦ୍ଧିଜୀବୀ ସତର୍କ କରାଇଛନ୍ତି।

ବିଶେଷକରି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଏଭଳି ମାଳମାଳ ବେଆଇନ ଲଜିଂ, ହେମ୍ ଷ୍ଟେ ଖୋଲିଛି। ଗୁଣ୍ଡିଚା ମନ୍ଦିରକୁ ଲାଗି ରହିଥିବା ଘରଗୁଡ଼ିକ ରାତାରାତି ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ଏଠାରେ ଯେଉଁମାନେ ରହୁଛନ୍ତି ସେମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ପ୍ରଶାସନ ପାଖରେ ରହୁନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯାତ୍ରୀ ଭାବେ ପରିଚୟ ଦେଇ ଏଠାରେ ଅନ୍ୟ କେହି ବି ରହି କୌଣସି ବଡ଼ଧରଣର ଅଘଟଣ ଘଟାଇପାରେ। ତେଣୁ ଏସବୁ ଦିଗ ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପୂର୍ବ ସରକାର ସମୟରେ ଗୁଣ୍ଡିଚା ମନ୍ଦିର ଚତୁଃପାଶ୍ୱର୍ର କିଛି ଅଞ୍ଚଳ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ନିଷ୍ପତ୍ତି ଏବେ ଫାଇଲ୍ ତଳେ ଚାପି ହୋଇରହିଛି।

## ୬ ଡିଗ୍ରୀକୁ ଖସିଲା ପାରଦ

### ସେମିଳିଗୁଡ଼ା ସବୁଠୁ ଥଣ୍ଡା

ଭୁବନେଶ୍ୱର, ୧୪।୧୧ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଥଣ୍ଡା ଜାରି ରହିଛି। କ୍ରମାଗତ ଭାବେ ତାପମାତ୍ରା ହ୍ରାସ ପ୍ରଭାବରେ ଚଳିତବର୍ଷ ରାଜ୍ୟରେ ପ୍ରଥମଥର ପାଇଁ କିଛି ସ୍ଥାନରେ ଶୀତ ଲହରୀ ଅନୁଭୂତ ହୋଇଛି। ଲଗାତାର ଦୁଇ ଦିନ ହେବ, ଭୁବନେଶ୍ୱର ଓ ଫୁଲବାଣୀରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ଡିଗ୍ରୀ ତଳେ ରହିଥିବା ହେତୁ ଏଠାରେ ଶୀତ ଲହରୀ ସୃଷ୍ଟି ହୋଇଛି। ଏହାବ୍ୟତୀତ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ପାରଦ ୬ ଡିଗ୍ରୀ ଛୁଇଁଛି। କୋରାପୁଟର ସେମିଳିଗୁଡ଼ାଠାରେ ତାପମାତ୍ରା ସର୍ବନିମ୍ନ ୬.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଜି. ଉଦୟଗିରିରେ ୭, ଦାରିଙ୍ଗବାଡ଼ିରେ ୭.୫, ଫୁଲବାଣୀରେ ୮.୨, ଝାରସୁଗୁଡ଼ା ଓ ଚିପିଲିମାରେ ୧୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱର ଓ କଟକରେ ତାପମାତ୍ରା ୧୪.୮ଡିଗ୍ରୀ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହା ପରେ କିଛି କିଛି ସ୍ଥାନରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିପାରେ।

# ତିନି ବାଘଙ୍କ ଶିକାର ଭିଡିଓ ଶିମିଳିପାଳର ନୁହେଁ: ଆର୍‌ସିସିଏଫ୍

ବାରିପଦା, ୧୪।୧୧(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟରେ ତିନିଟି ବାଘ ଏକ ହରିଣକୁ ଶିକାର କରୁଥିବାର ଭିଡିଓ ସୋସିଆଲ ମିଡିଆ ‘ଏକ୍ସ’ରେ ଭାଇରାଲ ହେବାରେ ଲାଗିଛି। ୨୪ ସେକେଣ୍ଡ ବିଶିଷ୍ଟ ଏହି ଭିଡିଓରେ ୩ଟି ବାଘ ଏକ ହରିଣକୁ ଶିକାର କରି ଖାଇବା ଦୃଶ୍ୟ ଦେଖିବାକୁ ମିଳିଛି। ବାଘଙ୍କ କବଳରୁ ହରିଣଟି ବଞ୍ଚିବାକୁ ଉଦ୍ୟମ କରୁଥିବା ବେଳେ ଗୋଟିଏ ବାଘ ବେକକୁ କାମୁଡ଼ି ମାଡ଼ି ବସିବା ପରେ ଅନ୍ୟ ୨ଟି ବାଘ ଆକ୍ରମଣ କରୁଛନ୍ତି। ଏହା ଶିମିଳିପାଳର ଚହଲା ନିକଟ ଏକ ଘଞ୍ଚ ଜଙ୍ଗଲର ଦୃଶ୍ୟ ହୋଇଥିବା ଦର୍ଶାଇ ଜଣେ ବଙ୍ଗୀୟ ପର୍ଯ୍ୟଟକ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ତେବେ, ଏହାକୁ ଖଣ୍ଡନ କରିଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡା. ପ୍ରକାଶଚାନ୍ଦ ଗୋଗେନାନୀ। ସେ କହିଛନ୍ତି ଯେ ଏହି ଭିଡିଓ ଶିମିଳିପାଳ ଅଞ୍ଚଳର ନୁହେଁ। ଇଣ୍ଟରନେଟ୍‌ରୁ



ସଂଗୃହୀତ ଏହି ଭିଡିଓଟି ମହାରାଷ୍ଟ୍ର ପିଞ୍ଚ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳର। ଶିମିଳିପାଳରେ ମହାରାଷ୍ଟ୍ରର ବାଘୁଣୀ ଜିନତ୍ ଏବଂ ଶିମିଳିପାଳ ଲ୍ୟାଣ୍ଡସ୍କେପ ହଦଗଡ଼ ଓ କୁଲଡିହା ମଧ୍ୟରେ ବିଚରଣ କରୁଛି ଯମୁନା। ଏଥିସହ ୩୯ରୁ ଅଧିକ ମହାବଳ ବାଘ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହିଛନ୍ତି ବୋଲି ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

ମୋରଡ଼ା, ୧୪।୧୧(ସମିସ): ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ମୋରଡ଼ା ବ୍ଲକ୍ କାର୍ଯ୍ୟାଳୟର କନିଷ୍ଠ କିରାଣୀ ପାର୍ଥଶଙ୍କର ଚେଲ। ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଅବସରକାଳୀନ କାଗଜପତ୍ରର କ୍ଲିୟରାନ୍ସ ପାଇଁ ସେ ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି।



## ୨ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମାଡ଼ି ବସିଲା ଭିଜିଲାନ୍ସ

ସୂଚନାନୁଯାୟୀ, ବଡ଼ସାହି ଥାନା ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ଗଦାଧର ସୋରେନ ଜଣେ ଅବସରପ୍ରାପ୍ତ କର୍ମଚାରୀ। ସେ ପୂର୍ବରୁ ମୋରଡ଼ା ବ୍ଲକ୍ ଅଫିସ୍‌ରେ କାର୍ଯ୍ୟରତ ଥିଲେ। ତାଙ୍କର ଅବସରକାଳୀନ କାଗଜପତ୍ର କ୍ଲିୟରାନ୍ସ ପାଇଁ ପାର୍ଥ ତାଙ୍କୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ଗଦାଧର ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ଅଫିସ୍ ଭିତରେ ପାର୍ଥ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତେବେ ଭିଜିଲାନ୍ସକୁ ଦେଖି ପାର୍ଥ ଉକ୍ତ ଟଙ୍କାକୁ ଫିଙ୍ଗି ଦେଇଥିଲେ। ଭିଜିଲାନ୍ସ ଟିମ୍ ତାଙ୍କ ହାତକୁ କେମିକାଲଯୁକ୍ତ ପାଣିରେ ଧୋଇବା ପରେ ସେ ଲାଞ୍ଚ ନେଇଥିବା ପ୍ରମାଣ ମିଳିଥିଲା। ଭିଜିଲାନ୍ସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଏହି ଚଢ଼ଉରେ ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମ, ଇନ୍ସପେକ୍ଟର୍ ବିକାଶ ରଞ୍ଜନ ସ୍ୱାଇଁ, ଛବିରାଣୀ ହେମ୍ବ୍ରମ, ଲଳିତ ରାଉତ, ଚତୁର୍ଭୁଜ ଚମ୍ପିଆ ପ୍ରମୁଖ ସାମିଲ ଥିଲେ।

# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ‘ଲୋଗୋ’ ଉନ୍ମୋଚିତ

## ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ପ୍ରାୟ ୧୨ ହଜାର କୋଟି

ଭୁବନେଶ୍ୱର,୧୪।୧୧(ସମିସ): ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର ‘ଲୋଗୋ’କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉନ୍ମୋଚନ କରିଛନ୍ତି। ଲୋକସେବା ଭବନରେ ଶୁକ୍ରବାର ଏହାକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋଗୋର ମଧ୍ୟ ଭାଗରେ ଖୋଲା ପୁସ୍ତକ ସହ କଲମମୁନ ରହିଛି। ଖୋଲା ପୁସ୍ତକ ଶିକ୍ଷା ଏବଂ ବୌଦ୍ଧିକ ଶକ୍ତିର ଜାଗରଣକୁ ବୁଝାଉଥିବା ବେଳେ କଲମମୁନ ସୃଜନଶୀଳତା ଓ ପ୍ରକାଶନକୁ ପ୍ରତିଫଳିତ କରୁଛି। କଲମମୁନର ଉପରି ଭାଗରେ ଜଳୁଥିବା ମଶାଲ, ଜ୍ଞାନ ଓ ସତ୍ୟର ପ୍ରତୀକ ସଦୃଶ। ଏହା ଅଜ୍ଞାନତା ଦୂର କରି ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ।



ଓଡ଼ିଆ ସଂସ୍କୃତିକୁ ବହନ କରୁଥିବା ଏହି ଲୋଗୋ ଶିକ୍ଷାର ମହତ୍ୱ ଓ ଭୂମିକାକୁ ପ୍ରତିଫଳିତ କରୁଛି ଏବଂ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଜାଗରିତ କରିବ। ମଶାଲ ଚାରିପାଖରେ ବିଚ୍ଛୁରିତ କିରଣ ନୈତିକ ଆଲୋକର ପ୍ରତୀକ। ସେହିପରି ବୃତ୍ତାକାର ରୂପ ଏକତା, ଅନ୍ତର୍ଭୁକ୍ତୀ ଏବଂ ସମନ୍ୱୟକୁ ପ୍ରତିଫଳିତ କରୁଥିବା ବେଳେ ତିନୋଟି ତାରା ଯଥାକ୍ରମେ ଜ୍ଞାନ, ଚରିତ୍ର ଓ ସେବାକୁ ପ୍ରତିନିଧିତ୍ୱ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଏହି ଯୋଜନାରେ ଛାତ୍ରଛାତ୍ରୀଙ୍କୁ ସାମାଜିକ ଏବଂ ଶୈକ୍ଷିକ କ୍ଷେତ୍ରରେ ସଶକ୍ତ କରିବ। ଏହା କେବଳ ଏକ ଶିକ୍ଷା ସଂସ୍କାର ଯୋଜନା ନୁହେଁ, ବରଂ ଏକ ସଂକଳ୍ପ ବୋଲି ସେ କହିଛନ୍ତି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରାଯିବ। ଏଥିପାଇଁ ପ୍ରାୟ ୧୨ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଚାରି ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯିବ। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ହେବାକୁ ଥିବା ବେଳେ ଅନ୍ୟୂନ ୫ଏକର ସରକାରୀ ଜମି ସହ ଗମନାଗମନ ସୁବିଧା ଥିବା ସ୍ଥାନକୁ ପ୍ରାଥମିକତା ଦିଆଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନମତକୁ ଏପଟସେପଟ କରାଯାଇଛି: ଦେବୀ ମିଶ୍ର

ଭୁବନେଶ୍ୱର,୧୪।୧୧(ସମିସ): ସରକାରୀ କଳ ଏବଂ ବଳ ଦ୍ୱାରା ବିଜେପି ନିର୍ବାଚନ ବିଜୟ ହାସଲ କରିଛି। ଅନେକ ସମସ୍ୟା ନେଇ ନୂଆପଡ଼ାବାସୀ ମୁହଁ ଖୋଲୁଥିଲେ। ହେଲେ ୯ ତାରିଖ ସକାଳ ପର୍ଯ୍ୟନ୍ତ ବିଜେଡି ସପକ୍ଷରେ ଥିବା ଜନାଦେଶ ପରିବର୍ତ୍ତନ ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ, ବିଜେଡି ଅନେକ ଉପନିର୍ବାଚନ ସାମ୍ନା କରିଛି। ଏଥିରେ ଦଳ ଅନେକ ଉପନିର୍ବାଚନ ଜିତିଛି ଓ ହାରିଛି। ହେଲେ ନୂଆପଡା ଉପନିର୍ବାଚନ ଫଳାଫଳ କିଛି ଅଲଗା ଆଭାସ ଦେଉଛି। ସେ କହିଛନ୍ତି ଦଳ ତରଫରୁ ଯାହା ଆମେ ଆଶଙ୍କା କରିଥିଲୁ, ତାହା ସତ ପ୍ରମାଣିତ ହୋଇଛି। ଜନମତକୁ ଏପଟସେପଟ କରାଯାଇଛି। ସାଇଲେଣ୍ଟ ପିରିଅଡରେ ଶାସକ ଦଳ ପକ୍ଷରୁ ବ୍ୟବହାର ହୋଇଛି। ଶାସକ ଦଳ ଓ ସରକାରୀ କଳ ସାଇଲେଣ୍ଟ ପିରିଅଡକୁ ମ୍ୟାନୁପୁଲେସନ କରିଛନ୍ତି। ଏହାର ପ୍ରତିଫଳନ ଫଳାଫଳରେ ଦେଖିବାକୁ ମିଳିଛି। ଲୋକଙ୍କ ଭାବନା ଏତେ ବଡ଼ ପରିବର୍ତ୍ତନ ଚକିତ କରିଛି। ୯ ତାରିଖ ସକାଳ ଯାଏ ଯେଉଁ ମତ ଥିଲା, ତାହା ପରିବର୍ତ୍ତନ ହୋଇଛି। ଏହା ହିଁ ଚକିତ କରୁଛି। ଜନସାଧାରଣ ଜାଣିଛନ୍ତି ନବୀନ ବାବୁ ଓଡ଼ିଶାର ପ୍ରିୟତମ ନେତା।



ନୂଆପଡାରେ ଅନୁକମ୍ପା ଅପେକ୍ଷା ଟ୍ରିପଲ ଇଞ୍ଜିନ ସରକାରର ମାଇକ୍ରୋ ମ୍ୟାନେଜମେଣ୍ଟ ଫଳାଫଳକୁ ପ୍ରଭାବିତ କରିଛି। ଓଡିଶାର ବିଜେପି ସରକାର, ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କ କଳ ଓ ବଳ ଲାଗିଥିଲା। ନିର୍ବାଚନ ପର୍ଯ୍ୟବେକ୍ଷକ ମଧ୍ୟ ନିରବଦ୍ରଷ୍ଟା ସାଜିଥିଲେ। ଛତିଶଗଡ଼କୁ ଲାଗି ରହିଥିବା ନୂଆପଡାର ଅଞ୍ଚଳରେ ପୂର୍ବରୁ ମଧ୍ୟ ପଛରେ ରହୁଥିଲା। ଉପନିର୍ବାଚନରେ ଏତେ ସଂଖ୍ୟକ ଭୋଟ ପଡ଼ିବା ନଜିର ନାହିଁ। ଉପନିର୍ବାଚନରେ ୮୩ ପ୍ରତିଶତରୁ ଅଧିକ ଭୋଟିଂ ହେବା ସନ୍ଦେହ ସୃଷ୍ଟି କରୁଛି। ୪୧ ବୁଥରେ ହାରାହାରି ୯୧ରୁ ୯୪ ପ୍ରତିଶତ ଭୋଟିଂ ହୋଇଛି। ଭୋଟିଂ ବୁଥକୁ ସିଜ କରିବା ଅଭିଯୋଗ ମଧ୍ୟ ଆସିଛି। ଦାଦନ ଭାବରେ କାମ କରୁଥିବା ଲୋକଙ୍କ ନାଁରେ ଭୋଟ ଦିଆଯାଇଥିବା ସନ୍ଦେହ ହେଉଛି। ନହେଲେ ଏତେ ପରିମାଣର ଭୋଟିଂ ହୋଇନଥାନ୍ତା। ଏହାକୁ ତଦନ୍ତ କଲେ ଜଣାପଡିବ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ଭୋଟ ଦେଲେ ଭଲ। ମାତ୍ର ଲୋକ ନଆସି ଭୋଟ ପଡିଲେ ଭୟଙ୍କର ହୁଏ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଅର୍ଥ ବଳର ନଗ୍ନ ପ୍ରଦର୍ଶନ କରି ଶାସକ ଦଳ ନିର୍ବାଚନ ଜିତିଲା: କଂଗ୍ରେସ

ଭୁବନେଶ୍ୱର,୧୪।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ହୋଇଛି। ବିଜୟୀ ପ୍ରାର୍ଥୀ ଦଳକୁ କଂଗ୍ରେସ ଅଭିନନ୍ଦନ ଜଣାଇଥିଲେ ମଧ୍ୟ ଏହି ବିଜୟକୁ ଦଳ ସହଜରେ ଗ୍ରହଣ କରିପାରୁ ନାହିଁ। ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ନୂଆପଡ଼ା ଉପନିର୍ବାଚନରେ ଶାସକ ଦଳ ଯେପରି ଅର୍ଥ ବଳର ନଗ୍ନ ପ୍ରଦର୍ଶନ କଲା, ତାହା ଭାରତୀୟ ନିର୍ବାଚନୀ ଇତିହାସରେ ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଛି। ନିର୍ବାଚନ ଆୟୋଗ ଓ ଅଧିକାରୀମାନଙ୍କ ବ୍ୟାପକ ପକ୍ଷପାତିତା ବଳରେ ଶାସକ ଦଳ ପ୍ରାର୍ଥୀ ପୁଲିସ ଓ ପ୍ରଶାସନକୁ ବ୍ୟବହାର କରି ଭୋଟରମାନଙ୍କୁ ପ୍ରଲୋଭିତ କରାଇବାରେ ସକ୍ଷମ ହେଲେ। ଆଦର୍ଶ ଆଚରଣ ବିଧି ବାରମ୍ବାର ଖୋଲାଖୋଲି ଉଲଂଘନ ହେଉଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଲେ।

ଅନ୍ୟପଟେ ପୂର୍ବରୁ ନିକଟ ଅତୀତରେ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନଗୁଡିକରେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବା ବେଳେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏ ଥରର ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏହା କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାର ପ୍ରମାଣ ବୋଲି ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ସେ କହିଛନ୍ତି, ଏହା ଆଗାମୀ ଦିନରେ ଓଡ଼ିଶା ରାଜନୀତିକୁ ଯେ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ। ସମସ୍ତଙ୍କ ମଧ୍ୟରୁ ଯୋଗ୍ୟତମ ପ୍ରାର୍ଥୀ ଘାସିରାମ ମାଝୀ ଏଥର କଳାହାଣ୍ଡିର ପୂର୍ବତନ ସାଂସଦ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ମୂଳରୁ ହିଁ ତାଙ୍କ ବିଜୟ ଆଶା ଉଜ୍ଜଳ ଥିଲା। ତେବେ ନୂଆପଡ଼ାରେ ସ୍ୱଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ହେବା ଯୋଗୁଁ ଏଠାରେ ବିଜେପି ଜିତିଲା। ପ୍ରତିକୂଳ ପରିସ୍ଥିତିରେ କଂଗ୍ରେସ ସପକ୍ଷରେ ରହିଥିବା ଭୋଟର ଓ ନିର୍ବାଚନରେ ଅକ୍ଲାନ୍ତ ପରିଶ୍ରମ କରିଥିବା କଂଗ୍ରେସର ନେତୃବୃନ୍ଦ ଓ କର୍ମୀଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପକ୍ଷରୁ ଶ୍ରୀ ଦାସ ଧନ୍ୟବାଦ ଜଣାଇଛନ୍ତି।

## ପୋଖରୀରେ ବୁଡ଼ି ଶିଶୁ ମୃତ

ଠାକୁରମୁଣ୍ଡା, ୧୪।୧୧(ସମିସ):ଠାକୁରମୁଣ୍ଡା ବ୍ଲକ୍ କେନ୍ଦୁଜିଆଣି ପଞ୍ଚାୟତ ଡୁମ୍ବରଡିହା ଗ୍ରାମରେ ଶୁକ୍ରବାର ଏକ ଅଘଟଣ ଘଟିଛି। ପୋଖରୀରେ ବୁଡ଼ି ଜଣେ ଶିଶୁ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଶିଶୁକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଶିଶୁ କନ୍ୟାଜଣଙ୍କ ହେଲେ, ସେହି ଗ୍ରାମର ମନୋଜ କୁମାର ପାତ୍ରଙ୍କ ଝିଅ ଶ୍ରାବଣୀ (୬)। ଗୁରୁତର ଶିଶୁ କନ୍ୟାଜଣଙ୍କ ହେଲା, କୃଷ୍ଣଚନ୍ଦ୍ର ପାତ୍ରଙ୍କ ଝିଅ ଜ୍ୟୋତିର୍ମୟୀ (୬)। ଦୁହେଁ ସ୍କୁଲରୁ ଫେରି ଘର ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସେମାନେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଏହା ଦେଖି ପାଖରେ ଗାଧୋଉଥିବା କିଛି ଗ୍ରାମବାସୀ ଦୁହିଁଙ୍କୁ ଉଦ୍ଧାର କରିଥିଲେ। ପରିବାରଲୋକ ସେମାନଙ୍କୁ ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ଶ୍ରାବଣୀକୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ମଦ ଦୋକାନ ବନ୍ଦ ରହିଥିବା ଅବଧି ପାଇଁ ଲାଇସେନ୍ସ ଫି’ ଆଦାୟ କରାଯାଇପାରିବ ନାହିଁ

କଟକ, ୧୪।୧୧ (ସମିସ): ସୁପ୍ରିମକୋର୍ଟଙ୍କ ନିଷେଧାଦେଶ ଯୋଗୁଁ ରାଜପଥ ପାର୍ଶ୍ୱ ମଦ ଦୋକାନ ବନ୍ଦ ରହିଥିବା ସମୟ ପାଇଁ ମାଲିକଙ୍କଠାରୁ ଲାଇସେନ୍ସ ଫି’ ଆଦାୟ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ରାୟ ଦେଇଛନ୍ତି।

## ଆବେଦନକାରୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଏବଂ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ପୁଷ୍ପଲତା ସାମଲଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଖଣ୍ଡପୀଠ ସ୍ୱଷ୍ଟ କରିଛନ୍ତି ଯେ ସ୍ୱେଚ୍ଛାକୃତ ବନ୍ଦ ଏବଂ ‘ଅନିଚ୍ଛାକୃତ ବନ୍ଦ’ ମଧ୍ୟରେ ଏକ ପାର୍ଥକ୍ୟ ରେଖା ବାହାର କରିବାକୁ ପଡ଼ିବ। ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟକ୍ତିଗତ ଲାଇସେନ୍ସଧାରୀ ଆବେଦନକାରୀଙ୍କୁ ଦୋକାନ ବନ୍ଦ କରିବାକୁ ବାଧ୍ୟ କରାଯାଇଥିଲା। ଏହା ଏକ ଅନିଚ୍ଛାକୃତ ବନ୍ଦ ସହିତ ସମାନ। ଜାତୀୟ ଏବଂ ରାଜ୍ୟ ରାଜପଥର ୫୦୦ ମିଟର ମଧ୍ୟରେ ଥିବା ସମସ୍ତ ମଦ ଦୋକାନ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ଗତ ୨୦୧୬ର ରାୟ ପରେ ଆବେଦନକାରୀଙ୍କ ଦୋକାନଟି ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କଟକଣା କୋହଳ ହୋଇଥିଲା। ତେବେ ଆବେଦନକାରୀଙ୍କ ଦୋକାନ ଲାଇସେନ୍ସ ନବୀକରଣ ପାଇଁ ୨୦୧୮-୧୯ରୁ ଲାଇସେନ୍ସ ଫି’ ଦେବାକୁ କୁହାଯାଇ ଅବକାରୀ ବିଭାଗର ଅତିରିକ୍ତ ସଚିବ ଏକ ଚିଠି ଜାରି କରିଥିଲେ। ଏହି ଅବଧିରେ ଦୋକାନ କିନ୍ତୁ ବନ୍ଦ ରହିଥିଲା। ବ୍ୟବସାୟ ବନ୍ଦ ଥିବା ବେଳେ ଏଭଳି ଲାଇସେନ୍ସ ଫି’କୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅବକାରୀ ଅତିରିକ୍ତ ସଚିବଙ୍କ ଏହି ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଏଥିସହ ଆବେଦନକାରୀଙ୍କ ଦ୍ୱାରା ସୁପାରିସ କରାଯାଇଥିବା ସ୍ଥାନରେ ଲାଇସେନ୍ସ ନବୀକରଣ ପାଇଁ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାଇକୋର୍ଟରେ ବେଆଇନ ଭାବେ ଅଧ୍ୟାପିକାଙ୍କୁ ଛଟେଇ ମାମଲା

# ୨୦ ହଜାର ଟଙ୍କା ଦଣ୍ଡ ଗଣିବ କଲେଜ ପରିଚାଳନା କମିଟି

କଟକ,୧୪।୧୧(ସମିସ): ବେଆଇନ ଭାବେ ଜଣେ ଅଧ୍ୟାପିକାଙ୍କୁ କାର୍ଯ୍ୟରୁ ଅନ୍ତର କରି ସେହି ପଦରେ ଆଉ ଜଣଙ୍କୁ ଅବସ୍ଥାପିତ କରିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଆବେଦନକାରୀଙ୍କୁ ତୁରନ୍ତ ଏବଂ ଯେକୌଣସି ପରିସ୍ଥିତିରେ ଆଠ ସପ୍ତାହ ମଧ୍ୟରେ ଚାକିରିରେ ପୁନଃ ଅବସ୍ଥାପିତ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମ୍ପୃକ୍ତ କଲେଜ ପରିଚାଳନା କମିଟି ୮ସପ୍ତାହ ମଧ୍ୟରେ ୨୦ହଜାର ଟଙ୍କା ଦଣ୍ଡ ରାଶି ଆବେଦନକାରୀଙ୍କୁ ପଇଠ କରିବ। ଉକ୍ତ ଅବଧିରୁ ବିଳମ୍ବ ହେଲେ ଦିନକୁ ଅତିରିକ୍ତ ୧୦୦ଟଙ୍କା ପ୍ରଦାନ କରିବ ବୋଲି କହିଛନ୍ତି ହାଇକୋର୍ଟ। ତପସ୍ୱିନୀ ପଟ୍ଟନାୟକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ଏପରି ରାୟ ଦେଇଛନ୍ତି। ଯେତେବେଳେ କୌଣସି କାରଣରୁ ପଦଚ୍ୟୁତ ବ୍ୟକ୍ତିଙ୍କ ଅପସାରଣ ଦ୍ୱାରା ସୃଷ୍ଟି ହୋଇଥିବା ନିର୍ଦ୍ଦିଷ୍ଟ ଖାଲି ସ୍ଥାନରେ ନିଯୁକ୍ତ କରାଯାଏ, ସେତେବେଳେ ଏପରି ନିଯୁକ୍ତି ଉକ୍ତ ଅପସାରଣକୁ ଚାଲେଞ୍ଜ କରି ହୋଇଥିବା ମାମଲାର ଫଳାଫଳ ଉପରେ ନିର୍ଭର କରେ ବୋଲି ହାଇକୋର୍ଟ କହିଛନ୍ତି।

ଆବେଦନକାରୀ ଜଗତସିଂହପୁର ଜିଲ୍ଲା ସରସ୍ୱତୀ ସଂସ୍କୃତ ମହିଳା କଲେଜରେ ସଂସ୍କୃତ ବ୍ୟାକରଣ ବିଭାଗ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଥିଲା ବେଳେ ଅକ୍ଟୋବର ୨୦୦୨ରୁ ତାଙ୍କର ଦୀର୍ଘ ଅନୁପସ୍ଥିତି ଯୋଗୁଁ କଲେଜର ପରିଚାଳନା କମିଟି ଗତ ୨୦୦୩ ଜୁନ୍ ୨୯ରେ ତାଙ୍କର ସେବା ସମାପ୍ତ କରିଥିଲେ। ଉକ୍ତ ପଦବୀରେ ସରଳାବାଳା ନନ୍ଦଙ୍କୁ ନିଯୁକ୍ତ କରାଯାଇଥିଲା। ଏହାକୁ ଚାଲେଞ୍ଜ କରି ଏକାଧିକ ପୂର୍ବରୁ ରୁଜୁ ମାମଲାରେ ଅଦାଲତ ଆବେଦନକାରୀଙ୍କ ଦାବି ବିଚାର ପାଇଁ କହିଥିଲେ। ତେବେ ଗତ ୨୦୦୩ ଜୁଲାଇ ୨୮ରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଏହାକୁ ଖାରଜ କରି ପ୍ରତିପକ୍ଷ ସରଳାବାଳାଙ୍କ ନିଯୁକ୍ତି ଅନୁମୋଦନ ପାଇଁ ପରିଚାଳନା କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବେଆଇନ ଦର୍ଶାଇ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଏପରି ନିର୍ଦ୍ଦେଶକୁ ଅଦାଲତ ରଦ୍ଦ କରିଦେଇଛନ୍ତି।

# ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

କାମାକ୍ଷାନଗର, ୧୪।୧୧(ସମିସ): ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ। କାମାକ୍ଷାନଗର ଥାନାରେ ଏପରି ଏକ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ହେଲେ, ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ରାଜେଶ କୁମାର ପାଣି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନିର୍ବନ୍ଧରେ ଭିଡିଓ ସୁଟିଂ କରିବାକୁ ଆସିଥିଲେ

ସୂଚନାନୁଯାୟୀ, ରାଜେଶ ତାଙ୍କ ଗାଁ ଛକରେ ଏକ ଭିଡିଓ ସୁଟିଂ ଦୋକାନ କରିଛନ୍ତି। ବିବାହ, ବ୍ରତ ଇତ୍ୟାଦିରେ ସୁଟିଂ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଗତକାଲି ସକାଳେ ଏକ ନିର୍ବନ୍ଧର ଭିଡିଓ ସୁଟିଂ ପାଇଁ ସେ ମୁକ୍ତାପଶି ଗ୍ରାମକୁ ଆସିଥିଲେ। ତେବେ ସଂଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ସବୁଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଏନେଇ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଆଜି ମୁକ୍ତାପଶି ଗାଁ ନିକଟରେ ଥିବା ମଠ ପୋଖରୀରୁ ରାଜେଶଙ୍କ ମୃତଦେହ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଏହାକୁ ଅଘଟଣ ଦର୍ଶାଇବା ପାଇଁ ଶବ ପୋଖରୀକୁ ଫିଙ୍ଗି ଦେଇଛି ବୋଲି ସେମାନେ କହିଛନ୍ତି। ଖବର ପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ପୋଖରୀ ଭିତରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସବୁ ଦିଗକୁ ନେଇ ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ରାସ୍ତା କାମ ନ କରି ବିଲ୍ | ଲକ୍ଷାଧିକ ଟଙ୍କା ଆତ୍ମସାତ୍ ଅଭିଯୋଗ

ବିଞ୍ଝାରପୁର,୧୪।୧୧(ସମିସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଘଣ୍ଟିଆଳି ପଞ୍ଚାୟତରେ କାର୍ଯ୍ୟ ନ କରି ଏକ ରାସ୍ତା ନାମରେ ବିଲ୍ କରାଯାଇ ଆତ୍ମସାତ କରିବା ପାଇଁ ଅଭିଯୋଗ ହୋଇଛି । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ପଞ୍ଚମ ଅର୍ଥ କମିଶନ ପାଣ୍ଠିରୁ ୨୦୨୪-୨୫ଆର୍ଥିକ ବର୍ଷରେ ଘଣ୍ଟିଆଳି ପଞ୍ଚାୟତର ରମାକାନ୍ତ ସୂତାରଙ୍କ ଘରଠାରୁ ନିମାଇଁ ଧଳଙ୍କ ଘର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ ପାଇଁ ୨ଲକ୍ଷ ଅଣସ୍ତରୀ ହଜାର ଆଠଶହ ବାଉନଟଙ୍କା ବିଞ୍ଝାରପୁର ବ୍ଲକ ତରଫରୁ ବ୍ୟୟବରାଦ କରାଯାଇଥିଲା । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୮-୫-୨୫ ରିଖରେ ଆରମ୍ଭ ହୋଇ ୨୫-୮-୨୫ ରିଖରେ ଶେଷ ହୋଇଥିବା ଏବଂ ଏହି ରାସ୍ତାର ମାପ ଓ ପରିମାଣ ବ୍ଲକର ସହକାରୀଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇ ବିଲ୍ ପ୍ରସ୍ତୁତ ହୋଇଥିବା ସରକାରୀ କାଗଜପତ୍ରରୁ ଜଣାପଡିଛି । କିନ୍ତୁ ବାସ୍ତବରେ ଘଣ୍ଟିଆଳି ପଞ୍ଚାୟତର ରମାକାନ୍ତ ସୂତାର



ଘରଠାରୁ ନିମାଇଁ ଧଳଙ୍କ ଘର ପର୍ଯ୍ୟନ୍ତ କୌଣସି ରାସ୍ତା ନିର୍ମାଣ କରା ନ ଯାଇ କାଗଜପତ୍ରରେ ମିଥ୍ୟା ବିଲ୍ କରି ସମୁଦାୟ ଅର୍ଥକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଓ ବ୍ଲକ ପ୍ରଶାସନ ସଲାସୁତୁରାରେ ଆତ୍ମସାତ କରିବା ପାଇଁ ଉଦ୍ୟମ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ରାସ୍ତା ନିର୍ମାଣ କରା ନ ଯାଇ କାଗଜପତ୍ରରେ ଲକ୍ଷାଧିକ ଟଙ୍କାର ବିଲ୍ ପ୍ରଶାସନ କିପରି ପ୍ରସ୍ତୁତ କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଅର୍ଥ ଆତ୍ମସାତ ପାଇଁ ମସୁଧା ହେଉଥିବା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେବା ସହ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ବିଞ୍ଝାରପୁର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ରାସ୍ତା ନିର୍ମାଣ ନ କରି ଅର୍ଥ ଆତ୍ମସାତ ଘଟଣା ସମ୍ପର୍କରେ ବିଡିଓ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଏ ସମ୍ପର୍କରେ ଅଭିଯୋଗ ପାଉଛି । ଏଥି ସକାଶେ ସହକାରୀ ଯନ୍ତ୍ରୀଙ୍କୁ ଆସନ୍ତା ସୋମବାର ସୁଦ୍ଧା ଏହି ରାସ୍ତା କାର୍ଯ୍ୟର ତଦନ୍ତ କରି ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ବିଡିଓ ଶ୍ରୀ ସାମଲ କହିଛନ୍ତି । ଏଠି ପ୍ରଶ୍ନ ଉଠୁଛି ଯେଉଁ ଯନ୍ତ୍ରୀ ବିଲ୍ କରିଛନ୍ତି ସେ କିଭଳି ତଦନ୍ତ କରିବେ ତାହା ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇପାରିବ ।

# ବିକଶିତ ଭାରତ ଯୁବ ନେତୃତ୍ୱ ପାଇଁ ପ୍ରସ୍ତୁତି

● ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ୨୮ ରେ

ଯାଜପୁର,୧୪।୧୧(ସମିସ): ଆଗାମୀ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ପାଇଁ ଜିଲ୍ଲା ଦଳ ଚୟନ କରିବାକୁ ଯାଜପୁର ଜିଲ୍ଲା ପ୍ରସ୍ତୁତ ହେଉଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ନଭେମ୍ବର ୨୮ ତାରିଖରେ "ସାଂସ୍କୃତିକ ଏବଂ ନବସୃଜନ ଟ୍ରାକ୍' ଉପରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଦିନିକିଆ ଉତ୍ସବ ଯାଜପୁର ଟାଉନସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମିଳିତ ଭାବେ ଆୟୋଜିତ ହେବ । ଗୁରୁବାର ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ଚୂଡ଼ାନ୍ତ ହୋଇଛି । ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ସମସ୍ତ ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ନଭେମ୍ବର ୩୦ ସୁଦ୍ଧା ଶେଷ ହେବା ଆବଶ୍ୟକ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଗଳ୍ପ ଲିଖନ, ଚିତ୍ରାଙ୍କନ, ଦଳଗତ ଲୋକ ନୃତ୍ୟ, ଦଳଗତ ଲୋକ ସଙ୍ଗୀତ, କବିତା ଲିଖନ, ନବସୃଜନ (ବିଜ୍ଞାନ ମେଳା ପ୍ରଦର୍ଶନୀ) ଅନୁଷ୍ଠିତ ହେବ । ପ୍ରତ୍ୟେକ ବର୍ଗରୁ ଶ୍ରେଷ୍ଠ ଦୁଇଜଣ ପ୍ରତିଯୋଗୀ ବା ଦଳ ଯାଜପୁର ଜିଲ୍ଲା ଦଳ ଗଠନ କରିବେ । ଏହି ଦଳ ପରବର୍ତ୍ତୀ ସମୟରେ ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟାରେ ଜିଲ୍ଲାର ପ୍ରତିନିଧିତ୍ୱ କରିବ । ରାଜ୍ୟସ୍ତରର ବିଜେତାମାନେ ଜାତୀୟ ସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପକୁ ଅଗ୍ରସର ହେବେ ।

# ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ସଫଳତା



ମଇଁଦା,୧୪।୧୧(ସମିସ): ଭୁବନେଶ୍ୱରସ୍ଥିତ କ୍ୟାପିଟାଲଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଜୁନିୟର ବିଭାଗର କୁଇଜରେ ବିରାଜିତା କର ପ୍ରଥମ ସ୍ଥାନ ଅଧିକାର କରି ବିଞ୍ଝାରପୁର ପାଇଁ ଗୌରବ ଆଣିଛନ୍ତି । ବିରାଜିତା ବିଞ୍ଝାରପୁର ଶିକ୍ଷାମଣ୍ଡଳ ଅରେଇସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ହୋଇଥିଲା ବେଳେ ସେ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ କରଙ୍କର ଝିଅ ଅଟନ୍ତି । ବିରାଜିତା ଜଣେ ମେଧାବୀ ଛାତ୍ରୀ ଭାବରେ ଜଣାଶୁଣା ଥିଲେ । ସେ ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଜୁନିୟର କୁଇଜ ବିଭାଗରେ ପ୍ରଥମସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତା ପାଇଁ ବିବେଚିତ ହୋଇଥିଲେ ।

# ବିଏସ୍ କଲେଜ ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ବଡ଼ଚଣା,୧୪।୧୧(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ "ସବୁଜ କୃଷି ଏବଂ ଧାରଣୀୟ ବିକାଶର ଲକ୍ଷ୍ୟ ସମୂହ' ଶୀର୍ଷକ ଏକ ଆଲୋଚନାଚକ୍ର ଆଜି ମହାବିଦ୍ୟାଳୟସମ୍ମିଳନୀ କକ୍ଷରେଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶମ୍ଭୁନାଥ ହେମ୍ବ୍ରମ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ତଥା ଶୀର୍ଷକ ବିଶେଷଜ୍ଞ ଭାବେ ଯାଜପୁର ଜିଲ୍ଲା ମୁଗପାଳ ସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ଅଧ୍ୟକ୍ଷା ଶାରଦା କର ଯୋଗଦେଇ ଆଲୋଚନା କରିଥିଲେ । ଅର୍ଥନୀତି ବିଭାଗର ତୃତୀୟ ବର୍ଷର ଛାତ୍ରୀ ମଧୁସ୍ମିତା ବଳ ଓ ଅଙ୍କିତା ଓଝା ଶୀର୍ଷକ ସମ୍ପର୍କିତ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଛାତ୍ରୀ ଅଙ୍କିତା ଓଝା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଜଗା ଶିଶୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର




ବରୀ,୧୪।୧୧(ସମିସ): ଗୋପବନ୍ଧୁ-ରମାଦେବୀ ଆଶ୍ରମ ବରୀ ପରିସରରେ ଜଗା ଶିଶୁ ସାହିତ୍ୟ ସଂସଦର ୩୨ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି କପିଳ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିତ କାମଦେବ ଶତପଥି ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ କବି ଭୁବନ ମୋହନ ମହାନ୍ତି, ମୁଖ୍ୟବକ୍ତା ଭାବେ ଡ. ମହେଶ୍ୱର ଜେନାସାମନ୍ତ ଓ ସମ୍ମାନିତ ବକ୍ତାଭାବେ ଶରତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଶିଶୁ ସାହିତ୍ୟର ପ୍ରସାର ପ୍ରଚାର ବ୍ୟାପକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଷ୍ଠାନର ଉପସଭାପତି ଶରତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ଅଜୟ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅନୂସୟା ଜେନାଙ୍କ ସମ୍ପାଦନାରେ ପ୍ରକାଶିତ ଶିଶୁ କିଶୋର ପତ୍ରିକା 'ଶିଶୁ ସୁଧାର' ଶିଶୁ ଦିବସ ସଂଖ୍ୟା ଓ କବି ନିର୍ମଳ କୁମାର ଗିରିଙ୍କ ଭ୍ରମଣ କାହାଣୀ 'ଅନୁଭବରେ ଆକାଶ' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ଓଡ଼ିଆ ଶିଶୁ ସାହିତ୍ୟର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାଶ, ଶିଶୁ ସାହିତ୍ୟିକ ଚନ୍ଦ୍ରଶେଖର ସାହୁ, ବଟକୃଷ୍ଣ ସ୍ୱାଇଁ, ସତ୍ୟବ୍ରତ ସାହୁ, ସମୀର କୁମାର ପାଢୀ ଓ ଲମ୍ବୋଦର ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସହସମ୍ପାଦକ ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ସାହିତ୍ୟିକ ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଗିନିଜ୍ ବୁକ୍ ବିଶ୍ୱ ରେକର୍ଡଧାରୀ ତଥା ପେପରମ୍ୟାନ୍ ଇଣ୍ଡିଆର ସମ୍ପାଦକ ଶଶାଙ୍କ ଶେଖର ଦାଶ ସମ୍ମାନିତ ଅତିଥି ଭାବେ ଯୋଇଦେଇଥିଲେ । କବି ଡ. ଅମୂଲ୍ୟ କୁମାର ପଣ୍ଡା ଓ ଝରଣା ମଲ୍ଲିକଙ୍କ ସଂଯୋଜନାରେ ବହୁ କବି ଯୋଗ ଦେଇ କବିତା ପାଠ କରିଥିଲେ ।

# ବାଲି ବୋଝେଇ ଟ୍ରାକ୍ଟର ଜବତ ଘଟଣା | ଟଙ୍କା କାରବାର ନେଇ ଅଡିଓ ଭାଇରାଲ

ବ୍ରହ୍ମବରଦା,୧୪।୧୧(ସମିସ): ବ୍ରହ୍ମବରଦା ଥାନା ଅଧୀନସ୍ଥ ଅର୍ଥଙ୍ଗା ପଞ୍ଚାୟତ ଚଅପୋଇ ମେଲଣ ପଡିଆ ନିକଟସ୍ଥ ବ୍ରାହ୍ମଣୀ ନଦୀ ପଠାରୁ ଗତକାଲି ରସୁଲପୁର ତହସିଲଦାର ଓ ବ୍ରହ୍ମବରଦା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଥିଲା । ଏହି ଘଟଣାରେ ବ୍ରହ୍ମବରଦା ପୁଲିସ ଗାଡ଼ି ଗୁଡିକୁ ୩୫ ହଜାର ଟଙ୍କା ଲାଞ୍ଚ ନେଇ ଛାଡ଼ି ଦେଇଥିବା ଏକ ଅଡିଓ ଭାଇରାଲ ହେଉଛି । ଏହି ଅଡିଓରେ ବାଲି ବିକ୍ରି କରୁଥିବା ମାଫିଆଙ୍କ ଫୋନ କଥାବାର୍ତ୍ତା ଭାଇରାଲ ହୋଇଛି । ବେଆଇନ ଭାବେ ବାଲି ବିକ୍ରି କରୁଥିବା ବ୍ୟକ୍ତି ଜଣଙ୍କ କହିବା ଅନୁଯାୟୀ ସେ ପ୍ରତିମାସ ବ୍ରହ୍ମବରଦା ପୁଲିସଙ୍କ କଥା ବୁଝନ୍ତି । ମାସିକ ୧୦ ହଜାର ଟଙ୍କା ସହିତ ଅନ୍ୟ ଜଣେ ଅଧିକାରୀଙ୍କୁ ଅଲଗା ଭାବେ ଆଉ କିଛି ଅର୍ଥ ଦେଇଥାନ୍ତି । ଟଙ୍କା ବଦଳରେ ପୁଲିସ ଅଭିଯୋଗ ପାଇବା ମାତ୍ରେ ବାଲିମାଫିଆଙ୍କୁ ଜଣାଇକି ଘାଟକୁ ଯିବାକୁ ସତର୍କ କରନ୍ତି । ହେଲେ ପୁଲିସ ବାବୁ କାହାରିକୁ କିଛି ନ ଜଣାଇ ଘାଟକୁ ମାଡି ଯିବା ଘଟଣା ମାଫିଆଙ୍କୁ ଭାରି ବାଧିଛି ବୋଲି ସେ କହିଛନ୍ତି । ଏହା ସହିତ ତହସିଲଦାରଙ୍କ ସହ ତାଙ୍କର କଥା ହୋଇଛି ବୋଲି ସେ ସେଥିରେ ଥାନାଧିକାରୀଙ୍କୁ କହୁଛନ୍ତି । ଆପଣ ସହଯୋଗ ନ କଲେ ଘାଟ ଛାଡିଦେବା ତଥା ଯେଉଁ ୧୦ ହଜାର ଟଙ୍କା ମାସିକ ପାଉଥିଲେ ଆଉ ପାଇପାରିବେ ନାହିଁ ବୋଲି ସେ ଥାନାଧିକାରୀଙ୍କୁ ଚେତାବନୀ ଦେଉଛନ୍ତି । ଏହା ସହିତ ସ୍ଥାନୀୟମେଲଣ କମିଟିକୁ ୨ ଲକ୍ଷ ଟଙ୍କା ଚାନ୍ଦା ଦେଉଥିବା, ଗାଡି ପିଚ୍ଛା ୧୫୦ ଟଙ୍କାରେ ମୁଁ କେତେ ରୋଜଗାର କରିବି ବୋଲି କହିଥିବା ଅଡିଓ ଭାଇରାଲ ହେଉଛି ।

# ବିଡିଓଙ୍କ କଣ୍ଟିଗଡ଼ିଆ ବଡ଼ପୋଖରୀ ପରିଦର୍ଶନ

ଧର୍ମଶାଳା,୧୪।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମରେ ଥିବା ରାଜରାଜୁଡା ଅମଳର ବଡ଼ପୋଖରୀର ପୁନଃରୁଦ୍ଧାର ସହ ଉନ୍ନତିମୂଳକ କାର୍ଯ୍ୟ ପର୍ଯ୍ୟଟନ ବିଭାଗ ଓ ପ୍ରଶାସନ ତରଫରୁ କରାଯାଉଥିବା ବେଳେ ଆଜି ପୂର୍ବାହ୍ନରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ପରିଦର୍ଶନରେ ଆସି ବୁଲି ଦେଖିବା ସହ ଏହାର କାର୍ଯ୍ୟ କିପରି ଆଗକୁ କରାଯିବ ସେବିଷୟରେ ଅନୁଧ୍ୟାନ ଓ ସମୀକ୍ଷା କରିଥିଲେ । ଏହି ବଡ଼ପୋଖରୀ କାର୍ଯ୍ୟ ଶେଷ ହେବା ପରେ ଧର୍ମଶାଳା ବ୍ଲକର ଏକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେବ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଡିଓଙ୍କ ସହ ସହକାରୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା, ରଜତ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ମୋନାଲିସା ନାୟକ ଓ ଏଇଇ ପ୍ରଶାନ୍ତି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



# ଅଗ୍ନିବିପନ୍ନଙ୍କୁ ସହାୟତା

ବରୀ,୧୪।୧୧(ସମିସ): ଅଗ୍ନିକାଣ୍ଡରେ ବେସାହାରା ହୋଇପଡ଼ିଥିବା ବରୀ ବ୍ଲକ ଅନ୍ତର୍ଗତ କଳାମାଟିଆ ପଞ୍ଚାୟତ ଅନ୍ତର୍ଗତ ତଳକାଇପଡ଼ା ଗ୍ରାମର ବଳଭଦ୍ର ଦାସ, ସୁକୁମାରି ଦାସ, ବିନୋଦ ବିହାରୀ ଦାସ ଓ ବିଜୟ ଦାସଙ୍କ ପରିବାରକୁ ସହାୟତା ଯୋଗାଇ ଦେଇଛନ୍ତି ସ୍ଥାନୀୟ ବିଧାୟକ ବିଶ୍ୱରଞ୍ଜନ ମଲିକ । ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯିବ ସେ ନେଇ ବ୍ଲକ ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ବୁଲୁ ଯାଦବ, ପ୍ରଶାନ୍ତ ରାଉତ, ବ୍ଲକ ବିଜେଡି ସଭାପତି କେଦାରସାମଲ, ସଞ୍ଜୟରାୟ, ବିଜୟସିହ୍ନା, ଶାନ୍ତନୁ ମଲ୍ଲିକ, ଅନ୍ୟାସୀପୁର ସରପଞ୍ଚଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ର ଓ ସମିତି ସଭ୍ୟ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପାକ୍ସରେ ସମବାୟ ସପ୍ତାହ

ମଙ୍ଗଳପୁର,୧୪।୧୧(ସମିସ): ଦଶରଥପୁର ବ୍ଲକ କମାରଡ଼ିହି ପାକ୍ସରେ ଆଜି ସମବାୟ ସପ୍ତାହ ପାଳିତ ହୋଇଯାଇଛି । ପାକ୍ସ ସଭାପତି ଭାଗିରଥି ସାହୁ ସମବାୟ ପତାକା ଉତ୍ତୋଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ପାକ୍ସ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ସହସମ୍ପାଦକ ପ୍ରଦୀପ ନାୟକ, କର୍ମଚାରୀ ପଲ୍ଲିଶ୍ରୀ ସାହୁ, ପାକ୍ସର ବରିଷ୍ଠ ସଭ୍ୟ ପଞ୍ଚାନନ ମଲ୍ଲିକ, ଜୟପ୍ରକାଶ ନାୟକ, ଶୈଳେନ୍ଦ୍ର ମହାପାତ୍ର, ଉପସଭାପତି ସୁକାନ୍ତି ଦାସ ପ୍ରମୁଖ ଯୋଗଦେଇ ସମବାୟ ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇ ଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରମେଶ ଦାସ ସହଯୋଗ କରିଥିଲେ ।


**କଯାଁଗୋଲା:** ବିରିପଟା ପ୍ରାଥମିକ କୃଷି ସମବାୟ ସମିତିରେ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱଜିତ ଧଳ, ମନୋଜ କୁମାର ଧଳ, ତାପସ ସାମଲ, ବସନ୍ତ ସାମଲ, ପ୍ରମୋଦ ଦାସ ପ୍ରମୁଖଙ୍କ ଉପସ୍ଥିତିରେ ସମବାୟ ପତାକା ଉତ୍ତୋଳନ କରାଯାଇଥିଲା । ସମିତି ମାଧ୍ୟମରେ ସରକାର ଚାଷୀ ଭାଇଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଦେଉଛନ୍ତି । ଚାଷୀ ଭାଇ ମାନେ ଏହାର ଲାଭ ନିଅନ୍ତୁ, ସ୍ୱଳ୍ପ ହାର ସୁଧରେ ଋଣ ନେଇ ଠିକ୍ ସମୟରେ ପରିଶୋଧକଲେଚାଷୀଲାଭବାନହେବେବୋଲିସଂପାଦକବିଶ୍ୱଜିତଧଳକହିଥିଲେ ।

# କୋରେଇରେ ଶିଶୁ ସ୍ୱାସ୍ଥ୍ୟ ଶିବିର




ଶଙ୍ଖଚିଲା,୧୪।୧୧(ସମିସ): କୋରେଇ ଉନ୍ନୟନ ପରିଷଦ ତରଫରୁ କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ତଣ୍ଡରା ଗ୍ରାମସ୍ଥିତ କନକେସ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଶିଶୁ ସ୍ୱାସ୍ଥ୍ୟ ଶିବିର ଅନୁଷିତ ହେଇଯାଇଛି । ଏହି ଶିବିରକୁ ପରିଷଦର ସଭାପତି ଶ୍ରୀଧର ଦାସଙ୍କ ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି ସନ୍ତୋଷ ସ୍ୱାଇଁ, ଗ୍ରାମ କମିଟି ସମ୍ପାଦକ ଉପେନ୍ଦ୍ର ସ୍ୱାଇଁ ପ୍ରଧାନ ଉପସ୍ଥିତିରେ ଶିବିରକୁ ଆରମ୍ଭ କରାଯାଇଥିଲା । ପରେ କଟକ ଶିଶୁଭବନର ଶିଶୁ ରୋଗ ବିଶେଷଜ୍ଞ ବିଶ୍ୱନାଥ ପ୍ରତାପ ଦାସଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ପରିଷଦର ଉପଦେଷ୍ଟା ସମ୍ପାଦକ ଆଲୋକ କୁମାର ଦାଶ, କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ, ବରିଷ୍ଠ ସଭ୍ୟ ଶରତ ଚନ୍ଦ୍ର ପୃଷ୍ଟି, ସୂର୍ଯ୍ୟମଣି ମହାପାତ୍ର, ଅନିରୁଦ୍ଧ ମିଶ୍ର, ବିମଳେନ୍ଦୁ ସାହୁ, ପ୍ରଭାକର ସାହୁ, ମଣିଚରଣ ପଣ୍ଡା, ଜଗନ୍ନାଥ ଦାସ ସମେତ ମା' ଛାଟକୁମ ହାଇସ୍କୁଲର ଶିକ୍ଷକ ବିବେକାନନ୍ଦ ସାହୁ, ଶରତ ମଲ୍ଲିକ, ସୌମ୍ୟରଞ୍ଜନ ପରିଡ଼ା, ଅଭିଷେକ ପରିଡା, ଗଜେନ୍ଦ୍ର ମଲ୍ଲିକ ଉପସ୍ଥିତ ରହିଥିଲେ । ସେହିପରି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ପାଗଡ଼ ଏହି ଶିବିରକୁ ସଫଳ କରାଇବାରେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଦେଇଥିଲେ । ଏହି ଶିବିରରେ ୭୦ ଜଣ ଊର୍ଦ୍ଧ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଶେଷରେ କୋଷାଧକ୍ଷ ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁକୁ ଆସିଲା ମହାଲକ୍ଷ୍ମୀଙ୍କ ପ୍ରତିମା



ଦାନଗଦି,୧୪।୧୧(ସମିସ): ଦାନଗଦୀ ବ୍ଲକ ଶାଳିଜଙ୍ଗା ଗ୍ରାମରେ ଦୀର୍ଘଦିନ ହେବ ମା' ମହାଲକ୍ଷ୍ମୀଙ୍କର ଏକ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟଚାଲିଛି । ଦାନଗଦୀ ବ୍ଲକରେ ଏପରି ଏକ ମହାଲକ୍ଷ୍ମୀଙ୍କ ମନ୍ଦିର କେଉଁଠି ନାହିଁ । ମହାଲକ୍ଷ୍ମୀ ମା'ଙ୍କର ଏକ ପ୍ରତିମୂର୍ତ୍ତି ମନ୍ଦିର ପ୍ରତିଷ୍ଠା ପାଇଁ ଗାଁରେ ଆସି ପହଁଚିଛି । ମା'ଙ୍କ ପ୍ରତିମୂର୍ତ୍ତି ଗାଁରେ ପହଞ୍ଚିବା ପରେ ଏକ ଭକ୍ତିମୟ ପରିବେଶରେ ଶଙ୍ଖ, ଘଣ୍ଟ, ସଂକୀର୍ତ୍ତନ ଭିତରେ ଗ୍ରାମ ପରିକ୍ରମା କରାଯାଇଥିଲା । ଜଗନ୍ନାଥ ଧାମ ପୁରୀରୁ ଦୁଇଜଣ ପଣ୍ଡିତଙ୍କ ଦ୍ୱାରା ଆସ୍ଥାନ ପୂଜା ସମ୍ପନ କରି ମା'ଙ୍କୁ ଅବସ୍ଥାନ କରାଯାଇଛି । ଆସନ୍ତା ଡିସେମ୍ବର ୩ ତାରିଖ ଦିନ ମା' ମହାଲକ୍ଷ୍ମୀଙ୍କର ଚଳନ୍ତି ପ୍ରତିମାର ବିଗ୍ରହ ସ୍ଥାପନ ଓ ନବ ଯୌବନ ଦର୍ଶନ ହେବ ବୋଲି ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି ।

# ବରୀରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ବରୀ,୧୪।୧୧(ସମସ): ଚାଷୀ ଓ ଚାଷର ଗୁଣାତ୍ମକ ମାନର ବିକାଶ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ସମ୍ମୁଖ ପଡିଆରେ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୯ଟି ପଞ୍ଚାୟତର ବହୁ ଚାଷୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡ. ରବିନାରାୟଣ ବେହେରା ଓ ମୁଖ୍ୟବକ୍ତା ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇଥିଲେ । ଏହି ଅବସରରେ କୃଷି କ୍ଷେତ୍ର ଉଲ୍ଲେଖନୀୟ ସଫଳତା ପାଇଁ ବିଭିନ୍ନ ବର୍ଗର ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ସୁବ୍ରତ କୁମାର ମହାପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ରଶ୍ମିତା ବେହେରା, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଭକ୍ତ ଚରଣ ସେଠୀ ପ୍ରମୁଖ ଯୋଗ ଦେଇଥିବା ବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ କୁମାର ମହାନ୍ତି, ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ୍ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ । ଶେଷରେ ରଶ୍ମି ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସ୍ୱାଗତିକା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଦଶରଥପୁରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ଦଶରଥପୁର,୧୪।୧୧(ସମିସ): ଦଶରଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦଶରଥପୁର ବ୍ଲକ ପ୍ରାଣୀସମ୍ପଦ ଅଧିକାରୀ ବିଶ୍ୱନାଥ ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଦଶରଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲ୍ଲୀ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ନିନାରାଣୀ ସାମଲ, ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ପର୍ଶୁରାମ ତ୍ରିପାଠୀ, ଜିଲ୍ଲା ସହକାରୀ ପ୍ରାଣୀସମ୍ପଦ ଅଧିକାରୀ ବିମଳ ମହାପାତ୍ର, ସୁଶାନ୍ତ ମହାପାତ୍ର ପ୍ରମୁଖ ଉନ୍ନତ ପ୍ରଣାଳୀର ଛେଳି ଚାଷ, କୁକୁଡ଼ା ଚାଷ, ବତକ ଚାଷ କରି ଲାଭବାନ ହେବାକୁ ଇ-ସେବା ପୋର୍ଟାଲରେ ଆବେଦନ କରି ସରକାରଙ୍କ ସମସ୍ତ ଯୋଜନାର ସୁଫଳ ନେବାକୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବ୍ଲକର ୪ ଜଣ ମତ୍ସ୍ୟଚାଷୀ ଏବଂ ୪ ଜଣ ପ୍ରାଣୀସମ୍ପଦ ଚାଷୀଙ୍କୁ ୧ହଜାର ଅର୍ଥରାଶି, ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## କ୍ରୋନିକ୍ କିଡ୍ନୀ ଡିଜିଜ୍ ସଚେତନତା ଶିବିର

# ଯାଜପୁରକୁ କ୍ରୋନିକ୍ ମୁକ୍ତ ଜିଲ୍ଲା କରିବାକୁ ସଂକଳ୍ପ




ସୁକିନ୍ଦା, ୧୪।୧୧(ସମିସ)

ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକର ସୁକିନ୍ଦା ମହାବିଦ୍ୟାଳୟ ଅଡିଟୋରିୟମ୍‌ରେ ଜିଲ୍ଲା ପ୍ରଶାସନ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମିଳିତ ଉଦ୍ୟମରେ ଆଜି କ୍ରୋନିକ୍ କିଡ୍ନୀ ଡିଜିଜ୍ ସଚେତନତା, ପ୍ରତିରୋଧ, ଯତ୍ନ ଓ ପରିଚାଳନା ବିଷୟରେ ଏକ ଟ୍ରେନିଂ କମ କ୍ୟାପାସିଟି ବିଲ୍ଡିଂ ପ୍ରୋଗ୍ରାମ ଆୟୋଜିତ ହୋଇଯାଇଛି। ଉକ୍ତ ଦିବସରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳରେ କ୍ରୋନିକ କିଡ୍ନୀ ଡିଜିଜ ଗୁରୁତର ସମସ୍ୟା ଭାବେ ଦେଖାଦେଉଛି ବୋଲି କହିଥିଲେ। ଡିଏମଏଫ ଯାଜପୁର ମାଧ୍ୟମରେ ପ୍ରତିରୋଧ, ଶୀଘ୍ର ଚିହ୍ନଟ ଏବଂ ମାଗଣା ଡାଏଲିସିସ ସୁବିଧାକୁ ଗାଁକୁ ପହଞ୍ଚାଇବାକୁ ଗୁରୁତ୍ୱ ଦେଉଛୁ ବୋଲି କହିଥିଲେ। ଏହି ପ୍ରଶିକ୍ଷଣ ଫ୍ରଣ୍ଟଲାଇନ୍ ସ୍ୱାସ୍ଥ୍ୟକର୍ମୀ ଓ ଲୋକମାନଙ୍କ ମଧ୍ୟରେ ଜ୍ଞାନ ଓ ସଚେତନତା ବୃଦ୍ଧି କରିବ। ଡିଏମଏଫର ସହଯୋଗରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାପିତ ୫-ଶଯ୍ୟା ବିଶିଷ୍ଟ ଡାଏଲିସିସ ସେଣ୍ଟର ଖଣିପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ। ଏହା ରୋଗୀମାନଙ୍କ ଅର୍ଥନୈତିକ ଭାର କମାଇବା ସହିତ ଗୁଣତ୍ତମ ସ୍ୱାସ୍ଥ୍ୟ ସେବାକୁ ତାଙ୍କ ଦ୍ୱାର ସମ୍ମୁଖରେ ପହଞ୍ଚାଇବ। ଏଥିରେ ମୁଖ୍ୟବକ୍ତା ଭାବେ ଡା. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଯାଜପୁର ଜିଲ୍ଲାରେ ଖଣି ପ୍ରଭାବିତ ଅଞ୍ଚଳ ଯଥା ଦାନଗଦି ଓ ସୁକିନ୍ଦା ଆଦି କ୍ଷେତ୍ରରେ ଏହାର ପ୍ରଭାବ ଅଧିକ। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଏମଏଫ୍‌ର ସହଯୋଗରେ ଡାଇଆଲିସିସ ସେଣ୍ଟର୍ ସ୍ଥାପିତ ହେବା ଏକ ଐତିହାସିକ ପଦକ୍ଷେପ। ଉକ୍ତ ଦିବସରେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର କହିଲେ ଯାଜପୁର ଜିଲ୍ଲାର କିଛି ଅଞ୍ଚଳରେ କ୍ରୋନିକ୍ କିଡ୍ନୀ ରୋଗ ବର୍ତ୍ତମାନ ଚିନ୍ତାର ବିଷୟ ହୋଇଉଠିଛି। ଏହା କେବଳ ଏକ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ ଏହା ପରିବାର, ଆର୍ଥିକ ଭାର, ଶ୍ରମଶକ୍ତିର କ୍ଷୟ ଓ ସାମାଜିକ ପ୍ରତିଫଳ ସହ ଜଡ଼ିତ। ଏହି ପରିସ୍ଥିତିରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗ୍ରାମ ମାଟି ପର୍ଯ୍ୟନ୍ତ ସକ୍ଷମ ଓ ପ୍ରତିରୋଧୀମୂଳକ କରିବା ଆମ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ। ପ୍ରତ୍ୟେକ ବ୍ଲକରେ ସିକେଡି ସ୍କ୍ରିନିଂ ୟୁନିଟ୍, ସଚେତନତା କ୍ୟାମ୍ପ ଏବଂ ରୋଗୀଙ୍କ ନିୟମିତ ପରୀକ୍ଷା ପାଇଁ ସ୍ଥାୟୀ ବ୍ୟବସ୍ଥା ଗଡ଼ିଉଠୁଛି। ଏହା ଫଳରେ ରୋଗୀମାନେ ଦୂରକୁ ଯିବାକୁ ପଡ଼ିବ ନାହିଁ, ବ୍ଲକ ସ୍ତରରେ ତାଙ୍କ ଚିକିତ୍ସା ସୁବିଧା ସୁନିଶ୍ଚିତ ହୋଇପାରିବ। ଯାଜପୁରକୁ କ୍ରୋନିକ ମୁକ୍ତ ଜିଲ୍ଲା କରିବା ଆମ ସମସ୍ତଙ୍କ ଦୃଢ଼ ସଂକଳ୍ପ। ଉକ୍ତ ଦିବସରେ ଯୋଗଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର କହିଲେ ଆମ ଜିଲ୍ଲାରେ ନିତ୍ୟ ବୃଦ୍ଧି ପାଉଥିବା କ୍ରୋନିକ୍ କିଡ୍ନୀ ଡିଜିଜ୍ ରୋଗୀମାନଙ୍କ ସଂଖ୍ୟା ଆମ ପାଇଁ ଏକ ଚିନ୍ତାର ବିଷୟ। ଏହି ରୋଗ ଚିକିତ୍ସା ମାତ୍ର ନୁହେଁ, ପ୍ରତିରୋଧ ଓ ସଚେତନତା ମଧ୍ୟ ତିନିଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଡିନ୍ ତଥା ଅଧ୍ୟକ୍ଷ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଡା. ସୀତାରାମ ମହାପାତ୍ର, ସୁପେରିଣ୍ଟେଣ୍ଡେଣ୍ଟ ଡା ମନୋରମା ସ୍ୱାଇଁ, ଏଡିଏମଓ ଡା ରମେଶ ଚନ୍ଦ୍ର ମଲ୍ଲିକ, ବିଡିଓ ଦାନଗଦି, ବିଡିଓ ସୁକିନ୍ଦା, ତହସିଲଦାର ଦାନଗଦି, ତହସିଲଦାର ସୁକିନ୍ଦା, ବିଭିନ୍ନ ବିଭାଗର ଚିକିତ୍ସା ଅଧିକାରୀ, ଏମ୍ସ, କିମ୍ସ, ସମ୍, ଏସସିବି, ଯଯାତି କେଶରୀ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତର, ବିଭିନ୍ନ ବିଭାଗର ଅଧିକାରୀ, ରୋଗୀ, ସାଧାରଣ ଲୋକ, ଆଶା, ଏଏନଏମ୍, ସମୁଦାୟ ସ୍ୱାସ୍ଥ୍ୟ କର୍ମୀ, ଡାକ୍ତର ଓ ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇଥିଲେ।

## ଅଗ୍ନିକାଣ୍ଡରେ ଧାନ ଗଦା ଜଳିଗଲା

**କବାଟବନ୍ଧ, ୧୪।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧିନ ସିଧାପାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଧାନ ଗଦା ଏବଂ ପାଳ ଗଦା ପୋଡି ଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ସିଧା ପାଳ ଗ୍ରାମର ଧରଣୀଧର ପ୍ରଧାନ ଧାନ ପେଡେଇବା ପାଇଁ ଏକ ଟ୍ରାକ୍ଟର ମେସିନ ରେ ନିଜ ଘର ପାଖରେ କାମ କରୁଥିବା ସମୟରେ ୧୧ କେଭି ଇଲେକ୍ଟ୍ରି ତାରରୁ ସ୍ପାର୍କ କରି ଉକ୍ତ ଧାନ ଗଦାରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିବା ପୂର୍ବରୁ ପାଖରେ ଥିବା ପାଳ ଗଦାରେ ମଧ୍ୟ ନିଆଁ ଲାଗି ଯାଇଥିଲା। ଏଥିରେ ତାଙ୍କର ପ୍ରାୟ ୨୦ ହଜାର ଟଙ୍କାର କ୍ଷତି ହୋଇଥିବା ଅନୁମାନ କରାଯାଉଛି। ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ନାବାଳିକାକୁ ଶାରୀରିକ ଓ ମାନସିକ ନିର୍ଯାତନା

**ପାଣିକୋଇଲି, ୧୪।୧୧(ସମିସ):** ବିବାହର ପ୍ରଲୋଭନ ଦେଖାଇ ନାବାଳିକାକୁ ନେଇ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗରେ ପାଣିକୋଇଲି ପୁଲିସ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ତେଲିଆ ବନ୍ଧରେ ରହୁଥିବା ସନାତନ ମୁଣ୍ଡା କେଉଁଟନଗୁଆଁ ଗ୍ରାମର ଜନୈକ ନାବାଳିକାକୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ସ୍ଥାପନା କରିଥିଲେ। ଏକ ବର୍ଷ ଧରି ସମ୍ପର୍କ ରଖିବା ପରେ ନାବାଳିକାକୁ ଆନ୍ଧ୍ର ପ୍ରଦେଶର ତିରୁପତି ନେଇ ସେଠାରେ ଭଡ଼ା ଘରେ ରଖିଥିଲା। ଏକ ମାସ ପରେ ତାକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆଣି ଛାଡିଥିଲା। ଏନେଇ ନାବାଳିକା ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୩୭୧/୨୫ ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତାଧିକାରୀ ବିଶ୍ୱରଞ୍ଜନ ଦାସ ଅଭିଯୁକ୍ତ ସନାତନକୁ ଗିରଫ କରିବା ପରେ ଉଭୟଙ୍କ ବୟାନ ରେକର୍ଡ ଓ ଡାକ୍ତରୀ ମାଇନା ପରେ ଆଜି ଅଭିଯୁକ୍ତ ସନାତନକୁ ଆଜି କୋର୍ଟଚାଲାଣ କରିଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ପାଣିକୋଇଲି, ୧୪।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ରଙ୍ଗାରଙ୍ଗା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସରୋଜିନୀ ସାହୁ ଓ ସହକାରୀ ଶିକ୍ଷକ ବସନ୍ତ କୁମାର ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଉପଦେଷ୍ଟା କୀର୍ତ୍ତନ ଚରଣ ଦାଶଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବୃନ୍ଦାବନ ସାହୁ ଓ ସମ୍ମାନିତ ଅତିଥିଭାବେ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସୁଶାନ୍ତ ମାଝୀ, ଦୁଃଶାସନ ସାମଲ, ସତ୍ୟଭାମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଲକ୍ଷ୍ମୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକସାହି ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



**ମଙ୍ଗଳପୁର, ୧୪।୧୧(ସମିସ):** ଦଶରଥପୁର ବ୍ଲକ ବିହାରୀ ପଞ୍ଚାୟତ ପାଇକସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଶିଶୁଦିବସ ପାଳନ ଓ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଦିନ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ପଣ୍ଡା ଶିକ୍ଷକତା ସେବାରୁ ଅବସର ନେଇଥିଲେ ତାଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ନଦା ପ୍ରସାଦ ରଣା, ମୁଖ୍ୟବକ୍ତା ଭାବେ କମଳାକାନ୍ତ ସନ୍ଧିବିଗ୍ରହ, ସମ୍ମାନିତ ଅତିଥି ରୂପେ ପ୍ରମୋଦ କୁମାର ପାଣିଗ୍ରାହୀ, ସୁରେନ୍ଦ୍ର ନାରାୟଣ ଦାସ ମହାପାତ୍ର, ବିହାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ସାମଲଙ୍କ ସମେତ ସେହି ଅଞ୍ଚଳର କେତେକ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଯୋଗଦେଇଥିଲେ। ପାଇକ ସାହି ସାଧନ କେନ୍ଦ୍ର ସଂଯୋଜକ ପ୍ରବୀର କୁମାର ନାୟକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅବସର ନେଇଥିବା ପ୍ରଧାନ ଶିକ୍ଷକ ଦେବବ୍ରତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଅତିଥି ମାନେ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ତତ୍ପରେ ବିଦ୍ୟାଳୟ ତରଫରୁ ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦୀକ୍ଷିତ ଓ ସହକାରୀ ଶିକ୍ଷକ ଶାନ୍ତନୁ କୁମାର ଗୋଛାୟତ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଘୁଆଶୁଣି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବ୍ରହ୍ମ ଦେବ କାନୁନ୍ ଗୋ ସହଯୋଗ କରିବା ସହ ଅତିଥିମାନଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭାକାର୍ଯ୍ୟ ସାଙ୍ଗ କରିଥିଲେ।

## ପାରା ଆଥଲେଟ୍‌ଙ୍କୁ ହୁଇଲଚେୟାର ପାଇଁ ଦାବି



**ଯାଜପୁର, ୧୪।୧୧(ସମିସ):** ସୁକିନ୍ଦା ବ୍ଲକ ବର୍ତ୍ତଣ୍ଡା ପଞ୍ଚାୟତ ସୋଲାପୁର ଗ୍ରାମର ପାରା ଆଥ୍‌ଲେଟ୍ ନିତୁ ପ୍ରଧାନ (୨୬)ଙ୍କୁ ହୁଇଲ୍ ଚେୟାର ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି। ସେ ଓଡ଼ିଶା ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ-୨୦୨୫ରେ ଡିସ୍‌କସ୍ ଥ୍ରୋ ଖେଳି ସ୍ୱର୍ଣ୍ଣପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପାରା ଆଥ୍‌ଲେଟିକ୍ସ ଖେଳାଳିଙ୍କୁ ନିଓମୋସନ ହୁଇଲ ଚେୟାର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥାଏ। ଏହି ହୁଇଲ ଚେୟାରରେ ପାରା ଆଥ୍‌ଲେଟିକ୍ସ ଖେଳାଳିଙ୍କୁ ଖେଳିବା ପାଇଁ ସୁବିଧା ହୋଇଥାଏ। ମାତ୍ର ସ୍ୱର୍ଣ୍ଣ ପଦକ ବିଜୟିନୀ ନିତୁ ପ୍ରଧାନଙ୍କୁ ଅଦ୍ୟାବଧି ନିଓମୋସନ ହୁଇଲ ଚେୟାର ମିଳିପାରିନାହିଁ। ରାଜ୍ୟର ସମସ୍ତ ଜିଲ୍ଲାରେ ପାରା ଆଥ୍‌ଲେଟିକ୍ସ ଖେଳାଳିଙ୍କୁ ନିଓମୋସନ ହୁଇଲ ଚେୟାର ପ୍ରଦାନ କରାଯାଇଥିବା ବେଳେ ଯାଜପୁର ଜିଲ୍ଲାର ଅଦ୍ୟାବଧି କୌଣସି ପାରା ଆଥ୍‌ଲେଟିକ୍ସ ଖେଳାଳିଙ୍କୁ ନିଓମୋସନ ହୁଇଲ ଚେୟାର ଦିଆଯାଇନାହିଁ। ଯାହାକୁ ନେଇ ପାରା ଆଥଲେଟିକ ଖେଳାଳି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପାରା ଆଥଲେଟିକ ଖେଳାଳିଙ୍କୁ ରାଜ୍ୟ ସରକାର ଖେଳରେ ଗୁରୁତ୍ୱ ଦେଉଥିବା ବେଳେ ଜିଲାର ସାମାଜିକ ସୁରକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେବା କେତେଦୂର ଯଥାର୍ଥ ବୋଲି ଅଭିଯୋଗ କରିଛନ୍ତି। ନିତୁଙ୍କୁ ଏହି ହୁଇଲ ଚେୟାର ସରକାରଙ୍କ ପକ୍ଷରୁ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସାମାଜିକ ସୁରକ୍ଷା ଅଧିକାରିଣୀ ଜାନକୀ ହେମ୍ବ୍ରମଙ୍କୁ ପଚାରିବାରେ ପାରା ଆଥଲେଟିକ ଖେଳାଳି ତାଙ୍କ ପାଖକୁ ଆସିନଥିବା ବେଳେ ଜିଲାପାଳଙ୍କୁ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଏହି ପତ୍ର ଆମ କାର୍ଯ୍ୟାଳୟକୁ ଆସିଲେ ନିଶ୍ଚୟ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଥିଲେ।

## ଶିଶୁ ମହୋତ୍ସବରେ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା, ୧୪।୧୧(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ନହେଶ୍ୱର ସାହୁ, ଅତିଥି ଭାବେ ଧର୍ମଶାଳା ତହସିଲଦାର ସମୀର ଦାସ, ବିଡିଓ ଜୋତିର୍ମୟ କର, ରସୁଲପୁର ତହସିଲଦାର ସିଦ୍ଧାର୍ଥ ଶଙ୍କର ବେହେରା, ରସୁଲପୁର ବିଡିଓ ସାତ୍ୟାନନ୍ଦ ଦାସ, ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏହା ପୂର୍ବରୁ ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍କୁଲରେ ହୋଇଥିବା ଚିତ୍ରାଙ୍କନ, ବକ୍ତୃତା ଓ ନୃତ୍ୟ ଏହି ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ତେବେ ବରିଷ୍ଠ ବିଭାଗ ନୃତ୍ୟରେ ଅଂଶଗ୍ରହଣ କରିଥିବା ସୁଭଦ୍ରାପୁର ୟୁପି ସ୍କୁଲ, ସାରୋଇ ସ୍କୁଲ, ଦେଉଳିପାଳ ସ୍କୁଲ, ଭେଙ୍କଟେଶ୍ୱର ପବ୍ଲିକ ସ୍କୁଲ, ଝାଟିଆ ୟୁପି ସ୍କୁଲ. ଗୁରୁକୁଳ ପବ୍ଲିକ ସ୍କୁଲ, ଧର୍ମଶାଳା ପବ୍ଲିକ ସ୍କୁଲ ଓ କୃଷ୍ଣପଡ଼ା ୟୁପି ସ୍କୁଲ ପ୍ରମୁଖ ୮ ଗୋଟି ସ୍କୁଲକୁ ପ୍ରମାଣପତ୍ର ସହ ନଗଦ ରାଶି ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ଦେବରାଜ ମିଶ୍ର, ଯୁବ ସଙ୍ଗଠକ ରାଜେଶ ପାଳ, ତୀର୍ଥରାଜ ପଣ୍ଡା, ସେକ ସମସୁଦ୍ଦିନ, ଲୋକନଥ ମହାନ୍ତି, ଗୌତମ କୁମର ସାହୁ, ଅଂଶୁମାନ ରଥ ସବ୍ୟସଚୀ ସୁନ୍ଦର ରାୟ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ ମହନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଦିବସ ପାଳନ ଓ ଆଇନ ସଚେତନତା ସଭା




**ଯାଜପୁର, ୧୪।୧୧(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ବ୍ଲକ ଅନ୍ତର୍ଗତ ଉପେନ୍ଦ୍ରନାଥ ଉଚ୍ଚବିଦ୍ୟାଳୟ ଅବଦଲପୁର ଠାରେ ଶିଶୁଦିବସ ପାଳନ କରାଯିବା ସହିତ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ସର୍ବେଶ୍ୱର ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତାଡ. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ଅତରିକ୍ତ ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ସିଡବ୍ଲୁସି ସଦସ୍ୟ ଜୟନ୍ତ ଗୋସ୍ୱାମୀ ଓ ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାର ସେନ ସେନାପତି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କେଦାର କୁମାର ନାଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ଷ୍ଟୁଡେଣ୍ଟ ଲିଗାଲ୍ କ୍ଲବ୍‌ର ଭାରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗୀତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଆଶାଲତା ଦତ୍ତ, ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା ଓ ଗାୟତ୍ରୀ ପଣ୍ଡାଙ୍କୁ ଟ୍ରଫି ପ୍ରଦାନ କରି ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣର କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଶିକ୍ଷାକର୍ମୀମାନେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ଶିଶୁ ଦିବସ

# ଶିଶୁଙ୍କ ବିକାଶ ଉପରେ ନିର୍ଭର କରେ ଦେଶର ବିକାଶ




**ବିଞ୍ଝାରପୁର, ୧୪।୧୧(ସମିସ):** ବିଞ୍ଝାରପୁର ବ୍ଲକର ସୟଦପୁର ପଞ୍ଚାୟତ ଅନ୍ତର୍ଗତ ମିର୍ ମହଲ୍ଲା ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ଏବଂ ଅଜିମାବାଦ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ମିଳିତ ଭାବେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘର ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଏବିଇଓ ବଡ଼ରାମ ପତି ଉପସ୍ଥିତ ରହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସମ୍‌ସୁଦ୍ଦିନ ସେକ, ଅସାଦୁଲ୍ଲା ଖାନ ଏବଂ ସ୍କୁଲ କମିଟି ଅଧ୍ୟକ୍ଷ ତାହେର ଅଲି ଖାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିତା ପୂର୍ତ୍ତି, ରେହମତୁନ ନିଶା ଏବଂ ଶିକ୍ଷକ କଲାମୁଲ୍ଲା ଖାନ, ହିଫଜୁର ରେହମାନ ପ୍ରମୁଖ ତୁଲାଇଥିଲେ। କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଉତ୍ସବର ସମାପନ କରାଯାଇଥିଲା।

**ବଡ଼ଚଣା:** ବଡଚଣା ବ୍ଲକ ଶିକ୍ଷା ମଣ୍ଡଳ ଅଧୀନସ୍ଥ ଖୋଷାଲିପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଚଣ୍ଡିଖୋଲ କୋର୍ଟ ତାଲୁକ୍ ସେବା କେନ୍ଦ୍ର ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ୍ ସେବା କମିଟିର ଅଧ୍ୟକ୍ଷ ଗୋପବନ୍ଧୁ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସବ୍‌ଜଜ୍ ବିଶ୍ୱଦୀପକ ସାହୁ, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ତଥା ସରକାରୀ ଓକିଲ ଦେବରାଜ ବେହେରା, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାଶ, ରିଟେନର୍ ଜ୍ୟୋତିଶଙ୍କର ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକିଶୋର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନ୍ମଥ ଜେନା, ସହକାରୀ ଶିକ୍ଷୟିତ୍ରୀ ସ୍ୱପ୍ନାଞ୍ଜଳି ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଆଇନ୍‌ଜୀବୀ ଅଭିନାଶ ବଳ ଧନ୍ୟବାଦ୍ ଅର୍ପଣ କରିଥିଲେ।




**ସିଂହପୁର:** ହାବଳଗଣ୍ଡ ପାଟଣାସ୍ଥ ବିକେବି ହାଇସ୍କୁଲ୍ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାହାସ ବିହାରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିହିର କୁମାର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ସୁତାର, ରାଜଶ୍ରୀ ପ୍ରିୟଦର୍ଶିନୀ ବେହେରା, ରୋଜି ଦେହେରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, କଣ୍ଠସଙ୍ଗୀତ ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କାମାକ୍ଷି ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁପ କୁମାର ପରିଡ଼ା, ଅନୁପମା ସେନାପତି ଓ ପ୍ରଭାତୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



**କବାଟବନ୍ଧ:** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ଓ ଜେନାପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୃନ୍ଦାଦେଇପୁର ପଞ୍ଚାୟତସ୍ଥ ମହେଶ୍ୱର କୋଚିଂ ସେଣ୍ଟର୍‌ରେ ଅନୁଷ୍ଠିତ ନେହରୁ ଜୟନ୍ତୀ ଓ ଶିଶୁ ଦିବସରେ ମୁଖ୍ୟଅତିଥି ଭାବେ ଶିକ୍ଷକ ପରମେଶ୍ୱର ପାଳ ଓ ସମ୍ମାନିତ ଅତିଥି ଭାବେ ଡା.ପ୍ରମିଳା ଭଞ୍ଜ, ଦେବାଶିଷ ଦାସ, ରବୀନ୍ଦ୍ର ଖଟୁଆ ଯୋଗଦେଇଥିଲେ।


ଏହି ଅବସରରେ ପିଲା ମାନଙ୍କ ବୌଦ୍ଧିକ ବିକାଶ ପାଇଁ ଗୀତ, ସାଧାରଣ ଜ୍ଞାନ, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୩୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ।

**ଦାନଗଦି:** ଦାନଗଦି ବ୍ଲକ ଟୋଲକାନୀ ସ୍ଥିତ ଝଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ଼କ୍ରସ ଓ ଏନ୍‌ଏସ୍‌ଏସ୍‌ର ମିଳିତ ସହଯୋଗରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ରଞ୍ଜନ କୁମାର ସାହୁ, ରେଡ଼କ୍ରସର ଅଧିକାରୀ ଅଧ୍ୟାପକ ଗୋବର୍ଦ୍ଧନ ସାହୁ, ଅଧ୍ୟାପକ ଶ୍ରୀମନ୍ତ ନାୟକ, ରଞ୍ଜନ କୁମାର ଖଣ୍ଡା, ମୁନା ନାୟକ, ଅମର ସେଠି, ଅଭୟ ସାହୁ, କଲ୍ୟାଣୀ ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟକୁ ମାତ୍ରାଧିକ ଭଲପାଇବା ଭିତରେ ନିଜକୁ ହଜାଇ ଦେବା ଓ ନିଜର ସ୍ୱତନ୍ତ୍ରତାକୁ ଭୁଲି ଯିବା ସବୁଠାରୁ କଷ୍ଟଦାୟକ ।
-ଅର୍ନେଷ୍ଟ ହେମିଙ୍ଗୱେ

## ମୁଦ୍ରାସ୍ଫୀତି ହ୍ରାସ

ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୁଧହାର ବା ରିପୋ ରେଟ ହ୍ରାସ ଅନେକଟା ନିର୍ଭରଶୀଳ ମୁଦ୍ରାସ୍ଫୀତି ସ୍ଥିତିକୁ ନେଇ । ଗତ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୦.୨୫ ପ୍ରତିଶତକୁ ହ୍ରାସ ପାଇଛି । ତେଣୁ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ରିଜର୍ଭବ୍ୟାଙ୍କ ମୁଦ୍ରାନୀତି କମିଟିର ନିଷ୍ପତ୍ତିକୁ ଏହା ନିଶ୍ଚୟ ପ୍ରଭାବିତ କରିବ । କାରଣ ଗତ ୧୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ଏବେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି । ରିଜର୍ଭବ୍ୟାଙ୍କ ପକ୍ଷରୁ ପ୍ରୟୋଗ କରାଯାଇଥିବା କଟକଣା ଅନୁଯାୟୀ ୬ ପ୍ରତିଶତ ମୁଦ୍ରାସ୍ଫୀତି ସହନୀୟ ସ୍ଥିତି ଏବଂ ୪ ପ୍ରତିଶତକୁ ହ୍ରାସ ରହିଛି ଲକ୍ଷ୍ୟ । ଏବେ ପରିସ୍ଥିତି ସଂପୂର୍ଣ୍ଣ ରୂପେ ବଦଳି ଯାଇଛି । ତେଣୁ ରେପୋରେଟ ହ୍ରାସ ପାଇଁ ମୁଦ୍ରାନୀତି କମିଟି ଆଉ କୁଣ୍ଠିତ ହେବେ ନାହିଁ ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ଖାଦ୍ୟ ସାମଗ୍ରୀର ଦରଦାମ ହ୍ରାସ ସହିତ ସାମଗ୍ରୀ ଓ ସେବା ଟିକସ (ଜିଏସଟି) ରେ ସଂସ୍କାର ଅଣାଯାଇଥିବାରୁ ତାହାର ଅନୁକୂଳ ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିଛି । ପନିପରିବା, ଫଳ, ଅଣ୍ଡା ଭଳି ସାମଗ୍ରୀ ମୂଲ୍ୟ କମିଥିବା ବେଳେ ପରିବହନ ଓ ଯୋଗାଯୋଗ ଅପେକ୍ଷାକୃତ ଶସ୍ତା ହୋଇଥିବାରୁ ଖୁଚୁରା ସାମଗ୍ରୀର ମୂଲ୍ୟକୁ ତାହା ପ୍ରଭାବିତ କରିଛି । ଏହି ପରିସଂଖ୍ୟାନର ସବୁଠାରୁ ଉଲ୍ଲେଖଯୋଗ୍ୟ ଦିଗ ହେଲା, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଖାଉଟି ମୁଦ୍ରାସ୍ଫୀତି ଅପେକ୍ଷାକୃତ ଅଧିକ ହ୍ରାସ ଘଟିଛି । ତେଣୁ ଗ୍ରାମୀଣ ଜୀବନ ଦରଦାମ ବୃଦ୍ଧି ଜନିତ କଷ୍ଟରୁ ମୁକ୍ତ ହେଉଛି । ଏହି ପରିବେଶରେ ଗ୍ରାମାଞ୍ଚଳରେ ଉପାର୍ଜନ ବୃଦ୍ଧି ସକାଶେ ସୁବିଧା ଓ ସୁଯୋଗ ସୃଷ୍ଟି ହେଲେ ସେମାନଙ୍କ କ୍ରୟ ଶକ୍ତି ବଢ଼ିବ । ସାମଗ୍ରିକ ଭାବେ ତାହା ବଜାର ବ୍ୟବସ୍ଥାକୁ ସୁଧାରିବାରେ ସହାୟକ ହେବ । ଓଡ଼ିଶା ସମେତ ଯେଉଁସବୁ ପ୍ରମୁଖ ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତସ୍ଥିତିରେ ରହିଛି ସେମାନଙ୍କ ମଧ୍ୟରେ ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜୁରାଟ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ଅନ୍ୟତମ ।

ଦେଶର ଏଭଳି କିଛି ରାଜ୍ୟ ଅଛି, ଯେଉଁଠାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଏବେ ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ ରହିଛି । କେରଳରେ ଏହି ହାର ସର୍ବାଧିକ ୮.୫୬ ପ୍ରତିଶତ ହୋଇଛି । ଏହା ପଛକୁ ଜାମ୍ମୁ-କାଶ୍ମୀରରେ ୨.୯୫ ପ୍ରତିଶତ ଓ କର୍ଣ୍ଣାଟକରେ ୨.୩୪ ପ୍ରତିଶତ ରହିଛି । କେରଳର ଏହି ସ୍ଥିତି କ୍ରମାଗତ ୧୦ ମାସ ଧରି ବଳବତ୍ତର ରହିଛି । ତେବେ ଏହି ପାର୍ଥକ୍ୟ କାହିଁକି? ହୋଇପାରେ ସେଠାରେ ସାଧାରଣ ଗ୍ରାହକଙ୍କ କ୍ରୟଶକ୍ତି ଅଧିକ । ସେମାନଙ୍କ ବର୍ଦ୍ଧିତ ଚାହିଦା ଯୋଗୁଁ ବଜାରରେ ଉପଲବ୍ଧ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି । ଆମ ଦେଶର ୧୪୫ କୋଟି ଜନସମୁଦାୟର ବର୍ଦ୍ଧିତ କ୍ରୟଶକ୍ତି ହିଁ ବଜାର ଅର୍ଥନୀତିକୁ ସମୃଦ୍ଧ କରିପାରିବ । ମୁଦ୍ରାସ୍ଫୀତିରେ ପରିଲକ୍ଷିତ ଅବନତିରୁ ସ୍ପଷ୍ଟ ଯେ ଖାଉଟିଙ୍କ ଚାହିଦା ଆଶାନୁରୂପ ଭାବେ ବୃଦ୍ଧି ପାଉନାହିଁ । ତେଣୁ ରିଜର୍ଭବ୍ୟାଙ୍କ ସୁଧହାର ହ୍ରାସ ମାଧ୍ୟମରେ ମୁଦ୍ରାପ୍ରଚଳନ ବୃଦ୍ଧି କରିବାକୁ ଚାହାନ୍ତି । ଋଣପ୍ରାପ୍ତି ଯେତେ ସହଜ ଓ ସରଳ ହେଲେ ମଧ୍ୟ ଗ୍ରହୀତାଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି ନ ପାଇଲେ ପରିଶୋଧ ଜନିତ ସମସ୍ୟା ସ୍ଥିତିକୁ ଆହୁରି ବିଗାଡ଼ି ଦେବ । ସରକାର ସାଧାରଣ ଲୋକଙ୍କ ଉପାର୍ଜନ ବୃଦ୍ଧି ପ୍ରତି ସ୍ୱତନ୍ତ୍ର ଧ୍ୟାନ ନଦେଲେ ଆର୍ଥିକ ସ୍ଥିତିରେ ଆଶାଜନକ ପରିବର୍ତ୍ତନ ସମ୍ଭବ ନୁହେଁ ।

## ସାମାଜିକ କଳଙ୍କ

ଆମ ରାଜ୍ୟର ଗ୍ରାମୀଣ ଜୀବନରେ ଗୁଣିଗାରେଡ଼ି ଓ ତନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସ ଏବେ ମଧ୍ୟ ତିଷ୍ଠି ରହିଛି । ବହୁ ଘଟଣାରେ ଏହା ପାରିବାରିକ ଓ ସାମାଜିକ ଜୀବନକୁ ପ୍ରଭାବିତ କରୁଛି । ଏହାକୁ କେନ୍ଦ୍ର କରି ଆପରାଧିକ କାର୍ଯ୍ୟକଳାପ ଏବଂ ଏକାଧିକ କ୍ଷେତ୍ରରେ ହତ୍ୟାକାଣ୍ଡ ଭଳି ନୃଶଂସତା ପରିଲକ୍ଷିତ ହେଉଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ବିକାଶ ଓ ପ୍ରୟୋଗ କ୍ରମେ ଲୋକଙ୍କ ମନରୁ ଏହି ବିଭ୍ରାନ୍ତି ଦୂର କରିବାରେ ଅନେକାଂଶରେ ସହାୟକ ହୋଇଛି । ଏହାସତ୍ତ୍ୱେ ରାଜ୍ୟର ଦଶଟି ଜିଲ୍ଲାରେ ଏଭଳି ଅନ୍ଧବିଶ୍ୱାସ ସହ ସଂଶ୍ଳିଷ୍ଟ କିଛି ଲୋକ ତନ୍ତ୍ର ପ୍ରୟୋଗ ଓ ତାନ୍ତ୍ରିକ ସନ୍ଦେହରେ ସେମାନଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ନୃଶଂସ ଭାବେ ହତ୍ୟା ମଧ୍ୟ କରୁଛନ୍ତି । ଏହାର ପ୍ରୟୋଗ ଓ ପ୍ରୋତ୍ସାହନର ପୃଷ୍ଠଭାଗରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦଣ୍ଡବିଧାନ ହେଉନଥିବାରୁ ଆମ ସାମାଜିକ ବ୍ୟବସ୍ଥାରେ ଏବେ ମଧ୍ୟ ଏହି ଅନ୍ଧବିଶ୍ୱାସ ତିଷ୍ଠି ରହିଛି । ତେଣୁ ୨୦୧୩ ମସିହାର ଓପିଡବ୍ଲ୍ୟୁ ଆଇନର ପରିସରକୁ ଆହୁରି ବ୍ୟାପକ କରିବା ସକାଶେ ସରକାର ଚିଠା ସଂଶୋଧନ ପ୍ରସ୍ତୁତ କରିଛନ୍ତି ।

ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳରେ କ୍ରମାଗତ ଭାବେ ଗୁଣିଗାରେଡ଼ିକୁ କେନ୍ଦ୍ର କରି ଶାରୀରିକ ଅତ୍ୟାଚାର ଓ ହିସାକାଣ୍ଡ ଏବେ ମଧ୍ୟ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି । ଲୋକଙ୍କ ମନରୁ ଏପ୍ରକାର ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ସାମାଜିକ ସ୍ତରରେ ସେଭଳି ସଚେତନତା ସୃଷ୍ଟି ଉଦ୍ୟମ ହୋଇନାହିଁ । ମୟୂରଭଞ୍ଜ, ସୁନ୍ଦରଗଡ଼, କେଉଁଝର, ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ କନ୍ଧମାଳ ଜିଲ୍ଲାରେ ତନ୍ତ୍ର ଓ ମନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସରୁ ସୃଷ୍ଟି ହିଂସାକାଣ୍ଡରେ ୬୦୬ ଲୋକଙ୍କ ଗତ ୧୧ ବର୍ଷରେ ମୃତ୍ୟୁ ଘଟିଛି । ଏକଥା ସତ ଯେ ୨୦୧୩ ର ଆଇନ ଏପ୍ରକାର ଅମାନୁଷିକ କାର୍ଯ୍ୟକଳାପକୁ ରୋକିବାରେ କେତେକାଂଶରେ ସଫଳ ହୋଇଛି । ତେବେ ଆଇନ ପରିସରରୁ ଅସଲ ପ୍ରାୟୋଜକ ଓ ସହାୟକ ଖସି ଯାଉଥିବାରୁ ନିୟନ୍ତ୍ରଣ ପ୍ରକ୍ରିୟା ସେଭଳି ପ୍ରଭାବୀ ହୋଇପାରୁନାହିଁ । ଏବେ ମଧ୍ୟ ବର୍ଷକୁ ଅନ୍ୟୂନ ୫୦ ଜଣ ଏହି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି । ଗତ ୫ ବର୍ଷ ମଧ୍ୟରେ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ୪୦୮ ମାମଲା ରୁଜୁ ହେବା ସହ ୩୮୮୮ ଜଣଙ୍କୁ ଗିରଫ କରାଯାଇଛି । ପ୍ରଣୀତ ଆଇନ କେତେଦୂର ସଫଳ ଓ ବିଫଳ ହେଉଛି ସେ ନେଇ ନିର୍ଦ୍ଦିଷ୍ଟ ବ୍ୟବଧାନରେ ତର୍ଜମା କରାଯିବା ଜରୁରୀ । କାର୍ଯ୍ୟକାରୀ ହେଉଥିବା ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନର ଆବଶ୍ୟକତା ଅନୁଭବ କରି ରାଜ୍ୟ ବିଧି ଆୟୋଗ ଦେଇଥିବା ସୁପାରିସ କ୍ରମେ ସରକାର ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଚିଠା ସଂଶୋଧନ ପ୍ରସ୍ତାବ ପ୍ରସ୍ତୁତ ହୋଇଛି ।

ଗୁଣିଗାରେଡ଼ି ସନ୍ଦେହରେ କାହାକୁ ହତ୍ୟାକରିବା, ସାମାଜିକ ନିର୍ଯାତନା ଦେବା ଭଳି ଜଘନ୍ୟ ଅପରାଧ ଏକ ସାମାଜିକ କଳଙ୍କ । ମାନବ ସଭ୍ୟତା ବିକାଶର ପ୍ରଭାବ ଅନୁଭୂତ ହୋଇ ନଥିବା ଆମ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଯେ ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ ତାହାକୁ ସ୍ୱୀକାର କରିବାକୁ ପଡ଼ିବ । ଏହି କଳଙ୍କିତ ଅଧ୍ୟାୟର ପରିସମାପ୍ତି ସକାଶେ ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନ ଯେତେ ଜରୁରୀ ନୁହେଁ, ତା'ଠାରୁ ଅଧିକ ଜରୁରୀ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ସାମାଜିକ ବ୍ୟବସ୍ଥାକୁ ଯୁଗୋପଯୋଗୀ କରିବା ସକାଶେ ପରିବର୍ତ୍ତିତ ଦେଶଦୁନିଆର ବାର୍ତ୍ତା ପହଞ୍ଚାଇବା । ଏଥିଲାଗି ତୃଣମୂଳ ସ୍ତରରେ ସମର୍ପିତ ସାମାଜିକ କର୍ମୀ ନିୟୋଜିତ ହେବା ଆବଶ୍ୟକ ।

# ବିହାର ନିର୍ବାଚନ: ଏକ ଦୃଷ୍ଟିପାତ

ଦୁଇପର୍ଯ୍ୟାୟରେ ଅନୁଷ୍ଠିତ ବିହାର ବିଧାନସଭା ନିର୍ବାଚନର ଫଳାଫଳ ଓ ନିଷ୍କର୍ଷ ପ୍ରାୟତଃ ସ୍ପଷ୍ଟ ହୋଇସାରିଛି । ଯଦି ଏନ୍‌ଡିଏରେ ସେଭଳି ନେତୃତ୍ୱ କନ୍ଦଳ ସୃଷ୍ଟି ନ ହୁଏ ତେବେ ନୀତୀଶ କୁମାର ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାକୁ ଯାଉଛନ୍ତି । ଅପରପକ୍ଷରେ ପ୍ରମୁଖ ଆଶାୟୀ ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡିକୁ ୨୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବା ବେଳେ ଦେଶର ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ଦୁଇ ଅଙ୍କ ମଧ୍ୟ ଟପିପାରିନାହିଁ । ଏହି ଦଳ ମାତ୍ର ୬ଟି ଆସନ ଜିତିପାରିଛି ।

ଆଞ୍ଚଳିକ ଓ ଜାତୀୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହୁଥିବା ଏବଂ ଉଦାହରଣ ସୃଷ୍ଟି କରିଆସିଥିବା ବିହାର ଏଥର ରେକର୍ଡ ସଂଖ୍ୟକ ଭୋଟଦାନ ହାର ସହିତ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା । ଅନଗ୍ରସର ଓ ଅଳ୍ପପାଠୁଆ ରାଜ୍ୟ ଭାବେ ଅପଖ୍ୟାତି ଅର୍ଜନ କରିଥିବା ଏହି ରାଜ୍ୟର ମହିଳା ଭୋଟରମାନେ ଏଥର ବିପୁଳ ଉତ୍ସାହର ସହିତ ରେକର୍ଡ ସଂଖ୍ୟାରେ ମତଦାନ କରିଥିବାରୁ ଭୋଟଦାନ ହାର ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଥିଲା । ସାଧାରଣତଃ ଭାରତୀୟ ନିର୍ବାଚନୀ ରାଜନୀତିରେ ଭୋଟଦାନ ହାର ଅଧିକ ହେଲେ ସରକାର ବଦଳିବାର ଏକ ଅଲିଖିତ ଧାରଣା ରହି ଆସିଛି । ତେଣୁ ଏଥର ବିହାରରେ ସରକାର ବଦଳିବ ବୋଲି ଆରଜେଡି ଓ କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ମେଣ୍ଟ ପ୍ରବଳ ଆଶାୟୀ ଥିଲେ । କିନ୍ତୁ ସବୁ ଧାରଣା ଓ ଅଙ୍କକଷାକୁ ଓଲଟପାଲଟ କରି ବିହାର ପୁଣି ଥରେ ଜାତୀୟ ରାଜନୀତିରେ ଆଚମ୍ବିତ ପରିବେଶ ସୃଷ୍ଟି କରିଛି । ସେହିପରି ବିହାର ବିଧାନସଭା ନିର୍ବାଚନରେ ପରେ ଏକ୍‌ଜିଟ୍ ପୋଲ୍ ବା ବୁଥ ବାହୁଡ଼ା ମତ ଆକଳନ ପ୍ରାୟତଃ ଭୁଲ୍ ସାବ୍ୟସ୍ତ ହୋଇଥିବା ବେଳେ ଏଥର ଠିକ୍ ପ୍ରମାଣିତ ହୋଇଛି ।

ନିର୍ବାଚନ ଫଳାଫଳକୁ ନେଇ ରାଜନୈତିକ ବିଶାରଦମାନେ ଆଲୋଚନା ଆରମ୍ଭ କରିସାରିଛନ୍ତି । ଜାତୀୟ ରାଜନୀତିରେ ଏହାର ପ୍ରଭାବ ରହୁଥିବାରୁ ଆହୁରି କିଛିଦିନ ଧରି ତର୍ଜମା ଓ ଆଲୋଚନା ଜାରି ରହିବ । ତେବେ ଏନ୍‌ଡିଏର ବିପୁଳ ବିଜୟ ଓ ମହାଗଟ୍‌ବନ୍ଧନ, ବିଶେଷକରି କଂଗ୍ରେସର ଶୋଚନୀୟ ପରାଜୟକୁ ନେଇ ରାଜନୈତିକ ପଣ୍ଡିତମାନେ ଏବେ ମୁଖର ହୋଇଛନ୍ତି । ବିରୋଧୀଦଳର ପରାଜୟ ପାଇଁ ଦୁର୍ବଳ ନେତୃତ୍ୱ ଓ ଅନାକର୍ଷଣୀୟ ପ୍ରସଙ୍ଗକୁ ଦାୟୀ କରାଯାଇଥିବା ବେଳେ ଶାସକ ଦଳର ବିଜୟ ପାଇଁ ମହିଳା ଭୋଟର, ପ୍ରବାସୀ ଶ୍ରମିକଙ୍କ ଭୋଟ, ଫ୍ରିବିଜ୍ ବା୧୦ ହଜାର ଟଙ୍କା ବଣ୍ଟନ ସହିତ ନୀତୀଶଙ୍କ କେତେକ ସାମାଜିକ କାର୍ଯ୍ୟକ୍ରମକୁ ଶ୍ରେୟ ଦିଆଯାଇଛି । ଏଥିସହିତ ବିଜେପି ବିରୋଧରେ ପ୍ରମୁଖ ନିର୍ବାଚନୀ ଅସ୍ତ୍ର 'ଭୋଟ ଚୋରି' ଅଭିଯାନର ପ୍ରଥମ ପ୍ରୟୋଗ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ବିହାରରେ କରିଥିବାରୁ ତା'ର ପ୍ରଭାବ ଉପରେ ଦେଶର ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ଥିଲା । ଆଗାମୀ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ସହିତ ଜାତୀୟ ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିବ କି ନାହିଁ ତା'ର ପ୍ରୟୋଗଶାଳା ମଧ୍ୟ ବିହାର ଥିଲା । କିନ୍ତୁ ରାହୁଲ୍ ଗାନ୍ଧୀଙ୍କ ଏହି ଅସ୍ତ୍ର ପ୍ରଭାବହୀନ ସାବ୍ୟସ୍ତ ହୋଇଛି ।

କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ବିଫଳ ହେବାର ପ୍ରମୁଖ କାରଣ ମଧ୍ୟରୁ ପ୍ରଥମତଃ, ପ୍ରାର୍ଥିପତ୍ର ଦାଖଲ ପର୍ଯ୍ୟନ୍ତ ମେଣ୍ଟ ଭିତରେ ଆସନ ବୁଝାମଣା ଅଙ୍କ ଛିଣ୍ଡି ନଥିଲା । ଶେଷ ମୁହୂର୍ତ୍ତରେ ତରବରିଆ ଭାବରେ ଏହି କାର୍ଯ୍ୟଟି ହେଲା । ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ପାଇଥିବା କିଛି କଂଗ୍ରେସ ପ୍ରାର୍ଥୀଙ୍କ ନିକଟରୁ ତାହା ପୁଣି ପ୍ରତ୍ୟାହାର କରି ନିଆଯାଇଥିଲା । ଅଳ୍ପଶିକ୍ଷିତ ହେଲେ ମଧ୍ୟ ବିହାର ଭୋଟର ଯେ ଏହାକୁ ଅତି ଗୁରୁତ୍ୱର ସହ ନିରୀକ୍ଷଣ କରୁଥିଲେ, ତାହା ଆରଜେଡି କିମ୍ବା କଂଗ୍ରେସର ନେତୃମଣ୍ଡଳୀ ଦୃଷ୍ଟି ଦେଇ ନଥିଲେ । ବୋଧହୁଏ ଭୋଟରଙ୍କ ମନରେ ଧାରଣା ସୃଷ୍ଟି ହେଲା ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ବିହାରକୁ ଭାଗବଣ୍ଟା କରୁଛନ୍ତି ସେମାନେ ଶାସନ କ୍ଷମତାକୁ ଆସିଲେ ଲୋକହିତ ଅପେକ୍ଷା ନିଜ ସ୍ୱାର୍ଥ ଉପରେ ଅଧିକ ଧ୍ୟାନ ଦେଇ କଳହ କରିବେ, ଯାହା ସରକାରକୁ ଅଧିକ ଦିନ ଧରି ରଖିପାରିବ ନାହିଁ । ବିହାରରୁ ଏନ୍‌ଡିଏକୁ ହଟାଇବାକୁ ଦୃଢ଼ ପରିକର ଥିଲେ କଂଗ୍ରେସ ନିଜେ ନିର୍ବାଚନରୁ ଓହରି ଯାଇ ଆରଜେଡିକୁ ପୂର୍ଣ୍ଣ ସମର୍ଥନ କରିବାର ଆବଶ୍ୟକ ଥିଲା । ଏହାପରେ ହୁଏତ ବିହାରରେ କ୍ଷମତା ଦଖଲ ପାଇଁ କଂଗ୍ରେସ ପାଖରେ ସୁଯୋଗ ରହିଥା'ନ୍ତା । ଟିକେଟ୍ ପ୍ରତ୍ୟାହାର ପରେ କଂଗ୍ରେସରେ ଆନ୍ତଃକନ୍ଦଳ ଏକ ସଙ୍କଟର ରୂପ ନେଲା, ଯାହା ଫଳରେ ଦଳ ଦୁଇ ଅଙ୍କ ମଧ୍ୟ ଟପି ପାରିଲା ନାହିଁ ।

ଦ୍ୱିତୀୟତଃ, କଂଗ୍ରେସ ଅଣଯାଦବ ଭୋଟ ହାତେଇବା ପାଇଁ ତେଜସ୍ୱୀ ଯାଦବଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱକୁ ପ୍ରତ୍ୟକ୍ଷ ସମର୍ଥନ କଲା ନାହିଁ । ତେଣୁ ମାତ୍ର ଦୁଇ/ତିନୋଟି ସଭାକୁ ଛାଡ଼ିଦେଲେ ରାହୁଲ୍ ଗାନ୍ଧୀ ଓ ତେଜସ୍ୱୀ ଯାଦବଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଲା ନାହିଁ । ଏହା ଭୋଟରଙ୍କୁ ଭୁଲ୍ ବାର୍ତ୍ତା ଦେଲା । ତୃତୀୟତଃ, ଦଳିତ ବର୍ଗର ଭୋଟ ହାତେଇବା ପାଇଁ କଂଗ୍ରେସ ଉଚ୍ଚବର୍ଗକୁ ସମ୍ପୂର୍ଣ୍ଣ ଅଣଦେଖା କଲା, ଯାହାର ଧ୍ରୁବୀକରଣ ଭୋଟ ଫଳାଫଳରେ ପ୍ରତିଫଳିତ ହେଲା । ଚତୁର୍ଥତଃ, ବିହାରବାସୀ ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲ ରାଜ' ଶାସନରେ ଏତେ ଅତିଷ୍ଠ ହୋଇସାରିଥିଲେ ଯେ ସେମାନେ ପୁଣି ଥରେ ବିପଦ ବରଣ କରିବାକୁ ଚାହିଁଲେ ନାହିଁ । ଏହି କଥାଟି ଏନ୍‌ଡିଏ ଉଚିତ ସମୟରେ ବିହାର ଭୋଟରଙ୍କୁ ମନେ ପକାଇ ଦେଲା । ବିହାରରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପରି ଏକାଧିକ ସାମାଜିକ-ଅର୍ଥନୈତିକ ସମସ୍ୟା ରହିଥିବା ବେଳେ କଂଗ୍ରେସ 'ଭୋଟ ଚୋରି'କୁ ପ୍ରସଙ୍ଗ କଲା, ଯାହା ଲୋକେ ପ୍ରତ୍ୟାଖ୍ୟାନ କଲେ । ଗତ ସାଧାରଣ ନିର୍ବାଚନରେ ମଧ୍ୟ ଦରଦାମ ବୃଦ୍ଧି ବଦଳରେ କଂଗ୍ରେସ ସମ୍ବିଧାନର ସୁରକ୍ଷାକୁ ପ୍ରସଙ୍ଗ କରି ବିଫଳ ହୋଇଥିଲା ।

ଅପରପକ୍ଷରେ ବିହାରର ଜାତିଭିତ୍ତିକ ଭୋଟ ରାଜନୀତିକୁ ଏନ୍‌ଡିଏ ବହୁପୂର୍ବରୁ ଗୁରୁତ୍ୱ ଦେଇ ଆସିଥିଲା ଏବଂ ଯେକୌଣସି ଛୋଟ ଛୋଟ ସମ୍ପ୍ରଦାୟକୁ ବାଦ୍ ଦେଇ ନଥିଲା । ଗତ ଫେବୃଆରୀରେ ସାଧାରଣ ବଜେଟ୍ ଉପସ୍ଥାପନ ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ମଧୁବନୀ ଶାଢ଼ି ପିନ୍ଧିବା, ବଜେଟ୍‌ରେ ମାଖନା କ୍ଷେତ୍ରର ବିକାଶ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିବା ପରେ ଜଣାପଡ଼ିଯାଇଥିଲା ଏନ୍‌ଡିଏର ମୂଳ ଲକ୍ଷ୍ୟ କ'ଣ । ତେଣୁ ନିର୍ବାଚନ ରଣନୀତିରେ ଏନ୍‌ଡିଏ ଦଳିତ ସହିତ ଅର୍ଥନୈତିକ ପଛୁଆ ବର୍ଗକୁ କେନ୍ଦ୍ରରେ ରଖିଲା । ଏଥର ନିର୍ବାଚନ ରଣନୀତିରେ ମହାଗଟ୍‌ବନ୍ଧନ ମୁସ୍‌ଲିମ୍ ଓ ଦଳିତ ଭୋଟରଙ୍କୁ ପ୍ରାଧାନ୍ୟ ଦେଇଥିବା ବେଳେ ନୀତୀଶ କୁମାର ମହିଳା ଓ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦେଲେ । ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏନ୍‌ଡିଏ ଚତୁରତାର ସହିତ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଅଧୀନରେ ମହିଳା ଉଦ୍ୟୋଗୀଙ୍କୁ ୨.୧ ଲକ୍ଷ ଟଙ୍କା ଲେଖାଏଁ ଦେବାର ଘୋଷଣା କଲେ ଏବଂ ଅଗ୍ରୀମ ୧୦ ହଜାର ଟଙ୍କା ଲେଖାଏଁ ୧.୨୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କଲେ ।

ଏହାଛଡ଼ା ନୀତୀଶକୁମାରଙ୍କ ଅଭିଯୋଗ ସମାଧାନ ସହିତ ଶିକ୍ଷକ, ପୁଲିସ, ପ୍ରଶାସନିକ କର୍ମଚାରୀ ନିଯୁକ୍ତିକୁ ତ୍ୱରାନ୍ୱିତ କରି ସେବାରେ ସ୍ୱଚ୍ଛତା ଆଣିବା, ପଞ୍ଚାୟତିରାଜ କର୍ମୀଙ୍କୁ ଭତ୍ତା, ବରିଷ୍ଠ ନାଗରିକଙ୍କୁ ଅଧିକ ଭତ୍ତା, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି, ଜୀବିକା ଦିଦିଙ୍କୁ ୧୦ ହଜାର ଟଙ୍କା, ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କୁ ରିହାତି ଆଦି କାର୍ଯ୍ୟକ୍ରମ ଭୋଟରଙ୍କୁ ଛୁଇଁଲା ଏବଂ ତାହା ଭୋଟରେ ରୂପାନ୍ତରିତ ହେଲା । ଏନ୍‌ଡିଏ ସପକ୍ଷରେ ଆଉ ଏକ ନିର୍ଣ୍ଣାୟକ ସାବ୍ୟସ୍ତ ହେଲା ଛଟ୍ ପୂଜା ପାଇଁ ପ୍ରବାସୀ ଶ୍ରମିକମାନଙ୍କର ଘରବାହୁଡ଼ା । ଏହାକୁ ମୌକାରେ ପରିଣତ କରିବା ପାଇଁ ଏନ୍‌ଡିଏ କୌଣସି ସୁଯୋଗ ହାତଛଡ଼ା କରି ନଥିବା ବେଳେ କଂଗ୍ରେସ ତାହାକୁ ଅଣଦେଖା କରିଥିଲା । ଏପରିକି ନିର୍ବାଚନ ସହିତ ଧର୍ମକୁ ଯୋଡ଼ିବା ପାଇଁ ଏନ୍‌ଡିଏ ଭରପୂର ପ୍ରୟାସ କରି ପ୍ରୀତିଭାଜନ ହୋଇଥିବା ବେଳେ କଂଗ୍ରେସ ଏହାକୁ ନାଟକ କହି ଭୋଟରଙ୍କ ରୋଷଭାଜନ ହେଲା ।

ଏହି ନିର୍ବାଚନରେ ସବୁଠାରୁ ଉଲ୍ଲେଖନୀୟ ହେଲା ପ୍ରତ୍ୟକ୍ଷ ଭାବେ ନିର୍ବାଚନକୁ ଓହ୍ଲାଇଥିବା ନିର୍ବାଚନୀ ରଣନୀତିକାର ବା ଚାଣକ୍ୟ ରୂପେ ସ୍ୱୀକୃତ ଓ ବିଦିତ ପ୍ରଶାନ୍ତ କିଶୋରଙ୍କ ନିର୍ବାଚନୀ ଫଳାଫଳ ପୁଣି ଥରେ ପ୍ରମାଣିତ କରିଦେଲା ଯେ ରଣନୀତିକାର ଓ ରାଜନୈତା ଭିତରେ ବହୁ ତଫାତ ଅଛି ।

(ସକାଳ ମିଡିଆ ସର୍ଭିସ୍)

# ସାମ୍ବାଦିକତା ଓ ସାମାଜିକ ଅଙ୍ଗୀକାରବଦ୍ଧତା

**ପଞ୍ଚାନନ ଅଗ୍ରୱାଲ**

କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଦେଶର ଜାଗ୍ରତ ପ୍ରହରୀ ରୂପେ କାମ କରିଥାଏ । ତତ୍‌ସଙ୍ଗେ ସଙ୍ଗେ ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ଦାୟିତ୍ୱ ତୁଲାଇଥାଏ । ବର୍ତ୍ତମାନ ସ୍ଥିତିରେ ଗଣମାଧ୍ୟମର ସ୍ୱତନ୍ତ୍ରତା ଚର୍ଚ୍ଚାର ପରିଧିକୁ ଆସିଛି । ପ୍ରେସ୍ ସ୍ୱାଧୀନତା ମୂଳରେ ତିନି ଜଣ ମୁଖ୍ୟତଃ ଆସୁଛନ୍ତି । ସେମାନେ ହେଲେ ମାଲିକ, ସମ୍ପାଦକ ଆଉ ପାଠକ । ପ୍ରେସ ସ୍ୱାଧୀନତାର ଅର୍ଥ ସାମ୍ବାଦିକର ସ୍ୱାଧୀନତା ହେଉ ନାହିଁ । ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ରାଷ୍ଟ୍ରର ହିତ ସାଧନା ହିଁ ସାମ୍ବାଦିକର ଲକ୍ଷ୍ୟ ହେବା ଉଚିତ, ମାତ୍ର ଏଥିରେ ବ୍ୟତିକ୍ରମ ଦେଖାଯାଉଛି । ବର୍ତ୍ତମାନ ମାଲିକର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ସାମ୍ବାଦିକର ଧର୍ମ ହୋଇଯାଇଛି । ବିଶିଷ୍ଟ ସମାଲୋଚକ, ହିନ୍ଦୀ ସାମ୍ବାଦିକ ରାକିଶୋର କହନ୍ତି ଯେ ଖବରକାଗଜ ଅଥବା ସାମ୍ବାଦିକମାନଙ୍କ ନିଜର କୌଣସି ଅଭିବ୍ୟକ୍ତି ନଥିବା କାରଣରୁ ସାମ୍ବାଦିକମାନେ ସ୍ପେୟାର ପାର୍ଟସ ଭଳି ହୋଇଯାଉଛନ୍ତି । ଯେ କେହି ଏହାକୁ ନେଇ ବ୍ୟବହାର କରିପାରିବ । ତେବେ ଏହାକୁ ଅଭିବ୍ୟକ୍ତିର ସ୍ୱାଧୀନତା କହିବା ନା ପେଶାର ସ୍ୱାଧୀନତା? ସାମ୍ବାଦିକଙ୍କ ସ୍ୱାଧୀନତା ଅର୍ଥ ଆଜି ପେଣ୍ଡୁଲମ ଭଳି ଦୋଳାୟମାନ ସ୍ଥିତିରେ ଅଛି ।

ଏ କଥା ନିଶ୍ଚୟ ଚିନ୍ତାଜନକ । ଅଧିକ ପ୍ରସାରିତ ଖବରଗକାଗଜ ମାଲକାନା ଧନିକ ଶ୍ରେଣୀର । ପ୍ରେସ ସ୍ୱାଧୀନତାର ବଡ଼ ଅଂଶ ମାଲିକମାନେ ପାଉଛନ୍ତି । ସମସ୍ତେ ପୁଞ୍ଜିପତି ବର୍ଗ । ଏଣୁ ରାଜନୀତିର ପରିସରଭୁକ୍ତ ହୋଇଯାଉଛନ୍ତି । ସାମ୍ବାଦିକମାନେ ଏଥିନେଇ ଅଧିକ ମୁଣ୍ଡ ଖେଳାଇବାକୁ ପସନ୍ଦ କରୁନାହାନ୍ତି । ସାମ୍ବାଦିକତାକୁ ଅନ୍ୟ ବ୍ୟବସାୟିକ ଶିଳ୍ପ ସଂସ୍ଥା ବୁଝିବା ଦ୍ୱାରା ଏହାର ମୂଳ ଉଦ୍ଦେଶ୍ୟ ଆର୍ଥିକ ଫାଇଦା ଉଠାଇବା ହୋଇଯାଉଛି । ଆଜି ସାମ୍ବାଦିକତାକୁ ରାଜନୀତିରୁ ଅଲଗା କରି ରଖି ହେବ ନାହିଁ । ପ୍ରକାଶନ ମାଲିକମାନଙ୍କୁ କେବଳ ଅର୍ଥଲୋଭ ନୁହେଁ, ତା' ସହିତ କ୍ଷମତା ଲୋଭ ମଧ୍ୟ ଘାରିଛି । ଏଣୁ ଏମାନେ ସବୁବେଳେ କ୍ଷମତାର ମୁଖ୍ୟଧାରାରେ ଜଡ଼ିତ ହେବାକୁ ପସନ୍ଦ କରନ୍ତି ।

'ହଂସ' ପତ୍ରିକାର ବାର୍ଷିକ ଉତ୍ସବରେ ହିନ୍ଦୀ କଥା ସମ୍ରାଟ ପ୍ରେମଚାନ୍ଦ ଲେଖିଥିଲେ ଆମର ଆର୍ଥିକ ହାନି ଘଟିଛି, ରାଜନୈତିକ ଦଣ୍ଡ ମଧ୍ୟ ସହିବାକୁ ପଡ଼ିଛି । ତଥାପି ଆମେ ସାହସ ବାନ୍ଧି ରଖିଛୁ, ହାରି ଯାଇନାହୁଁ । ଆମ ସମ୍ମୁଖରେ ଯେଉଁ ଆଦର୍ଶ ଅଛି ତାହା ଆମକୁ ଅଧିକ ଉତ୍ସାହିତ କରୁଛି । ଆମକୁ ଲାଭ-କ୍ଷତି ପାଇଁ କୌଣସି ବ୍ୟସ୍ତ ହେବାର ନାହିଁ । ବର୍ତ୍ତମାନ ଯୁଗରେ ସଫଳତାର ମାନଦଣ୍ଡକୁ ପ୍ରେମଚାନ୍ଦଙ୍କ ଆଧାରରେ ନେବା ସମୀଚୀନ ହେବନାହିଁ । ୧୯୩୨ ଅଗଷ୍ଟ ୨୨ରେ 'ଜାଗରଣ'କୁ ନୂଆ ରୂପରେ ପ୍ରକାଶିତ କରାଇବା ଅବସରରେ ସେ ଲେଖିଥିଲେ 'ସତ୍ୟକୁ ଖୋଜିବା ଦରକାର, ସତ୍ୟର ପୂଜାରୀ ହେବାକୁ ପଡ଼ିବ, ସତ୍ୟକୁ ସହିବା ପାଇଁ ଯେତେ ଅପମାନ ସହୁ ନା କାହିଁକି, ଅପ୍ରିୟ ସତ୍ୟ କହିବାକୁ ଭୁଲିବ ନାହିଁ । ସେକେବେ ଅନ୍ୟର ଦୋଷକୁ ଦେଖିବ ନାହିଁ, ବରଂ ନିଜର ଦୋଷକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ।

ଆଜି ସାମ୍ବାଦିକତା କ୍ଷେତ୍ରରେ 'ସତ୍ୟ' ଖୋଜିବା ସ୍ଥାନ ନେଇଛି 'ଷ୍ଟୋରୀ' ଖୋଜିବା । ଆଜିକାଲି ଖବରକାଗଜ ପୃଷ୍ଠାଗୁଡ଼ିକରେ ନିଜ ପ୍ରତିନିଧିଙ୍କ ଖବର ବଦଳରେ ବାସ୍ତୁବାଦୀ, ଆତ୍ମପୂରକ, ଉତ୍ତେଜକ କଥା କାହାଣୀ ରୂପରେ ପ୍ରକାଶ ପାଉଛି । ଅନେକ ସମୟରେ ପାଠକ ସତ୍ୟ ଖୋଜିବାରେ ଝୁଣ୍ଟିପଡ଼ୁଛି, ନିରାଶ ମଧ୍ୟ ହେଉଛି । ସାମ୍ବାଦିକ ଶିଳ୍ପ ସଂସ୍ଥା ଭଳି ଅର୍ଥକେନ୍ଦ୍ରିକ, ଜନଚେତନା, ସତ୍ୟର ଉଦ୍‌ଘାଟନ ଓ ବିକାଶ ସହିତ ସଂଶ୍ଳିଷ୍ଟ ହେବା ଉଚିତ୍ । ମାଖନଲାଲ ଚତୁର୍ବେଦୀ ମୁଖ୍ୟତଃ କବି ଥିଲେ । ରାଜନୈତିକ କର୍ମକର୍ତ୍ତା ମଧ୍ୟ ଥିଲେ । ୧୯୨୫ ମସିହାରେ ସେ ପତ୍ରକାର ପରିଷଦରେ ଭାଷଣ ଦେଇ କହିଥିଲେ, 'ଯଦି ସମାଚାର ପତ୍ର ଦୁନିଆରେ ସବୁଠାରୁ ବଳୀୟାନ ଓ ଶକ୍ତିଶାଳୀ, ତେବେ ତା' ମୁଣ୍ଡରେ ଆପଦ ବିପଦ ଘେରି ହୋଇରହିଛି । ସେ ରାଷ୍ଟ୍ରୀୟ ସୁରକ୍ଷାର ବଡ଼ ପ୍ରାଚୀର ହୋଇ ରହିଛି । ସେ ହିମାଳୟର ଶିଖର ଭଳି ଝଟକି ଉଠୁଛି । ତା' ଉପରେ ଦେଶର ବହୁ ଗୁରୁଦାୟିତ୍ୱ ରହିଛି ।

ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକତା କ୍ଷେତ୍ରରେ ବହୁ କ୍ରାନ୍ତିକାରୀ ନେତା ଗୋଟିଏ ଝୁମ୍‌ରେ କଲମ ମୁନ ଧରି ଆଗେଇ ଆସି ସାମ୍ବାଦିକତାର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି । ସେତେବେଳେ ପତ୍ରପତ୍ରିକା ମଧ୍ୟରେ ଥିଲେ ମର୍ଯ୍ୟାଦା, ଅଭ୍ୟୁଦୟ, ବିକ୍ରମ, ପ୍ରତାପ, କର୍ମବୀର, ସରସ୍ୱତୀ, ପ୍ରଭା, ମତୱାଲ, ଚାନ୍ଦ, ମାଧୁରୀ, ହଂସ, ଜାଗରଣ, ନବଜୀବନ, ସୁଧା ଆଦି । ସେମାନଙ୍କ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟବୋଧ, ସାମାଜିକ ଅଙ୍ଗୀକାରବଦ୍ଧତା ଅକ୍ଷୁଣ୍ଣ ଥିଲା । ସେମାନେ କେବଳ ଦୃଷ୍ଟିକୋଣକୁ ଆଧାର ରଖି ନଥିଲେ ବରଂ ଜନତାଙ୍କ ହିତ ଦୃଷ୍ଟିକୁ ଅଗ୍ରାଧିକାର ଦେଉଥିଲେ । ୧୯୬୫ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର 'ସମାଜ' ସମ୍ପାଦକୀୟରେ ଲେଖିଥିଲେ, ଆଜିକାଲି ସମ୍ବାଦପତ୍ର ସବୁ କୌଣସି ଦଳର ମୁଖପତ୍ର, କିନ୍ତୁ 'ସମାଜ' ଜନ୍ମ ସମୟରେ ଦେଶର ଏ ଅବସ୍ଥା ନଥିଲା । ଗୋପବନ୍ଧୁ ରାଜନୀତି, ଦଳଗତକୁ ଊର୍ଦ୍ଧ୍ୱରେ ରହି ଦେଶ ସେବା ପାଇଁ କେବଳ ଲେଖନୀ ଚାଳନା କରିଥିଲେ ।

ବେଳେବେଳେ କିଛି ନିର୍ଦ୍ଦିଷ୍ଟ ଖବରକାଗଜ ଧାରା ପ୍ରବାଦ ନେତାଙ୍କ ନିନ୍ଦାଗାନରେ ମଜ୍ଜିଥା'ନ୍ତି । ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋରାଜୀ ଦେଶାଇ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ । ବ୍ଲିଜ୍ ସାପ୍ତାହିକ ଲଗାତାର ତାଙ୍କ ବିରୁଦ୍ଧରେ ସମ୍ବାଦ ପରିବେଷଣ କରୁଥିଲା । ସେତେବେଳେ ପତ୍ରିକାର ମାଲିକ ଓ ସଂପାଦକ ଥାଆନ୍ତି ଆର୍.କେ.କରିଆ । କେହି ହିତାକାଂକ୍ଷୀ ଦେଶାଇଙ୍କୁ ବ୍ଲିଜ ବିଷୟରେ କହିବାକୁ ସେ ଉତ୍ତର ଦେଲେ, 'ମୁଁ ବ୍ଲିଜ କେବେ ପଢ଼େନାହିଁ' ଯେତେବେଳେ ସେ ପ୍ରଧାନମନ୍ତ୍ରୀ ହେଲେ ସେ ଯଦି ଚାହିଁଥା'ନ୍ତେ ସାମ୍ବାଦିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିପାରିଥା'ନ୍ତେ, କିମ୍ବା ସରକାରୀ ବିଜ୍ଞାପନ ବନ୍ଦ କରିଦେଇ ପାରିଥା'ନ୍ତେ । ମାତ୍ର ସେ ସେପରି କଲେ ନାହିଁ । ସମାଜରେ ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକକୁ ରାଷ୍ଟ୍ର ହିତ ଉଦ୍ଦେଶ୍ୟରେ କଲମ ଚାଳନା କରିବାକୁ ପଡ଼ିବ । ତେବେ ଯାଇ ସେ ଶୀର୍ଷ ସ୍ଥାନକୁ ଯାଇପାରିବ ।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ନିକଟସ୍ଥ ଭିକମପାଲି ଗ୍ରାମରେ ଏକ ନୂତନ ପଦ୍ମାସିନୀ ମନ୍ଦିର ନିର୍ମାଣ କରାଯାଇଛି । ସେହିଭଳି ବୁଡ଼ି ଯାଇଥିବା ପଦ୍ମପୁରର ମୂଳ ପଦ୍ମାସିନୀ ଦେବୀ ନିକଟସ୍ଥ ପୂଜାରିପାଲି ଗ୍ରାମରେ ପୂଜା ପାଉଛନ୍ତି ନୂତନ ଭାବେ ନିର୍ମିତ ପୂଜା ସ୍ଥଳରେ । ଦକ୍ଷିଣ କୋଶଳରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ସମସ୍ତ ମହାନଦୀ ଅବବାହିକା ଅଞ୍ଚଳରେ ପ୍ରାଚୀନ ବୌଦ୍ଧ କୀର୍ତ୍ତି ଓ ବୌଦ୍ଧ ସ୍ଥଳମାନ ବିଛାଇ ହୋଇ ରହିଛନ୍ତି । ଏହା ମଧ୍ୟରେ ପ୍ରାଚୀନ ଧ୍ୱଂସପ୍ରାପ୍ତ ବୌଦ୍ଧ ବିହାର, ମନ୍ଦିର, ଗୁମ୍ଫା, ବୌଦ୍ଧ ଅନୁଷ୍ଠାନ ସବୁ ବୌଦ୍ଧ ମୂର୍ତ୍ତିମାନ, ବୌଦ୍ଧ ଦେବଦେବୀ ମୂର୍ତ୍ତି ସବୁ ବହୁସଂଖ୍ୟାରେ ଦେଖାଯାଏ । କିଛିସ୍ଥଳରେ ଖନନ ହୋଇ ଉଦ୍ଧାର କରାଯାଇଛି; ମାତ୍ର ବହୁସ୍ଥଳରେ କୌଣସି ଖନନ ଅଥବା ସଠିକ ଅନୁସନ୍ଧାନ ଅଥବା ଅନ୍ୱେଷଣ ମଧ୍ୟ କରାଯାଇନାହିଁ ।

ପଦ୍ମପୁର ଏବଂ ଏହାର ଚାରିପାଖର ଅନେକ ଗ୍ରାମର ନାମ ଏବେ ମଧ୍ୟ ଏ ଅଞ୍ଚଳର ପ୍ରାଚୀନ ବୌଦ୍ଧ ପରମ୍ପରାକୁ ସୂଚାଇ ଥାଏ । ବହୁ ଗ୍ରାମ ଓ ସ୍ଥଳମାନ ବୌଦ୍ଧ ନାମ ଧାରଣ କରିଥିବା ଜଣାଯାଏ । ବୌଦ୍ଧ ଭିକ୍ଷୁ ତଥା ବୌଦ୍ଧ ଦେବଦେବୀଙ୍କ ନାମ ମଧ୍ୟ । ଏ ଅଞ୍ଚଳ ବଜ୍ରଯାନର ଦୁର୍ଗଭଳି ପରିଣତ ହୋଇଥିଲା । ଗ୍ରାମଗୁଡ଼ିକ ଏହିଭଳି - ଭିକମପାଲି (ଭିକ୍ଷୁପାଲି), ଆମ୍ବପାଲି (ଆମ୍ରପାଲି), ଯୋଗୀଡିପ, ଯୋଗିନୀ, ମଛିନ୍ଦା(ମତ୍ସ୍ୟେନ୍ଦ୍ରନାଥ), ମହାସିଂଘା, ପାଲସଦା, କନକତାରା, ଗୌତମଖୋଟ ଓ ବିକ୍ରମ ଖେଶଲ (ଏ ଦୁଇଟି ପାହାଡ଼), ବାସମପାଲି, କଣ୍ଟାପାଲି, କଦମଘାଟ, ଦେବଧାର, କୋଟଗଡ଼, ରୋହିଣୀ, କେସରଜିମା, ବସ୍ତି, ଅଙ୍ଗାବିରା, ରେମଣ୍ଡା, ସିଙ୍ଗାରପୁର(ସିଙ୍ଗଳ), ବିନ୍ଦୁପାଲି, ବୁଧେଲକାଣି, ସୁଖ ଡିହ ।


ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମପୁର ପାଖାପାଖି ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁମାନଙ୍କର ଗୁମ୍ଫା ରହିଛି । ସେଥିରୁ ଏ ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁ ବସବାସ କରୁଥିବା ଜଣା।ଯାଉଛି । ଗୁଜା ପାହାଡ଼ରେ ଅନେକଗୁଡ଼ିଏ ଗୁମ୍ଫା ରହିଛି ଏବଂ ଏହା ମଧ୍ୟ ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳ ମଧ୍ୟରେ । ମାତ୍ର ଏହାକୁ ପୋତାଯାଇ ରାସ୍ତା କରାଯାଇଛି ଏବଂ ସେହି ପାହାଡ଼ ପାଦଦେଶରେ ଏକ ଭ୍ରମଣସ୍ଥଳ ସୃଷ୍ଟି ରାଯାଇଛି । ସେହି ରମ୍ପାଲୁଗାଠାରେ ମଧ୍ୟ ଏକ ଭ୍ରମଣକେନ୍ଦ୍ର ସୃଷ୍ଟି କରାଯାଇଛି ଏବଂ ସେଠାରେ ପଦ୍ମସମ୍ଭବଙ୍କର ଏକ ବୃହତ୍ତ ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ କରାଯିବାର ଯୋଜନା ରହିଛି । ସେହିଭଳି ଭିକମପାଲିଠାରେ ନିକଟରେ ଗୁରୁପଦ୍ମସମ୍ଭବଙ୍କ ଆବିର୍ଭାବ ଦିବସରେ ଉତ୍ସବ ପାଳନ ଅବସରରେ ସେଠାରେ ମାର୍ବଲ ନିର୍ମିତ ମୂର୍ତ୍ତି, ଭଗବାନ ବୁଦ୍ଧ ଓ ଶ୍ରୀଜଗନ୍ନାଥଙ୍କ ପ୍ରସ୍ତର ମୂର୍ତ୍ତିମାନ ବୌଦ୍ଧ ନୀତିନିୟମ ମୁତାବକ ସ୍ଥାପନ କରାଯାଇଛି ଏବଂ ପ୍ରତିଷ୍ଠା ଉତ୍ସବ ମଧ୍ୟ କରାଯାଇଛି ।ନିକଟସ୍ଥ ପଲସଦା ଗ୍ରାମରେ ଏକ ବୌଦ୍ଧସ୍ତୂପ ଥିବାର ଜଣାଯାଇଛି ।

ପଦ୍ମପୁର ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ । ସ୍ଥାନୀୟ ପରମ୍ପରା ମୁତାବକ ଆଠବର୍ଷ ବୟସରେ ସେ କୌଣସିପରିସ୍ଥିତିରେ ଘର ଛାଡ଼ି ମହାନଦୀ କୂଳେ ତଳକୁ ସମ୍ବଳ ରାଜପ୍ରସାଦ ଆଡ଼କୁ ଯାହାକି ତାଙ୍କ ଗ୍ରାମଠାରୁ ବହୁ ଦୂରବର୍ତ୍ତୀ ଅଞ୍ଚଳ ନୁହେଁ, ଚାଲିଯାଇଥିଲେ । ସେଠାରେ ଧନକୋଷ ପୁଷ୍କରିଣୀ (ହ୍ରଦ କୁହାଯାଇଛି) ନିକଟରେ ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ତାଙ୍କୁ ଉଦ୍ଧାର କରିଥିଲେ । ପରେ ରାଜା ଆସି ତାଙ୍କୁ ରାଜପ୍ରସାଦକୁ ନେଇ ପରେ ପୋଷ୍ୟପୁତ୍ରଭାବେ ଗ୍ରହଣ କରିଥିଲେ । କୁହାଯାଏ ଧନକୋଷ ହ୍ରଦରେ ଅନେକ ପଦ୍ମଫୁଲ ସବୁବେଳେ ଫୁଟିଥାଏ, ଏବେ ମଧ୍ୟ ଫୁଟୁଛି । ପଦ୍ମଫୁଲ ହ୍ରଦ ପାଖରୁ ପାଇ ରାଜା ତାଙ୍କୁ ପଦ୍ମସମ୍ଭବ ନାମରେ ନାମିତ କରିଥିଲେ । ତାଙ୍କ ଜନ୍ମସ୍ଥଳ ଗ୍ରାମ ବା ନଗର / ସହରକୁ ମଧ୍ୟ ତାଙ୍କ ନାମରେ ରାଜା ହିଁ ପଦ୍ମପୁର ନାମରେ ନାମିତ କରି ତାଙ୍କ ସ୍ମୃତିରେ ସେଠାରେ ପଦ୍ମାସିନୀ ମନ୍ଦିର ନିର୍ମାଣ କରିଥିଲେ । ଏହି ପଦ୍ମପୁର ନଗର ସମକାଳରେ ଜନ୍ମ ମହାକବି ଭବଭୂତିଙ୍କର ମଧ୍ୟ ଜନ୍ମସ୍ଥାନ । ସେ ମଧ୍ୟ ପଦ୍ମସମ୍ଭବଙ୍କ ଭଳି ସେହିସ୍ଥାନରେ ଅଷ୍ଟମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଦ୍ୱାରଶୁଣୀ ଘାଟି ରାସ୍ତା ସଂପ୍ରସାରଣ

# ୧୮ ରୁ ୨୪ ଯାଏ କଟକଣା

**ମଧ୍ୟାହ୍ନରୁ ଅପରାହ୍ଣ ୪ଟା ଯାଏ ସବୁ ଗାଡି ଚଳାଚଳ ବନ୍ଦ**

ବାରିପଦା, ୧୪।୧୧(ସମିସ): ବାଙ୍ଗିରିପୋଷି ନିକଟ ୪୯ନଂ. ଜାତୀୟ ରାଜପଥ ଦ୍ୱାରଶୁଣୀ ଘାଟି ୯କିମି ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ କଟକଣା ବିଜ୍ଞପ୍ତି ପ୍ରକାଶ ପାଇଛି। କଣ୍ଟ୍ରୋଲ୍ ବ୍ଲାଷ୍ଟିଂ ସମୟରେ କୌଣସି ପଦଚାରୀ ଓ ଯାନବାହନର ପ୍ରବେଶ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକଣା କରାଯାଇଛି। ଏହି କଟକଣା ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୪ଟା ଯାଏ ଗାଡ଼ି ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହ ପଶୁପାଳକ ଓ ଅନ୍ୟ ଲୋକଙ୍କୁ ମଧ କୌଣସି ଗୃହପାଳିତ ପଶୁଙ୍କ ଛାଡ଼ିବାକୁ ବାରଣ କରାଯାଇଛି। ଆମ୍ବୁଲାନ୍ସ ଓ ଜରୁରୀ ସେବା ଯାନବାହନକୁ ପରିସ୍ଥିତି ଅନୁସାରେ ଏନଏଚଆଇ/ପୁଲିସ୍ କ୍ଲିୟରାନ୍ସ ପରେ ଅନୁମତି ଦିଆଯିବ। ସମସ୍ତ ଜନସାଧାରଣଙ୍କୁ ପ୍ରକଳ୍ପର ସଫଳତା ପାଇଁ ସହଯୋଗ କରିବାକୁ ଏନ୍ଏଚଆଇ ପକ୍ଷରୁ ନିବେଦନ କରାଯାଇଛି। ଏହି ସମୟରେ ବିଶୋଇ ଅର୍ଗଲବିନ୍ଧା, ଶଙ୍ଖାଭଙ୍ଗା, ଜୋକା, ଚନ୍ଦନପୁର, କାତରା ଛକ ଦେଇ ଯାନବାହନ ଯାତାୟାତ କରିପାରିବେ।

## ହାଇକୋର୍ଟରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ନିମ୍ନ ଅଦାଲତଙ୍କ ରେକର୍ଡ ଦାଖଲ ନିର୍ଦ୍ଦେଶ

କଟକ,୧୪।୧୧(ସମିସ): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ନିମ୍ନ ଅଦାଲତଙ୍କ ରେକର୍ଡପତ୍ର ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାର୍ସଲ ବୋମା ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ତରଫରୁ ନିମ୍ନ ଅଦାଲତଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରବର୍ତ୍ତୀ ତାରିଖରେ ଜରିମାନା ରାଶି ପାଇଠ ନିର୍ଦ୍ଦେଶ ଉପରେ ରହିତାଦେଶ ଓ ଜାମିନ ପ୍ରଦାନ ପାଇଁ ପୁଞ୍ଜିଲାଲଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନ ଉପରେ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ଗତ ମେ' ୨୮ ତାରିଖରେ ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍ ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିମ୍ନ ଅଦାଲତ ପ୍ରକାଶ କରିଥିବା ରାୟରେ ଉଲ୍ଲେଖ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ପୁଞ୍ଜିଲାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ସ୍ଥିତ ଏକ ବିବାହ ଭୋଜିରେ ଉପହାର ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣିଙ୍କ ମୃତ୍ୟୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଭଇଁସା କଲେଜରେ ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଏହି ଘଟଣା ଘଟାଇଥିଲେ। ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା।

■ ସାହିତ୍ୟ ଅକାଦେମୀ ବାଲ୍ ସାହିତ୍ୟ ପୁରସ୍କାର

# ଓଡ଼ିଆ ଭାଷା ପାଇଁ ରାଜକିଶୋର ପାଢ଼ୀ ପୁରସ୍କୃତ



୨୪ ଭାରତୀୟ ଭାଷାର ବାଲ୍ ସାହିତ୍ୟକାର ପୁରସ୍କୃତ

ଭୁବନେଶ୍ୱର,୧୪।୧୧(ସମିସ):ସାହିତ୍ୟ ଅକାଦେମୀ ପକ୍ଷରୁ 'ବାଲ ସାହିତ୍ୟ ପୁରସ୍କାର-୨୦୨୫' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆୟୋଜିତ ଏକ ଭବ୍ୟ ସମାରୋହରେ ୨୪ଟି ଭାରତୀୟ ଭାଷାରେ ବାଲ୍ୟ ସାହିତ୍ୟକାରଙ୍କୁ ପୁରସ୍କୃତ କରାଯାଇଛି। ସେଥିମଧ୍ୟରେ ଓଡ଼ିଆ ଭାଷାରେ କବିତା 'କେତେ ଫୁଲ ଫୁଟିଚି' ପାଇଁ ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ପୁରସ୍କୃତ ବାଲ ସାହିତ୍ୟକାରମାନଙ୍କୁ ତାମ୍ରଫଳକ ସମେତ ତଥା ୫୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଖ୍ୟାତ ଗୁଜରାଟୀ ଲେଖିକା ବର୍ଷା ଦାସ ଯୋଗଦେଇ କହିଛନ୍ତି ଯେ, ବାଲ ସାହିତ୍ୟ ଆମକୁ ବିବିଧତାରେ ଏକତାର ଅନନ୍ୟ ସନ୍ଦେଶ ଦେଇଥାଏ। ତେଣୁ ଏହାର ଲେଖନ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପିଲାମାନଙ୍କୁ ବାଲ ସାହିତ୍ୟ ନିରନ୍ତର ମିଳୁଥିବା ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ୍। ସେହିପରି ସେ ଗୁଜରାଟୀର ବିଖ୍ୟାତ ବାଲ୍ ସାହିତ୍ୟକାର ଗିଜୁ ଭାଇ ବଧେକାଙ୍କ ଲେଖନୀର ଅନେକ ଉଦାହରଣ ଦେଇ କହିଛନ୍ତି ଯେ ପିଲାମାନେ ବାଲ ସାହିତ୍ୟ ପଢ଼ି ପାଠପଢ଼ାରେ ରୁଚି ନେଉଥିବା ସହ ସେମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢ଼ିଥାଏ। କାହାଣୀର ବିବିଧତା ସେମାନଙ୍କୁ ସମଗ୍ର ବିଶ୍ୱ ସହ ଯୋଡ଼ିଥାଏ। ସେ ସାହିତ୍ୟ ଆକାଦେମୀ ଦ୍ୱାରା ବିଭିନ୍ନ ଭାରତୀୟ ଭାଷାରେ ବାଲସାହିତ୍ୟର ଅନୁବାଦକୁ ଅତି ଆବଶ୍ୟକ ମାନି ଏହାକୁ ନିରନ୍ତର ବଜାୟ ରଖିବାର ପରାମର୍ଶ ଦେଇଛନ୍ତି। ସାହିତ୍ୟ ଆକାଦେମୀର ଅଧ୍ୟକ୍ଷ ମାଧବ କୌଶିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଛନ୍ତି, ପିଲାମାନଙ୍କୁ ବାଲ୍ୟାବସ୍ଥାରୁ ଯଦି ଭଲ ବାଲ୍ ସାହିତ୍ୟ ପଢ଼ିବାକୁ ମିଳେ ତେବେ ସେମାନେ ବିଭିନ୍ନ ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପରୁ ଦୂରରେ ରହିବେ। ଏଥିରେ ଅନ୍ୟଅତିଥିଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରଣାଳୟର ଉପସଚିବ ଅମିତା ପ୍ରସାଦ ସରଭାଇ, ଅକାଦେମୀର ସଚିବ ପଲ୍ଲବୀ ପ୍ରଶାନ୍ତ ହୋଲକର, ଅକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମା ପ୍ରମୁଖ ଉପସ୍ଥିତ ରହି ବାଲ ଲେଖକ କୌତୂହଳ, ଉତ୍କଣ୍ଠା ଓ ଜିଜ୍ଞାସାର ଭୂମିରେ ନିଜ କଲମରେ ଯାହା ସୃଷ୍ଟି କରନ୍ତି, ତାହା ନିଶ୍ଚୟ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଆସନ୍ତା କାଲି ଅଧ୍ୟକ୍ଷତା ସାହିତ୍ୟ ଆକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଏକାଡେମୀ ଅଡିଟୋରିୟମ୍, ପ୍ରଥମ ମହଲାରେ ଆୟୋଜିତ ହେବାକୁ ଥିବା 'ଲେଖକ ସମ୍ମିଳନୀ'ରେ ପୁରସ୍କୃତ ବାଲ୍ ସାହିତ୍ୟକାରମାନେ ନିଜ ରଚନାତ୍ମକ ଅନୁଭବ ପ୍ରଦାନ କରିବେ।

# ଏମ୍ସରେ କଣ୍ଠଶିଳ୍ପୀ ହ୍ୟୁମାନ୍‌ସାଗର

## ଲିଭର ଓ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ

ଭୁବନେଶ୍ୱର,୧୪।୧୧(ସମିସ): ଓଡିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମସ୍‌ରେ ଭର୍ତ୍ତି କରାଯାଇଛି।



କିଡନୀ ଓ ଲିଭର୍ ଜନିତ ସମସ୍ୟା ଯୋଗୁଁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କୁ ଏମ୍ସକୁ ସ୍ଥାନନ୍ତର କରାଯାଇଛି। ସୂଚନା ଅନୁସାରେ ବର୍ତ୍ତମାନ ହ୍ୟୁମାନସାଗର ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କର ମଲ୍‌ଟି ଅରଗାନ୍ ଡିସଫଙ୍କସନାଲ ରହିଛି ବା ଶରୀରର ଅଧିକାଂଶ ଅଙ୍ଗ କାମ କରୁନାହିଁ। ବ୍ରେନରେ ସମସ୍ୟା ରହିବା ସହ ରେସପାରେଟୋରୀ ନିମୋନିଆ, ଲିଭର ଡିଜିଜ୍ ସାଙ୍ଗକୁ ସୋଡିୟମ ପରିମାଣ ମଧ କମିଥିବା ଜଣାପଡ଼ିଛି। ସେହିପରି କ୍ରିନୀରେ ସମସ୍ୟା ଥିବା ସହ ନିମୋନିଆ ଯୋଗୁଁ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିଛି। ଏପଟେ ରକ୍ତଚାପ ମଧ ସ୍ଥିର ହେଉନଥିବାରୁ ତାଙ୍କୁ ଔଷଧ ଦିଆଯାଉଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ଥିବା ଏମସ୍ ପକ୍ଷରୁ କୁହାଯାଇଛି। ତେବେ ୨୦୨୪ରୁ ସେ ଅସୁସ୍ଥ ରହିଥିବା ଜଣାପଡ଼ିଛି।

ସେହିପରି ଓଲିଉଡର ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ମଧ ସେପ୍ଟେମ୍ବର ୪ ତାରିଖରୁ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ସେ ଭେଣ୍ଟିଲେଟରରେ ଥିବା ବେଳେ ବର୍ତ୍ତମାନ ସେ ୱାର୍ଡକୁ ସ୍ଥାନାନ୍ତର ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିନଥିବା ଜଣାପଡ଼ିଛି।

■ ପୀତବାସ ହତ୍ୟାକାଣ୍ଡ ମାମଲା

# ଶନିବାର ଟିଆଇ ପରେଡ୍‌ରେ ସାମିଲ ହେବେ ୮ ଗିରଫ ଅଭିଯୁକ୍ତ

ବ୍ରହ୍ମପୁର, ୧୪।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କର ଟିଆଇ ପରେଡ ହେବ। ପରେଡରେ ସାମିଲ ହେବାକୁ ଥିବା ଅଭିଯୁକ୍ତମାନେ ହେଲେ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଯୋଗେନ୍ଦ୍ର ରାଉତ, ଉମା ବିଷୋୟୀ, ଶିଶୁପାଳ ପାଶ୍ୱାନ, କୁନ୍ଦନ କୁମାର, ସିମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁ। ମାମଲାର ତଦନ୍ତ ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଏଥିପାଇଁ କରିଥିବା ଆବେଦନକୁ ଏସଡିଜେଏମ୍ କୋ ଅନୁମତି ଦେଇଛନ୍ତି। ତଦନୁଯାୟୀ, ଆସନ୍ତା ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତଙ୍କର ଟିଆଇ ପରେଡ ହେବ। ତେବେ ପୁଲିସ ଏହି ମାମଲାରେ କାହାକୁ ପ୍ରତ୍ୟକ୍ଷଦର୍ଶୀ ରଖିଛି, ତାହା ସ୍ପଷ୍ଟ ହୋଇନାହିଁ। ଶନିବାର ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାକ୍ଷୀମାନେ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବେ। ସାକ୍ଷୀ ଭାବେ ପୁଲିସ ଆକାଶ ବିଶୋୟୀ, ଏନ୍. କିରଣ କୁମାରଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ସାମିଲ କରିଥିବା ସୂଚନା ମିଳିଛି। ତେବେ ଟିଆଇ ପରେଡ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ, ଏପରିକି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ ସେମାନଙ୍କ ମୁହଁ ଖୋଲା ଚିତ୍ରକୁ ସାକ୍ଷୀମାନେ ଦେଖିଥିବାରୁ ଟିଆଇ ପରେଡରେ ଅପରାଧୀ ଚିହ୍ନଟ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ଥିବା ଆଲୋଚନା ହେଉଛି।

## ନୂଆପଡ଼ା ଉପନିର୍ବାଚନ

# ଜୟଙ୍କ ବାଜିମାତ୍

ବିଜୟ ବ୍ୟବଧାନ ୮୩ହଜାର ୨୦୪
ଜୟ ପାଇଲେ ୧ଲକ୍ଷ ୨୩ହଜାର ୨୪୩
ବିଜେଡିକୁ ମିଳିଲା ୩୮ ହଜାର ୨୫୬
ନୋଟାକୁ ଗଲା ୧୯ ୯୫

ନୂଆପଡ଼ା, ୧୪।୧୧ (ସମିସ): ବହୁପ୍ରତୀକ୍ଷିତ ନୂଆପଡ଼ା ବିଧାନସଭା ଉପନିର୍ବାଚନର ସବୁ ଗଣିତ ପଦାକୁ ଆସିଛି। ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଲଢ଼େଇ ହୋଇଥିବା ବେଳେ ବିଜେପିର ଜୟ ଢୋଲକିଆ ବାଜି ମାରିନେଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କଠାରୁ ୮୩ହଜାର ୨୦୪ ଭୋଟ୍ ଆଗରେ ରହି ସେ ବିଜୟ ତିଳକ ପିନ୍ଧିଛନ୍ତି। ତାଙ୍କୁ ୧ଲକ୍ଷ ୨୩ହଜାର ୨୪୩ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଘାସିରାମ ୪୦ ହଜାର ୩୯ ଖଣ୍ଡ ଭୋଟ୍ ପାଇଛନ୍ତି। ତୃତୀୟ ସ୍ଥାନରେ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ୩୮ ହଜାର ୨୫୬ ଭୋଟ୍ ପାଇଛନ୍ତି। ସେହିପରି, ଏହି ନିର୍ବାଚନରେ ପ୍ରଥମଥର ପାଇଁ ଏଠିକାର ଭୋଟର୍ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଥିବା ଦଳବଦଳ ରାଜନୀତିକୁ ଅତି ନିକଟରୁ ଦେଖିବା ସହ ମଦ, ମାଂସ ଓ ଟଙ୍କା କାରବାରକୁ ଏତେମାତ୍ରାରେ ଦେଖି ପ୍ରାର୍ଥୀ ତଥା ଦଳ ଉପରୁ ମୁହଁ ମୋଡ଼ିଥିବା ନୋଟା ଭୋଟ୍‌ରୁ ସ୍ପଷ୍ଟ ହୋଇଛି। ନୋଟାକୁ ସର୍ବାଧିକ ୧୯ ୯୫ଖଣ୍ଡ ଭୋଟ ପଡିଥିବା ଚର୍ଚ୍ଚାର ବିଷୟ ହୋଇଛି।

### ■ ବିଜେପି ଅଫିସରେ ଜୟଙ୍କୁ ସମ୍ବର୍ଦ୍ଧନା

ଗଣତି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ବିଜେପିର ପ୍ରମୁଖ ନେତାଗଣ ନୂଆପଡ଼ାରେ ଡେରା ପକାଇ ରହିଥିଲେ। ଗଣତି କାର୍ଯ୍ୟ ଶେଷ ନ ହେଉଣୁ ଜୟଙ୍କ ନିଜର ସହର ଖରିଆରରୋଡ୍ ବସ୍ତିରେ ହୋଲିର ମାହୋଲ ହୋଇଥିଲା। ସ୍ୱତନ୍ତ୍ର ଗାଡ଼ିରେ ସବାର ହୋଇ ଜୟ ନୂଆପଡ଼ା ଅଭିମୁଖେ ଆସିଥିଲେ। ଗଣତି କେନ୍ଦ୍ରରେ ଜିଲ୍ଲାପାଳଙ୍କଠାରୁ ସାର୍ଟିଫିକେଟ୍ ହାସଲ କରିବାପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୟ ଢ଼ୋଲକିଆଙ୍କୁ ବିଜେପିର ଶତାଧିକ କର୍ମକର୍ତ୍ତା ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ହେଲେ କୁଆଡ଼େ ବେଶୀ ଭୋଟରେ ବିଜୟୀ ହୋଇଥିଲେ ବୋଲି କିଛି ବରିଷ୍ଠ ନେତାଙ୍କୁ ହଜମ ହୋଇ ନଥିଲା। ତେଣୁ ନେତାମାନେ କୁଆଡ଼େ ଲୁଚି ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏପରିକି, ଷ୍ଟେଜରେ ଜିଲ୍ଲା ସଭାପତିଙ୍କ ସହ କିଛି ନେତାଙ୍କ ମନୋମାଳିନ୍ୟ ହୋଇଥିବା ମଧ ଚର୍ଚ୍ଚାରେ ରହିଛି।

### ■ ବସନ୍ତଙ୍କ ଘରକୁ ଗଲେ ଜୟ

ବିଜେପିରେ ଯୋଗଦେବା ପରେ ଜୟ ଢୋଲକିଆ ପ୍ରଥମେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ଘରକୁ ଯାଇଥିଲେ। ବିଜୟ ପରେ ମଧ ନୂଆପଡ଼ାରେ ପ୍ରବେଶ କରି ପ୍ରଥମେ ବସନ୍ତ ପଣ୍ଡାଙ୍କ ଘରକୁ ଯାଇ ଦଣ୍ଡବତ ହୋଇଥିଲେ।

### ■ ଖରିଆରରୋଡ୍ ଓ ନୂଆପଡ଼ାରେ ବିଜୟ ଉତ୍ସବ

ବିଜୟ ଲାଭ କରିବା ପରେ ଜୟ ଆଜି ସଂଧ୍ୟାରେ ଖରିଆରରୋଡ୍‌ସ୍ଥିତ ନିଜ ବାସଭବନରୁ ବାହାରି ନୂଆପଡ଼ା ଅଭିମୁଖେ ଆସିଥିଲେ। ବାଟରେ ଏକତା ଛକରେ ସ୍ୱର୍ଗୀୟ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସାରା ସହର ପରିକ୍ରମା କରିଥିଲେ। ପୂରା ସହର ଆଲୋକମାଳାରେ ଝଲସିବା ସହ ବାଣଫୁଟାରେ ଦୁଲୁକିଥିଲା।

### ■ ଟଙ୍କା, ମଦ-ମାଂସର ବିଜୟ ହୋଇଛି: ଘାସିରାମ

ଏହି ଉପନିର୍ବାଚନ ମଦ, ମାଂସ ଏବଂ ଟଙ୍କାର ରାଜନୀତି ଥିଲା। ନିର୍ବାଚନ ମଣ୍ଡଳୀର ନିରୀହ, ସରଳ ଜନତାଙ୍କୁ କିଣାବିକା ରାଜନୀତି କରି ବିଜେପି ହାତେଇଛି ବୋଲି ପରାଜିତ କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି। ସେ ମଧ ଠିକ ଭାବରେ ଲଢ଼ିଥିଲେ। ହେଲେ କଂଗ୍ରେସ ତରଫରୁ ଠିକ ଭାବରେ ସହାୟତା ମିଳି ନଥିଲା ବୋଲି ହାରିଗଲେ। ହେଲେ ଜନତା ଜନାର୍ଦ୍ଦନଙ୍କ ଏଭଳି ସମର୍ଥନକୁ ସେ ଗ୍ରହଣ କରିଥିବା କହିଛନ୍ତି।

### ■ ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି: ଅବନୀ ରଞ୍ଜନ

ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି। ବିଜେପି ଲଢ଼େଇ ଆରମ୍ଭରୁ ହିଁ କଂଗ୍ରେସ ସହ ଲଢ଼େଇ ବୋଲି କହିଆସିଥିଲା। ନିର୍ବାଚନ ଆରମ୍ଭ ହେବାର ୪୮ ଘଣ୍ଟା ପୂର୍ବରୁ ନିରବ ଅବଧି (ସାଇଲେଣ୍ଟ ପିରିୟଡ୍) ଭାବେ ବିବେଚନା କରାଯାଇଥାଏ। ବିଜେଡି ଶାସନ କାଳରେ କୌଣସି ଦଳୀୟ କର୍ମକର୍ତ୍ତା, ନେତା ନିର୍ବାଚନମଣ୍ଡଳୀ ଭିତରେ ରହିବାର ନିୟମକୁ କଡ଼ାକଡ଼ି ପାଳନ କରୁଥିଲା। ହେଲେ ବର୍ତ୍ତମାନ ବିଜେପି ସବୁ ନିୟମକୁ ନିଜେ ଉଲ୍ଲଂଘନ କରି ଭୋଟକୁ ନିଜ ଅକ୍ତିଆରକୁ ନେଇଥିଲା। ପ୍ରାର୍ଥୀ ଚୋରିଠାରୁ ଆରମ୍ଭ କରି ଶେଷରେ ଭୋଟ ଚୋରି କଲା। ଏହା ଶାସକ ଦଳର ଅସାଧୁ ବିଜୟ ବୋଲି ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା 'ରୁଚି' ଉଦ୍ୟୋଗ ସମ୍ମାନିତ

କଟକ,୧୪।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାର ଆୟୋଜନରେ ସଫଳ ରୂପାୟନ ଓ ସହଭାଗିତା ପାଇଁ ଏହାର ଅନ୍ୟତମ ମୁଖ୍ୟ ପୃଷ୍ଠପୋଷକ 'ରୁଚି' ମସଲା ଉଦ୍ୟୋଗକୁ କଟକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କଟକ ବାଲିଯାତ୍ରା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ରୁଚି' ଫୁଡ୍‌ଲାଇନକୁ ସମ୍ମାନିତ କରିଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପୁରସ୍କାର ପ୍ରଦାନ ମଞ୍ଚରେ ରାଜ୍ୟର ଏହି ପ୍ରମୁଖ ରୁଚି ଶିଳ୍ପୋଦ୍ୟୋଗ ଏବଂ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଉଦ୍ୟୋଗୀ ସ୍ୱର୍ଗତଃ ଡ. ଶରତ କୁମାର ସାହୁଙ୍କ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। 'ରୁଚି' ଅନୁଷ୍ଠାନ ପକ୍ଷରୁ ଏହାର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ରାଜ୍ୟପାଳଙ୍କ ଠାରୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘ ୫୦ ବର୍ଷ ତଳେ କଟକରେ ପ୍ରତିଷ୍ଠା ହୋଇଥିବା ଏହି ଶିଳ୍ପୋଦ୍ୟୋଗ ଦୀର୍ଘବର୍ଷ ଧରି ବାଲିଯାତ୍ରାରେ ଅଂଶଗ୍ରହଣ କରିଆସୁଛି।

# ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୪।୧୧ (ସମିସ): ଜଟଣୀଠାରେ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍ଏଫ୍ଏସ୍ୟୁ)ର ପ୍ରତିଷ୍ଠା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଅଗ୍ରଗତି ଆଲୋଚନା ହେବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏନ୍ଏଫ୍ଏସ୍ୟୁର ବର୍ତ୍ତମାନ କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ସମ୍ପର୍କିତ ଆଲୋଚନା ହେବା ସହ ରାଜ୍ୟରେ ଅପରାଧ ବିଧି ବିଜ୍ଞାନର କ୍ଷମତା ବୃଦ୍ଧି କରି ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବିଶେଷ ଆଲୋଚନା କରାଯାଇଛି। ସେହିପରି ଓଡ଼ିଶା ଅପରାଧ ବିଧି ବିଜ୍ଞାନଗାରର ଅଧିକାରୀ, ପୁଲିସ ଓ ଅନ୍ୟ ଅଧିକାରୀଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ କରିବାକୁ ମଧ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ବିଶ୍ୱବିଦ୍ୟାଳୟ ପାଇଁ ଜଟଣୀର ଗଡ଼କାଶୀପୁର ଓ ଅଳକାରଠାରେ ଜମି ଯୋଗାଇ ଦିଆଯାଇଛି। ଗୁଜରାଟର ଅହମଦାବାଦଠାରେ ଥିବା ଏନ୍ଏଫ୍ଏସ୍ୟୁର ଏକ ଶାଖା ଭାବେ କାର୍ଯ୍ୟ କରିବ। ନିର୍ମାଣରେ ବିଳମ୍ବ କାରଣରୁ ମଞ୍ଚେଶ୍ୱରଠାରେ ଚଳିତ ବର୍ଷଠାରୁ ଏକ ଅସ୍ଥାୟୀ କ୍ୟାମ୍ପସ୍‌ରେ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି ଏବଂ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହୋଇଛି। ୮ଜଣ ଅଧ୍ୟାପକଙ୍କ ସହ ୧୧ଜଣ ପ୍ରଶାସନିକ ଅଧିକାରୀ ୫ଜଣ ପିଏଚ୍‌ଡି ସ୍କଲାର କାର୍ଯ୍ୟରତ ଅଛନ୍ତି। ଏହି ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ନୂଆଦିଲ୍ଲୀସ୍ଥିତ ଏନ୍ଏଫ୍ଏସ୍ୟୁ ନିର୍ଦ୍ଦେଶିକା ପୂରବୀ ପୋଖାରିୟା, ଏସ୍ଏଫ୍ଏସ୍ଏଲ୍ ନିର୍ଦ୍ଦେଶିକା ଡ. ସନ୍ତୋଷ ବାଲା, ସ୍ୱତନ୍ତ୍ର ଶାସନ ସଚିବ ଆର.କେ ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାରରେ 'ନୀମୋ'..

କରିଛି। ଗତ ନିର୍ବାଚନରେ ଦୁଇ ଅଙ୍କ ଛୁଇଁ ପାରି ନ ଥିବା ଲୋକଜନଶକ୍ତି ପାର୍ଟି ୨୮ ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୨୧ଟି ଆସନରେ ବିଜୟୀ ହୋଇଛି ।

କୌତୂହଳର ବିଷୟ ଯେ, ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଅଳ୍ପକେ ବିଜୟୀ ହୋଇ ସମ୍ମାନ ରଖିବାରେ ସକ୍ଷମ ହୋଇଥିଲେ ହେଁ ତାଙ୍କ ଦଳ ଆର୍‌ଜେଡି ମାତ୍ର ୨୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ମହାଗଠନବନ୍ଧନର ପ୍ରମୁଖ ସହଯୋଗୀ କଂଗ୍ରେସର ଆସନ ସଂଖ୍ୟା ୬ ମଧ୍ୟରେ ସୀମିତ ରହିଛି। ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରଜ ପାର୍ଟି, ଭିଆଇପି ଆଦି ରାଜନୈତିକ ଦଳ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଗତ ନିର୍ବାଚନ ତୁଳନାରେ ଏନଡିଏ ୭୫ରୁ ଅଧିକ ଆସନ ଲାଭ କରିଛି। ଚଳିତ ନିର୍ବାଚନରେ ଅନ୍ୟତମ ଚର୍ଚ୍ଚିତ ପ୍ରାର୍ଥୀ ତଥା ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ମଧ ନିର୍ବାଚନରେ ପରାଜିତ ହୋଇଛନ୍ତି। ଭୋଜପୁରୀ ଅଭିନେତା ଆର୍‌ଜେଡି ପ୍ରାର୍ଥୀ ଖେସାରୀ ଲାଲ ପରାଭବ ଭୋଗିଥିବାବେଳେ ବିଜେପି ପ୍ରାର୍ଥୀ ତଥା ଲୋକଗୀତ ଗାୟିକା ମୈଥିଳୀ ଠାକୁର ଆଲିନଗର ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି ।

### ବିଜେପି ମଥାରେ...

ବିଧାୟକ ହେବା ସ୍ୱପ୍ନ ସାକାର ହୋଇଛି। ବାପା ରାଜେନ୍ଦ୍ର ଢୋଲକିଆ ୪ ଥରର ବିଧାୟକ ଥିବାବେଳେ ବିଜେଡି ସରକାରରେ ସେ ମନ୍ତ୍ରୀ ଭାବେ ମଧ ଦାୟିତ୍ୱ ତୁଲାଇଛନ୍ତି; କିନ୍ତୁ ପିତା ରାଜେନ୍ଦ୍ରଙ୍କ ପରଲୋକ ପରେ ବ୍ୟବସାୟରେ ଲିପ୍ତ ଥିବା ଜୟ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ବାପା ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ରାଜନୀତିରେ ପାଦ ଥାପିଥିଲେ ଜୟ ଢୋଲକିଆ। ଗତ ଅକ୍ଟୋବର ୧୧ରେ ଅପ୍ରତ୍ୟାଶିତ ଭାବେ ସେ ବିଜେପିରେ ସାମିଲ ହୋଇଥିଲେ ଓ ଦଳୀୟ ଟିକଟରେ ନିର୍ବାଚନ ଲଢ଼ିଥିଲେ।ଏହି ଆସନ ଏବେ ବିଜେପି ହାତକୁ ଚାଲିଯାଇଥିବା ବେଳେ ଉଭୟ ବିଜେଡିକୁ ବଡ଼ ଧକ୍କା ଲାଗିଛି। ଗତ ନିର୍ବାଚନରେ ୫୧ ଆସନରେ ବିଜୟୀ ହୋଇଥିବା ବିଜେଡିର ଆସନ ସଂଖ୍ୟା ଗୋଟିଏ ହ୍ରାସ ପାଇଛି। ସେହିପରି ବିଜେପିର ଆସନ ସଂଖ୍ୟା ବିଧାନସଭାରେ ଗୋଟିଏ ବୃଦ୍ଧି ପାଇଁ ୭୯ରେ ପହଞ୍ଚିଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କର ବିଧାୟକ ହେବାର ସ୍ୱପ୍ନ ଅଧୁରା ରହିଯାଇଛି। ପୂର୍ବରୁ ୫ ଥର ପରାଜୟ ସ୍ୱାଦ ଚାଖିଥିବା ଘାସିରାମ ଏଥର ନିର୍ବାଚନ ଜିତିବା ନେଇ ଆଶାବାଦୀ ଥିଲେ ମଧ ଗତ ନିର୍ବାଚନ ପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ବିଜୟୀ ହେବାପରେ ବାପା ରାଜେନ୍ଦ୍ର ଢ଼ୋଲକିଆଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବେ ବୋଲି ଦୋହରାଇଛନ୍ତି ଜୟ ଢ଼ୋଲକିଆ। ସେ କହିଛନ୍ତି ଯେ ଏହି ବିଜୟ ନୂଆପଡ଼ାବାସୀଙ୍କର। ଆଗାମୀ ଦିନରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସେ ଦିନରାତି ଏକ କରିଦେବ। ତାଙ୍କର ବିଶାଳ ବିଜୟ ହେବା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶ ଆଭିମୁଖ୍ୟକୁ ନୂଆପଡ଼ାବାସୀ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୨୦୨୪ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ। ଆଜିର ଭୋଟଗଣତି ଫଳ ପ୍ରକାଶ ପାଇବା ପରେ ତାଙ୍କୁ ପୁଣିଥରେ ଦ୍ୱିତୀୟ ସ୍ଥାନ ମିଳିଛି। ନୂଆପଡ଼ାବାସୀଙ୍କ ସେବା କରିବା ପାଇଁ ସେ ଏକାଧିକ ଥର ନିର୍ବାଚନ ହାରିଥିଲେ ମଧ ଆଶା ହରାଇନାହାନ୍ତି। ଆଗକୁ ଯେତେ ନିର୍ବାଚନ ହେବ ସେ ନୂଆପଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ପୁଣି ଥରେ ଘାସିରାମ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

### ଅଭିନନ୍ଦନ ଜଣାଇଲେ...

କରିଥିବା ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କୁ ନବୀନ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

ନବୀନ କହିଛନ୍ତି ଯେ ନିର୍ବାଚନ ଆସେ ଏବଂ ଯାଏ; କିନ୍ତୁ ଆମର ମୂଲ୍ୟବୋଧ ଏବଂ ଲୋକଙ୍କ ବିଶ୍ୱାସ ପ୍ରତି ସର୍ବଦା ସମ୍ମାନ ରହିବା ଆବଶ୍ୟକ। ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ଓ ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ଆମ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ। ବିଜେଡି ଅନେକ ଉତ୍ଥାନ-ପତନ ଦେଇ ଗତି କରିଛି। ତଥାପି ଲୋକଙ୍କ ପାଇଁ ଲଢ଼ିବା ପାଇଁ ଆମର ସଂକଳ୍ପ ଅତୁଟ ରହିଛି, ଆଗକୁ ମଧ ଏହା ଜାରି ରହିବ। ଆମ ଦଳ ଲଢ଼ୁଆ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ। ଓଡ଼ିଶା ଲୋକଙ୍କ ଅଧିକାର ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ପୁନର୍ବାର ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ଯେଉଁମାନେ ବିଜେଡିକୁ ଭୋଟ ଦେଇଛନ୍ତି ଏବଂ ଏହି ଉପନିର୍ବାଚନ ପାଇଁ କଠିନ ପରିଶ୍ରମ କରିଥିବା ଦଳର ସମସ୍ତ କର୍ମୀଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି।


**AFFIDAVIT**

I Mohammed Salauddin, S/o.: Md Nazar Mohiuddin, At: Bazar Sahi, PO/PS-Dhamnagar, Dist.: Bhadrak, PIN-756117, Odisha. declare by this affidavit No. 53296 Dated. 12.11.2025 that now onwards I shall be known as **Md Salauddin** for all future purposes

**AFFIDAVIT**

By virtue of an affidavit No.51 sworn before The Executive Magistrate, Bhubaneswar, dated: 28/10/2025, I, Sai Omm Sahoo, S/O- Debarchan Sahoo, resident of: Plot No.36/403, Lenkudi, Ranga Bazar, Bhubaneswar, Dist: Khorda, PIN: 752100, Odisha declare that I have changed my name from Sai Omm Santosh Kumar Sahoo to Sai Omm Sahoo. Henceforth, I shall be known as Sai Omm Sahoo for all purposes.

Sai Omm Sahoo

**AFFIDAVIT**

I Manoja Kumar Padhi, Resident of Plot No.: EB 723, Badagada Brit Colony, Bhaskareswar Temple, Bhubaneswar, Khordha, Odisha-751018, Odisha Declare by this Affidavit No.: 37, Date: 13.11.2025, that now onwards, I shall be known as **Manoj Kumar Padhi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar. CF No:- 106 on dated 11.11.2025.I Nilanchala Patro, Son of Late.Panchanana Patro, Resident at: - Khilabadi,PO/PS:-Surada. Dist. Ganjam. PIN. 761108. Odisha. declare that' I have changed my Son's name from Rudranshu Patro to Rudransh Patro.Henceforth He shall be known as **RUDRANSH PATRO** for all future purposes.

Nilanchala Patro

**NOTICE**

By virtue of an affidavit sworn before The Executive Magistrate, Bhubaneswar, dated 14.11.2025 I, Mr. Subash Jena, Address At-Salia Sahi, Mahabir Nagar, PO-RRL, Ps- Nayapalli, Bhubaneswar, Dist-Khordha, odisha-751013 declare that I have changed my Daughter's name from Liza Jena to Deepti Mahi Jena Henceforth, she shall be known as **Deepti Mahi Jena** for all purposes.

Sd/- Subash Jena

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar, vide no.18 dtd.10.11.2025, I Rasmita Bhoi, D/o- Ghania Bhoi resident of Kaliakera, Po.- Gabakund, Ps.-Chandanpur, Dist.-Puri, Odisha-752045 state that,my actual and correct name is Rasmita Bhoi, Date of Birth is 01.12. 2003 but in my Aadhar card my name has been wrongly mentioned as Bangu Bhoi & Date of Birth 20.05.2005. That, **Rasmita Bhoi** and **Bangu Bhoi** is one and same person who is myself.

**SALE**

01 Number of TATA ACE GOLD PETROL CX/2023, Registration No.- OD-15-W-3690, Model-2023, - ENGINE NO – 275MPFI02AWXS13076, CHASSIS NO - MAT559023PZA02822, For Details, Contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST- SAMBALPUR-768004

Phone No. (06854)241159/232714, Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**

HEAD OFFICE: N.K.T. ROAD, JEYPORE - 764003: DIST: KORAPUT (ODISHA)

Letter No. 4036/P&S / 2025-26, Date 13.11.2025

**QUOTATION CALL NOTICE**

Sealed quotations are invited from the intending registered firm for making a Gold weighing Machine for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.20.11.2025** by **5.30** P.M latest as per following specification along with **2%** security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **21.11.2025** at **4.30** P.M in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No | Particulars | Qty. required approximately | Proposed installation Site/Places in the KCCB Ltd., Branch bank |
|---|---|---|---|
| 1. | Gold Weighing Machine:<br>Electronic Weighing Scale<br>Make: Contech<br>Model: CTL 600<br>Capacity: 600<br>Readability:0.01g<br>Pan Size: 115<br>Digital display and wind shield<br>Duly verified & stamped by Legal Metrology Deptt. Govt. of Odisha. | 6 | KCCB Ltd., Main, Koraput, Semiliguda, M.V. 79 Branch @ Kalimela, Gunupur & Padmapur Branch. |

The above items should be quoted including GST, Transportation, Delivery/Supply at the above Branch Bank of the Koraput Central Cooperative Bank Ltd., Jeypore (within undivided Koraput District) including installation/charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies The authority reserves the right to reject all or any quotations without assigning any reason thereof Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik Manager P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
Koraput Central Cooperative Bank Ltd.,
Jeypore

### ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା; ୪ ଗିରଫ

# ସିନ୍ ରିକ୍ରିଏସନ ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଭଦ୍ରକ/ଦୋବଲ, ୧୪।୧୧(ସମିସ)**



ଭଦ୍ରକ ଜିଲ୍ଲା ଧାମନଗର ଥାନା ଦୋବଲ ନିକଟ ଆନନ୍ଦପୁର ପଞ୍ଚାୟତ ଉତେଇପୁରରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରିବା ଅଭିଯୋଗରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତେଇପୁର ଗାଁ ମଧୁସ୍ମିତା ପାତ୍ର, ତାଙ୍କ ସ୍ୱାମୀ ମଦନ ପାତ୍ର, ମଧୁସ୍ମିତା ଭଉଣୀ ହ୍ୱାଇଁ ତଥା ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ପଞ୍ଚାୟତ ବଇଁଚା ଗାଁର ପ୍ରଶାନ୍ତ ବେହେରା ଓ ରମାକାନ୍ତ ବେହେରା। ଏଥିସହ ମୃତ ସଞ୍ଜୟ ରାଉତଙ୍କ ସାନ ଭାଇ ଚାନ୍ଦବାଲି ବ୍ଲକ ତେନ୍ତୁଲିଡିହ ପଞ୍ଚାୟତ କଣ୍ଡିଆସାହିର ରାଜେନ୍ଦ୍ର ରାଉତଙ୍କ ଏତଲା ଆଧାରରେ କେଶ ନମ୍ବର ୪୩୦ରେ ମାମଲା ରୁଜୁ ସହ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩ (୧) ଓ ୩(୫)ରେ ଦଫା ଲଗାଇଛି। ଏହାପରେ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ଆଜି ସମସ୍ତ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ କରିଛି ପୁଲିସ। ସିନ୍ ରିକ୍ରିଏସନ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉତେଇପୁରର ଏଭଳି ଏକ ଘଟଣାକୁ ନେଇ ନାନା ପ୍ରଶ୍ନ ଉଠିଛି। ମାର୍ଗଶୀର ମାସ ଗୁରୁବାରରେ ଜଣେ ମହିଳା ଏମିତି ଉଗ୍ର ଓ ରକ୍ତମୁଖା ହେବାକୁ ନେଇ ଲୋକ ତୀବ୍ର ନିନ୍ଦା କରିଛନ୍ତି। ତା ସହିତ ସରକାରଙ୍କ ଆମ୍ବୁଲାନ୍ସ ସେବା ଓ ପୁଲିସର ତତ୍ପରତା ନେଇ ମଧ ପ୍ରଶ୍ନ ଉଠିଛି। ଗୁରୁବାର ଅପରାହ୍ଣରେ ଏ ଘଟଣା ଘଟିବା ସମୟରେ ସ୍ଥାନୀୟ ଲୋକେ ସେଠାରେ ଉପସ୍ଥିତ ଥିଲେ। ବହୁ ଲୋକ ଥିଲେ ବି ମଧୁସ୍ମିତାଙ୍କ ହିଂସ୍ର ରୂପ ଦେଖି କେହି ସାହସ କରିନଥିଲେ ଘର ଭିତରକୁ ପଶିବାକୁ। ସମସ୍ତେ ଗାଁ ଦାଣ୍ଡରେ ଥିଲେ ବି କେହି ଘର ଭିତରେ ପଶି ସଞ୍ଜୟଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ନ ଥିଲେ। ତେବେ ପାଖ ଗାଁର ଯୁବକ ପ୍ରତାପ ବାରିକ ଓ ମୁନା ପତି ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ସଞ୍ଜୟଙ୍କୁ ଡାକ୍ତରଖାନା ନେବା ଲାଗି ୧୧୨ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ପ୍ରତାପ। ସେତେବେଳେ ଧାମନଗର ଥାନା କି ଡାକ୍ତରଖାନାରେ ଆମ୍ବୁଲାନ୍ସ ନ ଥିଲା। ତା ପରେ ସେମାନେ ଭଣ୍ଡାରିପୋଖରୀ ଓ ଧୁଷୁରୀ ଥାନାକୁ ଫୋନ୍ କରିଥିଲେ। ହେଲେ କେଉଁଠାରେ ୧୧୨ କି ୧୦୮ ଆମ୍ବୁଲାନ୍ସ ନଥିଲା। ଏମିତିକି ଧାମନଗର ପୁଲିସକୁ ଫୋନ୍ କରିବାରୁ ଥାନା ଗାଡ଼ି ଓ ପାଟ୍ରୋଲିଂ ଭେହିକିଲ ସହ ନଳାଙ୍ଗ ପାଖ ଜାତୀୟ ରାଜପଥରେ ଥିବା ଜଣାଇଥିଲେ। ଆମ୍ବୁଲାନ୍ସ ନ ମିଳିବା ଓ ପୁଲିସ ବିଳମ୍ବରେ ପହଞ୍ଚିବା ବେଳକୁ ସଞ୍ଜୟଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ବିଳମ୍ବରେ ପହଞ୍ଚି ପୁଲିସ ସଞ୍ଜୟଙ୍କୁ ଉଦ୍ଧାର କରି ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସା ଆରମ୍ଭ ପୂର୍ବରୁ ଭଦ୍ରକରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ଆଜି ସଞ୍ଜୟଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ସଞ୍ଜୟଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଆଜି ଅପରାହ୍ନରେ ଗାଁରେ ଶେଷ କୃତ୍ୟ କରାଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସଞ୍ଜୟ ରାଉତ ଓ ମଧୁସ୍ମିତାଙ୍କ ସାନ ଭଉଣୀ ରୀନାରାଣୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ହେଲେ ଦୁହେଁ ଭିନ୍ନ ଭିନ୍ନ ସ୍ଥାନରେ ବାହା ହୋଇଥିଲେ। ବିବାହ ପରେ ମଧ ଦୁହିଁଙ୍କ ମଧ୍ୟରେ ନିବିଡ଼ତା ରହିଥିଲା। ହେଲେ କିଛି ମାସ ହେଲା ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ସଞ୍ଜୟ ରୀନାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ରୀନାଙ୍କ ସହ ମିଶି ମଧୁସ୍ମିତା ଷଡ଼ଯନ୍ତ୍ର କରିଥିଲେ। ସଞ୍ଜୟଙ୍କୁ ପାନେ ଦେବାକୁ ଚିନ୍ତା କରିଥିଲେ। ପୂର୍ବ ଯୋଜନା ମୁତାବକ ଗୁରୁବାର ଦିନ ରୀନାରାଣୀ ଫୋନ୍ କରି ସଞ୍ଜୟଙ୍କୁ ଉତେଇପୁରରେ ଭଉଣୀଙ୍କ ଘରକୁ ଡାକିଥିଲେ। ପ୍ରେମିକାଙ୍କ ଫୋନ୍ ପାଇ ନିଜର କର୍ମସ୍ଥଳ ଅନୁଗୁଳରୁ ଛୁଟି ଆସିଥିଲେ ସଞ୍ଜୟ। ସଞ୍ଜୟ ପହଞ୍ଚିବା ପୂର୍ବରୁ ମଧୁସ୍ମିତାଙ୍କ ଘରେ ରୀନାଙ୍କ ସ୍ୱାମୀ ପ୍ରଶାନ୍ତ, ତାଙ୍କ ବଡ଼ ଭାଇ ରମାକାନ୍ତ, ଭାଇ ପ୍ରିୟବ୍ରତ ବେହେରା ଓ ଅନ୍ୟ ଜଣେ ଆସି ଉପସ୍ଥିତ ଥିଲେ। ସଞ୍ଜୟ ପହଞ୍ଚିବା ପରେ ତାଙ୍କୁ ଗୋଟିଏ ଘରେ ପୂରାଇ ମଧୁସ୍ମିତା, ପ୍ରଶାନ୍ତ, ରମାକାନ୍ତ ଓ ଅନ୍ୟମାନେ ନିସ୍ତୁକ ମାଡ଼ ମାରିଥିଲେ। ସଞ୍ଜୟଙ୍କ ଯୌନାଙ୍ଗକୁ ମାରି ଫଟାଇ ଦେଇଥିଲେ। ରଡରେ ପିଟି ତାଙ୍କ ମୁଣ୍ଡ ଫଟାଇଥିଲେ ଓ ଆଖିପତାରେ ଛୁରି ଭୁଷି ଦେଇଥିଲେ। ଏହାସହ ଆଣ୍ଠୁ ତଳକୁ ପିଟି ଦୁଇ ଗୋଡ଼କୁ ଚୁନା କରିଦେଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କ ପିନ୍ଧା ପୋଷାକ ଓହ୍ଲାଇ ଆଉ ଗୋଟିଏ ପୋଷାକ ମଧ ପିନ୍ଧାଇ ଦେଇଥିଲେ। ଏପରିକି ଜାଳିଦେବା ଲାଗି ପେଟ୍ରୋଲ ଢାଳି ଦେଇଥିବା ମଧ ଅଭିଯୋଗ ହୋଇଛି।

### ଲକ୍ଷାଧିକ ଟଙ୍କା ହେରଫେର ଘଟଣା

## କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କୁ ଅଭିଯୋଗ




**ଭଦ୍ରକ, ୧୪।୧୧(ସମିସ):** ଲକ୍ଷାଧିକ ଟଙ୍କା ହେରଫେର ଘଟଣାରେ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧୀନ ଚାନ୍ଦବାଲି ବ୍ଲକର ସାଏନ୍ତା ହାଇସ୍କୁଲର ପ୍ରଧାନଶିକ୍ଷକ, ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅର୍ଥ ବିଭାଗ ଅଧିକାରୀ ଏବଂ ଡ଼ିଡ଼ିଓ ଦାୟିତ୍ୱରେ ଥିବା ପୂର୍ବତନ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୁଖ ଜଡିତ ଥିବା ନେଇ ସୂଚନା ଅଧିକାର ଆଇନବଳରେ ତଥ୍ୟ ହସ୍ତଗତ ହୋଇଥିଲା। ପରେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନା ଅଧିକାର କର୍ମୀ ବିକାଶ ଧଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅର୍ଥ ବିଭାଗର ସମସ୍ତ ଅଧିକାରୀ ଏବଂ ଡିଡିଓ ଦାୟିତ୍ୱରେ ଥିବା ପୂର୍ବତନ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ ନାୟକ ଚାନ୍ଦବାଲି ବ୍ଲକ ସାଏନ୍ତା ହାଇସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ଅନିଲ କୁମାର ମିଶ୍ରଙ୍କ ଆକାଉଣ୍ଟକୁ ୬ଲକ୍ଷ ୫୩ହଜାର ୨୨୬ଟଙ୍କା ଏରିଅର ବାବଦକୁ ଟ୍ରାନ୍ସଫର କରିଥିଲେ। ଯାହାକି ଶ୍ରୀ ମିଶ୍ର ପାଇବାର ହକ୍‌ଦାର ନୁହନ୍ତି। ଉକ୍ତ ଶିକ୍ଷକଙ୍କ ବ୍ୟାଙ୍କ ଖାତାକୁ କାହିଁକି ଏବଂ କେଉଁ କାରଣରୁ ଏତେ ପରିମାଣର ଅର୍ଥ ପଠାଗଲା ତାହା ତଦନ୍ତ ସାପେକ୍ଷ ହୋଇଥିବା ବେଳେ ଯଦି ବି ଭୁଲବଶତଃ ତାଙ୍କ ବ୍ୟାଙ୍କ ଖାତାକୁ ଗଲା ତେବେ ଶ୍ରୀ ମିଶ୍ର ଉକ୍ତ ଅର୍ଥକୁ ଅଧିକାରୀଙ୍କୁ ନ ଫେରାଇ କେଉଁ ଉଦ୍ଦେଶ୍ୟରେ ନିଜ ପାଖରେ ୨ ବର୍ଷ ୬ମାସ ରଖିଲେ ଓ ବିଭାଗ ତରଫରୁ ତାଙ୍କ ନାମରେ ଥାନାରେ କୌଣସି ଅଭିଯୋଗ ନକରିବା କିମ୍ବା ଅସୁଲ ପାଇଁ ଶ୍ରୀ ମିଶ୍ରଙ୍କୁ କୌଣସି ଚିଠି ନକରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିବା ସହ ଉକ୍ତ ଘଟଣାରେ ସାମିଲ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନା ଅଧିକାର କର୍ମୀ ଶ୍ରୀ ଧଳ ଜିଲ୍ଲାପାଳଙ୍କ ନିକଟରେ ସୂଚନା ଅଧିକାର ଆଇନବଳରେ ହସ୍ତଗତ ସମସ୍ତ ତଥ୍ୟ ପ୍ରଦାନ ପୂର୍ବକ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଜିଲ୍ଲା ଆଇନ୍ ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ ପାଳିତ




**ଭଦ୍ରକ, ୧୪।୧୧(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଗେଲଟୁଆ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଯେଉଁ ପିଲାମାନେ ଅଧାରୁ ପାଠ ଛାଡିଥିବେ କିମ୍ବା ପାଠ ପଢୁନାହାନ୍ତି ସେମାନଙ୍କୁ କିପରି ବିଦ୍ୟାଳୟ ଅଭିମୁଖି କରାଇବେ ସେ ଦିଗରେ ଏକ ସଚେତନତା କାର୍ଯ୍ୟକ୍ରମ ମଧ କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଅଧକ୍ଷତା କରିବା ସହ ପରିଚାଳନା ମଧ କରିଥିଲେ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତୃପ୍ତିମୟୀ ପାତ୍ର, ସହାୟକ ପ୍ରତିପକ୍ଷ ଓକିଲ ଡଃ ତାପସ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟତ୍ରୀ ଗୁରୁଲତା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଶିନାଥ ମହାପାତ୍ର ତଥା ଅନ୍ୟ ଶିକ୍ଷକ ଗଣ ଏବଂ ଛାତ୍ରୀଛାତ୍ର ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପିଲାମାନଙ୍କୁ ଅଭିନୀତ ବିଭିନ୍ନ କାର୍ଯ୍ୟକ୍ରମ ବେଶ ଚିତାକର୍ଷକ ତଥା ଶିକ୍ଷଣୀୟ ଥିଲା। ପିଲାମାନେ ପାଠ ଅଧାରୁ ନଛାଡି ଶିକ୍ଷା ପ୍ରତି କିପରି ଆଗ୍ରହ କରିବେ ସେ ସମ୍ପର୍କିତ ସୁନ୍ଦର ଅଭିନୀତ କାର୍ଯ୍ୟକ୍ରମ ଜରିଆରେ ବେଶ୍ ଆଦୃତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାପ୍ରତି ଆଗ୍ରହ ରଖିବା, ନୈତିକ ବ୍ୟବହାର ପରିମାର୍ଜିତ ତଥା ସ୍ୱଚ୍ଛ ରଖିବା ଏବଂ ସର୍ବୋପରି ଚରିତ୍ର ଗଠନ ଦିଗରେ ବିଭିନ୍ନ ପ୍ରଣାଳୀରେ ଆଲୋଚନା କରାଯାଇଥିଲା।

## ଡାଇବେଟିସ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ମଧୁମେହ ଦିବସ



**ଭଦ୍ରକ, ୧୪।୧୧(ସମିସ):** ଶୁକ୍ରବାର ଭଦ୍ରକ ଡାଇବେଟିସ୍ ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏଥିରେ ରଞ୍ଜିତ ଡାଇବେଟିସ୍ ସ୍ପେସିଆଲିଟି କ୍ଲିନିକର ସହଯୋଗରେ ୩ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମାଗଣା ରୋଗ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୨ଶହ ଲୋକଙ୍କ ଡାଇବେଟିସ୍ ଚିହ୍ନଟ ହୋଇଥିଲା। ପୂର୍ବାହ୍ଣରେ ମୋଟେଲ ଛକ ସ୍ଥିତ ପନ୍ଥୀକା ପରିସରରେ ଯୋଗ ଶିକ୍ଷା ପ୍ରଦାନ କରାଯାଇ ଡାଇବେଟିସ୍‌ରୁ ସୁରକ୍ଷା ନେଇ ଶିକ୍ଷା ପ୍ରଦାନ କରାଯାଇଥିଲା। ସକାଳ ୮ଟାରେ ମହତାବ ଛକଠାରୁ ଏକ ଡାଇବେଟିସ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ ନାଗରିକ, ଅବସରପ୍ରାପ୍ତ ସୈନିକ ଓ ୩ଟି ନର୍ସିଂ କଲେଜର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ଭଦ୍ରକ ସହର ପରିକ୍ରମା କରି ପାନ୍ଥିକା ସଭାସ୍ଥଳରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ କ୍ୟାମ୍ପରେ ଡାଇବେଟିସ୍ ସହିତ ରକ୍ତ, ଛାତି, ଥାଇରଏଡ୍, ହାଡ଼, ପାଦ, ଲିଭର, ଚର୍ବି ଇତ୍ୟାଦି ବିଭିନ୍ନ ପ୍ରକାରର ନିଃଶୁଳ୍କ ପରୀକ୍ଷା ଟେକ୍‌ନିସିଆନ୍‌ଙ୍କ ଦ୍ୱାରା କରାଯାଇଥିଲା। ପ୍ରବଳ ଲୋକଙ୍କ ଭିଡ଼ ନେଇ ଶତାଧିକ ଔଷଧ ବିତରକ କମ୍ପାନୀ ପ୍ରତିନିଧି ମାନେ ସ୍ୱେଚ୍ଛାକୃତ ଭାବେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାରେ ଅପରାହ୍ନ ପର୍ଯ୍ୟନ୍ତ ତୁଲାଇଥିଲେ। ଏହି ପରିପ୍ରେକ୍ଷୀରେ ଲୋକଙ୍କୁ ମଧୁମେହ ଜନିତ ସ୍ୱାସ୍ଥ୍ୟ ସୁରକ୍ଷା ସଚେତନତା ନେଇ ଏକ ସଭାରେ ଡା. ରଞ୍ଜିତ ଖଟୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧୀରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରବୀନ୍ଦ୍ର କୁମାର ନାୟକ, ଡା. ପ୍ରଦୀପ କୁମାର ନାୟକ, ଆଇଏମଏ ରାଜ୍ୟ ସଭାପତି ଡା. ହରେକୃଷ୍ଣ ନାୟକ, ସମାଜସେବୀ ବସନ୍ତ ରାଉତ, ଫାଉଣ୍ଡେସନ ସମ୍ପାଦିକା ବସୁମିତ୍ରା ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ମେଳା

**ଦୋଲସାହି, ୧୪।୧୧(ସମିସ):** ତିହିଡ଼ି ବ୍ଲକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକ ଅଧିନ ବାରୋ ପଞ୍ଚାୟତ ଦହପାଣିଆ ଗାଁ ବାସୁଳି ପଡ଼ିଆଠାରେ ତିହିଡ଼ି ବ୍ଲକ ପ୍ରାଣୀ ଚିକିତ୍ସାଳୟର ଆନ୍ତର୍ଜାତୀୟ ପୁରସ୍କୃତ ଡାକ୍ତର ନିରାକାର ଜେନା ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ମୁଖ୍ୟବକ୍ତା ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ନେତା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବା ଓ ସରକାରୀ ଯୋଜନାର ସଦୁପଯୋଗ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ କାମଧେନୁ ଗାଇ, ଇଣ୍ଡିଆନ ହବସ୍, ସବାଇ ଘାସ, ବାଲେଶ୍ୱର ଓମ୍‌ଫେଡ ଆଦି ବହୁ ଷ୍ଟଲ ଖୋଲାଯାଇଥିଲା।

## ଶିଶୁ ଦିବସ ପାଳନ ଓ ଶୀତବସ୍ତ୍ର ବଣ୍ଟନ ଉତ୍ସବ



**ଧାମନଗର, ୧୪।୧୧(ସମିସ):** 'ଶିଶୁ ହସିଲେ ଦୁନିଆ ହସିବ' ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଏନଏସି ଅନ୍ତର୍ଗତ ବଜାର ସାହି ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଶିଶୁ ଦିବସ ପାଳନ ସହିତ କୁନି କୁନି ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଅଙ୍ଗନବାଡ଼ି କର୍ମୀ ସାବେହା ଖାତୁନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ସୁପରଭାଇଜର ଚାରୁଲତା ସମାଲ, ସମ୍ମାନିତ ଅତିଥି ଭାବେ କାଜିମହଲ୍ଲା ଅଙ୍ଗନବାଡ଼ି ଦିଦି ଜୟନ୍ତୀଲତା ମହାନ୍ତି, ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରୀତିପ୍ରଭା ବେହେରା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ନୈତିକ, ଶିକ୍ଷାମୂଳକ ଓ ପୋଷଣମୂଳକ ପିଲାମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରି ଶୀତକାଳୀନ ସ୍ୱାସ୍ଥ୍ୟ ସୁରକ୍ଷା ଓ ଉନ୍ନତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ରର ୩୮ଜଣ ଶିଶୁ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସହାୟକ ସ୍ନେହଲତା ସାହୁ, ଅଭିଭାବକ ଓ ଅନ୍ୟ ସହଯୋଗୀମାନେ ସହଯୋଗ କରିଥିଲେ।

## ଆଦିବାସୀ ବସ୍ତିରେ ଶିଶୁ ଦିବସ ପାଳନ

**ଭଣ୍ଡାରିପୋଖରୀ, ୧୪।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ଗନ୍ଧର୍ବବିନ୍ଧା ଆଦିବାସୀ ବସ୍ତିରେ ଶୁକ୍ରବାର ଶିଶୁ ଦିବସ ପାଳନ କରାଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଫାଉଣ୍ଡେସନ ଆମ ଚାଟଶାଳୀ କାର୍ଯ୍ୟକ୍ରମରେ ୪୦ଜଣ ଶିଶୁଙ୍କ ନେଇ ଶିଶୁ ଦିବସ ପାଳନ କରାଯାଇଥିଲା। ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପଣ୍ଡିତ ଜବାହରଲାଲ ନେହେରୁଙ୍କ ବିଷୟରେ ପ୍ରତିଷ୍ଠାତା ତ୍ରିଲୋଚନ ଦାଶ ତାଙ୍କ ଜୀବନ କାହାଣୀ ବିଷୟରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ୧୫ ଜଣ ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ସେହିପରି ୧୦ଜଣ ଶିଶୁଙ୍କୁ ମଧ ନୂତନ ବସ୍ତ୍ର ପ୍ରଦାନ କରାଗଲା। ସମସ୍ତ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଗଲା। ଉତ୍କଳ ଫାଉଣ୍ଡେସନର ସଦସ୍ୟ ନିତ୍ୟାନନ୍ଦ ଜେନା, ଶିବାନୀ ସଙ୍କର ସ୍ୱାଇ, ଅମୂଲ୍ୟ ସେଠୀ, ଧନେଶ୍ୱର ଜେନା, ସତ୍ୟରଞ୍ଜନ ରାଏ, ବିଶ୍ୱମ୍ଭର ନାଥ, ସୋମ୍ୟରଞ୍ଜନ ସାହୁ, ଗଣେଶ ବିଶ୍ୱାଳ, ଯଜାତି ମଲ୍ଲିକ ପ୍ରମୁଖ ଯୋଗ ଦେଇ ଶିଶୁ ବିକାଶ ଦିଗରେ ଉଦ୍ୟମ କରିଥିଲେ। ରାମଚନ୍ଦ୍ର ପୁର ସମିତି ସଭ୍ୟା ବୈଜୟନ୍ତି ମୁଣ୍ଡା ଧନ୍ୟବାଦ ଦେଇଥିଲେ।




## ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ



**ବାରିକପୁର, ୧୪।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକର ଘରୋଇ ଶିକ୍ଷା ଅନୁଷ୍ଠାନ ଶାରଦା ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଶିଶୁ ଦିବସ ପାଳିତ ହୋଇଛି। ପ୍ରତ୍ୟୁଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗ ପ୍ରାଣାୟାମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟ ଅତିଥି କଥାକାର ସଂଗ୍ରାମ ଆଚାର୍ଯ୍ୟ ବିଦ୍ୟାଳୟଠାରେ ଉପସ୍ଥିତ ହୋଇ ବିଭୁବାଣୀ ପ୍ରଦାନ କରିଥିଲେ। ବିଦ୍ୟାର୍ଥୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହେବା ସହିତ ଗ୍ରାମ୍ୟ ହାଟ ପ୍ରଦର୍ଶିତ ହୋଇଥିଲା। ଶିକ୍ଷା ଅନୁଷ୍ଠାନ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିବା ବେଳେ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ। ସେହିପରି ଅରେଇକଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ପୁଷ୍ପକ ଭାରତୀଙ୍କ ସଂଯୋଜନାରେ ଶିଶୁ ଦିବସ ଉତ୍ସବ ପାଳିତ ହୋଇଥିବା ବେଳେ ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖୁଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ମଧ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାନ୍ତିଙ୍କ ଅଧକ୍ଷତାରେ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିଶୁ ଦିବସ ପାଳନ ସମ୍ପର୍କରେ ମତ ଦେଇଥିଲେ। ଅନୁରୂପ ଭାବେ ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟିତ୍ରୀ ଭକ୍ତି ନୈବେଦ୍ୟ ସାମଲଙ୍କ ତତ୍ତ୍ୱାବଧାନରେ ଶିଶୁ ଉତ୍ସବ ପାଳିତ ହୋଇଛି। ଏହାଛଡା ହାରାମଣୀ ବାଳିକା ବିଦ୍ୟାଳୟ, ବାରିକପୁର ବିଦ୍ୟାଳୟ, ଯଶୋଟିକିରି ସୁବର୍ଣ୍ଣମୁଖି ଉଚ୍ଚ ବିଦ୍ୟାଳୟ, ବିଷ୍ଣୁପୁର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ମଧ ଆଜି ଶିଶୁ

### ଭଦ୍ରକ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ଓ ପ୍ରଦର୍ଶନୀ ମେଳା

# 'ସୁସ୍ଥ ଓ ନିରାମୟ ଜୀବନଶୈଳୀ ଲକ୍ଷ୍ୟ ସାଧନର ମୂଳମନ୍ତ୍ର'

**ଭଦ୍ରକ, ୧୪।୧୧(ସମିସ)**



ସୁସ୍ଥ ଓ ନିରାମୟ ରହିଲେ ଜୀବନର ଲକ୍ଷ୍ୟ ସାଧନର ମାର୍ଗ ସୁଗମ ହୋଇଥାଏ। ପ୍ରତ୍ୟେକ ଶିଶୁ ମଧ୍ୟରେ କିଛି ପ୍ରତିଭା ଲୁଚି ରହିଥାଏ। ଉକ୍ତ ପ୍ରତିଭାକୁ ବିକଶିତ କରିପାରିଲେ ଜୀବନ ସାର୍ଥକ ହୋଇଥାଏ ବୋଲି ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିଶୁ ଦିବସ ପାଳନ ଓ ପ୍ରଦର୍ଶନୀ ମେଳା 'ସ୍ଫୁରଣ-୨୦୨୫' ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଏହା କହିଛନ୍ତି। ପ୍ରଧାନଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱ ଓ ମନୋଜ ସାହୁଙ୍କ ସଂଯୋଜିତ ଉକ୍ତ ଉତ୍ସବେର ଜିଲ୍ଲାପାଳ ପିଲାମାନଙ୍କୁ ଉଦ୍‌ବୋଧନ ଦେବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ଅବସରରେ ନିଃସ୍ୱାର୍ଥପର ଓ ନିଷ୍ଠାପର ସେବା ପାଇଁ ଜନ ସ୍ୱାସ୍ଥ୍ୟ ଉପଖଣ୍ଡ ଭଦ୍ରକର ସହକାରୀ ନିର୍ବାହୀ ଯନ୍ତ୍ରୀ ମଧୁସୂଦନ ସିଂହଙ୍କୁ ବିଦ୍ୟାଳୟ ତରଫରୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ ଜିଲ୍ଲାପାଳ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗ ଦେଇ ପିଲାଙ୍କ ଭବିଷ୍ୟତ ଗଠନେର ନିୟମିତ ଅଧ୍ୟୟନ ଓ କ୍ରୀଡାର ଭୂମିକା ଉପେର ଆଲୋକପାତ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଭାଷା, ସାହିତ୍ୟ, କଳା, ସଂସ୍କୃତି, ବିଜ୍ଞାନ, ସାମାଜିକ ବିଜ୍ଞାନ ଉପେର ଆଧାରିତ ଶତାଧିକ ପ୍ରକଳ୍ପ ପ୍ରଦର୍ଶନୀକୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ଉଦ୍‌ଘାଟନ କରି ପିଲାମାନଙ୍କ ଲୁକ୍କାୟିତ ପ୍ରତିଭା ଓ ସୃଜନଶୀଳତାର ବିକାଶରେ ଏକାନ୍ତ ଆବଶ୍ୟକ ବୋଲି ମତଦେଇଥିଲେ। ବିଭିନ୍ନ ବିଭାଗରେ କନିଷ୍ଠ ଓ ବରିଷ୍ଠ ସ୍ତରରେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ



**ବାରିକପୁର,୧୪।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନଗୁଆଁଠାରେ ସରପଞ୍ଚ କାଞ୍ଚନବାଳା ପାତ୍ରଙ୍କ ସ୍ୱାମୀ ତଥା ବରିଷ୍ଠ ସମାଜସେବୀ ସ୍ୱର୍ଗତ ସୁବାସ ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଦିପ କୁମାର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସଂଜୀବ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ନାରୀନେତ୍ରୀ ମାନସୀ ନାୟକ, ସମାଜସେବୀ ନୀଳାମ୍ବର ରାଉତ, ସରପଞ୍ଚ ସତ୍ୟବ୍ରତ ପାଲ, ଜଗନ୍ନାଥ ନାୟକ, ସତ୍ୟାନନ୍ଦ ମହାପାତ୍ର, କାର୍ତିକ ଜେନା, ନାରାୟଣ ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ସ୍ୱର୍ଗତ ପାତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା।

## ମଞ୍ଜୁରୀରୋଡ୍‌ରେ କୋଟପା ଚଢ଼ଉ

**ବାରିକପୁର,୧୪।୧୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ମିଳିତ ଭାବେ ଆଜି କୋଟପା ଚଢ଼ଉ ଆରମ୍ଭ ହୋଇଛି। କିଛିଦିନ ବ୍ୟବଧାନ ପରେ ମଞ୍ଜୁରୀ ରୋଡ୍‌ଠାରେ ଥାନା ଏସଆଇ ସ୍ୱାଧୀନ ସାହୁଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏକ ଚାରିଜଣିଆ ଟିମ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସ୍ଥାନୀୟ ଶାରଦା ବିଦ୍ୟା ମନ୍ଦିର ନିକଟରେ ଥିବା ୩ଟି ପାନ ଦୋକାନରୁ ଗୁଟ୍‌କା ଜବତ ହୋଇଥିବା ବେଳେ ଜରିମାନା ହୋଇଥିବା ଜଣାଯାଇଛି। କେବଳ ଆଇନକୁ ପାଥେୟ କରି ପ୍ରଶାସନ ପକ୍ଷରୁ ନାମକୁମାତ୍ର ଏହି ଚଢ଼ଉ ହେଉଥିବା ବେଳେ ପ୍ରକୃତପକ୍ଷେ ବିଦ୍ୟାଳୟ ନିକଟରେ ଗୁଟ୍‌କା ଓ ତମାଖୁ ବିକ୍ରୟ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ବାରିକପୁର,୧୪।୧୧(ସମିସ):** ଜିଲ୍ଲା ଖଣି ନିଗମ ପକ୍ଷରୁ ଦୁଇଦିନ ହେବ ଏକ ବାଲି ଟ୍ରାକ୍ଟରକୁ ଜବତ କରାଯାଇ ଥାନା ଜିମାରେ ଦିଆଯାଇଛି। ବର୍ଷା ଋତୁ ଯିବା ପରେ ଗତ ଏକମାସ ହେବ ବୈତରଣୀ ନଦୀରୁ ଅନବରତ ବାଲି ଚାଲାଣ ହେଉଛି। ନଦୀକୂଳସ୍ଥିତ ଗାଁଗୁଡିକରେ ଥିବା ଶହ ଶହ ଟ୍ରାକ୍ଟର ଦିନରାତି ନଦୀରୁ ବାଲି ବୋହି ନେଉଛନ୍ତି। ନଦୀର ବାଲିପୋଖରୀ, ଜଗନ୍ନାଥପ୍ରସାଦ, ବିନ୍ଧାଣ, ଷଠଗାଁ, ମୁଦ୍ଗାପଦା ପ୍ରମୁଖ ସ୍ଥାନରୁ ବାଲି ଉତ୍ତୋଳନ ହେଉଛି। ଟନ ଟନ ବାଲି ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ବେଳେ ରାତି ବେଳା ଟ୍ରକରେ ମଧ୍ୟ ପରିବହନ ହେଉଛି। ଥାନା ପକ୍ଷରୁ ବାଲି ଗାଡି ଠାରୁ ବଟି ଆଦାୟର ଭିଡିଓ କିଛିଦିନ ପୂର୍ବରୁ ଭାଇରାଲ ହୋଇଥିଲା। ବର୍ଷସାରା ବେଆଇନ ବାଲି ଚାଲାଣ ଲାଗି ରହିଥିବା ବେଳେ ଖଣି ନିଗମର ବେଳେ ଅଧେ ଚଢ଼ଉ ଧର୍ମକୁ ଆଖିଠାର ସଦୃଶ ହୋଇଛି। ବାଲି ଟ୍ରାକ୍ଟର ଟିକୁ କେଉଁଠୁ ଏବଂ କେଉଁଭଳି ପରିସ୍ଥିତିରେ ଜବତ କରାଯାଇଛି ତାହାର ସଠିକ ତଥ୍ୟ ମିଳିପାରିନାହିଁ।

## କଟିଂ ଏସକେପରେ ମାଟି ପରୀକ୍ଷା

**ବାରିକପୁର,୧୪।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ଚର୍ଚ୍ଚିତ କଟିଂ ଏସକେପଠାରେ ମାଟି ପରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ଇତିମଧ୍ୟରେ ଏସକେପର ନବୀକରଣ କାର୍ଯ୍ୟ ପାଇଁ ଓସିସିକୁ ଦାୟିତ୍ୱ ଦିଆଯାଇଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାସତ୍ତ୍ୱେ ଏସକେପ ଉପରେ ଏକ ପାଦ ଚଲା ପୋଲ ପାଇଁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିବା ବେଳେ ତାହା ଏବେ କାର୍ଯ୍ୟକାରୀ ହେବାନେଇ ଆଶା ଉଜ୍ଜୀବିତ ହୋଇଛି। ପ୍ରସ୍ତାବ ଅନୁଯାୟୀ ପ୍ରଥମେ ବିଭାଗ ପକ୍ଷରୁ ମାଟି ପରୀକ୍ଷା ନିରୀକ୍ଷା କାର୍ଯ୍ୟ ଆରମ୍ଭ ହୋଇଛି। ମାଟି ପରୀକ୍ଷା ରିପୋର୍ଟ ପ୍ରସ୍ତୁତ ହୋଇସାରିବା ପରେ ନୂତନ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ହେବ ବୋଲି ଜଣାପଡିଛି। ଚଳିତ ବର୍ଷ କଟିଂ ଏସକେପ କାମ ଆରମ୍ଭ ହେବ ବୋଲି ଜଣାପଡ଼ିଥିବା ବେଳେ କାମ ସମ୍ପୂର୍ଣ୍ଣ ପରେ ପାଦ ଚଲା ପୋଲ ବାବଦରେ ଟେଣ୍ଡର ହୋଇପାରେ ବୋଲି ସୂଚନା ମିଳିଛି।

## ୭୨ତମ ସମବାୟ ସପ୍ତାହ



**ବନ୍ତ/ଆଗରପଡ଼ା,୧୪।୧୧(ସମିସ):** ବନ୍ତ ବ୍ଲକ ପୁରୁଷଣ୍ଡ ସେବା ସମବାୟ ସମିତି ପକ୍ଷରୁ ୭୨ତମ ଅଖିଳ ଭାରତ ସମବାୟ ସପ୍ତାହ ଉତ୍ସବ ଆରମ୍ଭ ହୋଇଛି। ଏହା ୨୧ ତାରିଖ ଯାଏ ଚାଲିବ। ସମିତି ସଭାପତି ପ୍ରଶାନ୍ତ ଦାଶ ପତାକା ଉତ୍ତୋଳନ କରି ଏହି ସପ୍ତାହ ସଂପର୍କରେ ସୂଚନା ଦେଇଥିଲେ। ଭଦ୍ରକ ସମବାୟ ସମିତି ସହକାରୀ ନିବନ୍ଧକ ପ୍ରତିତା ଜେନା, ଏସଆରସିଏସ ସୁବ୍ରତ ତ୍ରିପାଠୀ, ଭଦ୍ରକ ଏସସିଏସଓ, ବନ୍ତ ଏମଆଇ ପ୍ରମୁଖ ଯୋଗ ଦେଇଥିଲେ। ବୋର୍ଡ ସଦସ୍ୟ ଉପେନ୍ଦ୍ର ପତି, ବାବୁରାମ ମଲ୍ଲିକ, ବିଷ୍ଣୁ ସାହୁ, ନୃସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସଂପାଦକ ରାଜେନ୍ଦ୍ର ବେଜ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସାହିତ୍ୟ ଓ ସମ୍ବାଦ ଜଗତକୁ ଭଦ୍ରକର ଅବଦାନ ଅନସ୍ୱୀକାର୍ଯ୍ୟ'




### ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୫ମ ସନ୍ଧ୍ୟା

**ଭଦ୍ରକ, ୧୪।୧୧(ସମିସ)**

ସାହିତ୍ୟ ଓ ସମ୍ବାଦ ଜଗତକୁ ଭଦ୍ରକର ଅବଦାନ ଅନସ୍ୱୀକାର୍ଯ୍ୟ। ଭଦ୍ରକ ଭୂମିର ସାରସ୍ୱତ ସାଧକ ଲେଖନୀ ଚାଳନା କରି ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ସେପରି ଭଦ୍ରକ ମାଟିରୁ ବହୁ ପତ୍ରପତ୍ରିକା ଓ ସମ୍ବାଦପତ୍ର ଆତ୍ମପ୍ରକାଶ କରି ସାମଗ୍ର ଉତ୍କଳ ତଥା ଭାରତକୁ ଆଲୋକିତ କରିଛନ୍ତି ବୋଲି ଚରମ୍ପା ଅବନ୍ତିକା ଆବାସିକ ମହାବିଦ୍ୟାଳୟ ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୫ମ ସନ୍ଧ୍ୟାରେ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। ମହୋତ୍ସବର ୫ମ ସନ୍ଧ୍ୟାକୁ ରାଜନେତା ଓ କବି ବିଷ୍ଣୁ ସେଠୀଙ୍କ ସ୍ମୃତିରେ ଉତ୍ସର୍ଗିତ ହେବା ସହ "ଭଦ୍ରକର ସଂସ୍କୃତି, ଐତିହ୍ୟ ଓ ପରମ୍ପରା'ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜାତୀୟତାବାଦୀ ଆନ୍ଦୋଳନ ପୃଷ୍ଠାରେ ଭଦ୍ରକ ମହୋତ୍ସବର ଆବାହକ ନିହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି ଓ ସଂଗଠିକା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ କୃଷିବିତ୍ ତଥା ଆକାଶବାଣୀ ଗୀତିକାର ଅରୁଣ ପାତ୍ର ମୁଖ୍ୟବକ୍ତା ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି, ଅବସରପ୍ରାପ୍ତ ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଚାନ୍ଦବାଲି ବିକାଶ ପରିଷଦ ସଭାପତି ନିରୋଦ ରାଉତ ବରେଣ୍ୟ ଅତିଥି ଏବଂ କବୟିତ୍ରୀ ଅଧ୍ୟକ୍ଷା ଦୀପ୍ତିମୟୀ ସାହୁ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସଭାପତି ଇଂ ଅଭୟ ସୂତାର ଅତିଥିମାନଙ୍କୁ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବି ନାରାୟଣ ଖିଲାର ଅତିଥି ପରିଚୟ ଓ ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ ପ୍ରଦାନ ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ଶଶିକଳା ମିଶ୍ର ଓ କବୟିତ୍ରୀ ଚୈତାଳୀ ଖିଲାର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ସଂଯୁକ୍ତା ବଳ ନାୟକ ଓଦମୟନ୍ତୀ ରାଉତ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, ଡା. ଅନିଲ ଦାଶ, କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ।

## ଏନ୍‌ଆର୍‌ଆଇ ଅନ୍ତର୍ଜାତୀୟ ସ୍କୁଲରେ ଶିଶୁ ଦିବସ




### ରକ୍ତଦାନ ଶିବିରରୁ ୫୨ ୟୁନିଟ୍ ସଂଗୃହୀତ

**ଭଦ୍ରକ, ୧୪।୧୧(ସମିସ):** ଭଦ୍ରକ ସହରର ଆରଡି ଛକସ୍ଥିତ ଏନଆରଆଇ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚରମ୍ପା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୌରୀଶଚନ୍ଦ୍ର ମହାନ୍ତି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଫ୍ୟାନସିଡ୍ରେସ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜିତ ହୋଇ ୫୨ ୟୁନିଟ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, ମୁଖ୍ୟା କମଳା ସାହୁ, ପରିଚାଳନା ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ଲକ୍ଷ୍ମୀଧର ନାୟକ, ସୁଶାନ୍ତ କୁମାର ପାଣି, ଅଖୁଜୀ ନାଥଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ କର୍ମଚାରୀ, ଅଭିଭାବକ ଅଭିଭାବିକା ସାମିଲ ହୋଇଥିଲେ।

## ସେନାପତିଆ ପୋଖରୀ ଉନ୍ନତୀକରଣ ପାଇଁ କ୍ଷେତ୍ର ପରିଦର୍ଶନ



**ଦୋବଲ, ୧୪।୧୧(ସମିସ):** ଧାମନଗର ବ୍ଲକର ପୁରୁଣା ଜଳାଶୟର ପୁନରୁଦ୍ଧାର କରାଯିବ ଏବଂ ସେଗୁଡିକୁ ଆକର୍ଷିତ କରାଯିବ ବୋଲି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଆଜି ଧାମନଗର ବ୍ଲକର ମୁସ୍ତାଫାପୁର ପଞ୍ଚାୟତର ଐତିହାସିକ ସେନପତିଆ ପୋଖରୀ ପରିଦର୍ଶନ କରି କହିଛନ୍ତି। ଉକ୍ତ ପୋଖରୀଟି ପ୍ରାଚୀନ ତଥା ପୁରାଣ କଥିତ। କଳା ପାହାଡ଼ ଓ ମୁକୁନ୍ଦଦେବଙ୍କ ଯୁଦ୍ଧ ପାଇଁ ଯେଉଁ ସେନାପତିମାନେ ଥିଲେ ପାଣି ପିଇବା ଓ ସ୍ନାନ ପାଇଁ ସେହି ପୋଖରୀ ଖନନ କରାଯାଇଥିଲା। ଯାହାକି ସେ ପୋଖରୀକୁ ସେନାପତିଆ ପୋଖରି ବୋଲି କୁହାଯାଏ। ତେବେ ସେହି ପୋଖରୀର ଉନ୍ନତୀକରଣ ଓ ଆକର୍ଷଣ ପାଇଁ ସରକାର ଚିନ୍ତା କରୁଛନ୍ତି। ଉକ୍ତ ପୋଖରୀଟି ପାଖାପାଖି ୨୧ ଏକର ଜାଗା ଉପରେ ହୁଡ଼ା ସହ ପୋଖରୀ ରହିଛି। ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସମେତ ସିଡିଓ ଶୁଭେନ୍ଦୁ ସାମଲ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଉଦୟ ଜେନା, କୃଷି ଜିଲ୍ଲା ଅଧିକାରୀ ପ୍ରୀତିରେଖା ମହାଳିକ, ଧାମନଗର ବିଡିଓ ବନବିହାରି ଦିନ୍ଧା, ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା, ଅତିରିକ୍ତ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀଙ୍କ ସମେତ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, କୈଳାସ ମହାପାତ୍ର, ଅରବିନ୍ଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳ ଐତିହାସିକ ତଥା ପର୍ଯ୍ୟଟନସ୍ଥଳ ଗୋହୀରାଟିକିରି ପରିଦର୍ଶନ କରିଥିଲେ।

## ଶିଶୁ ଦିବସରେ ଥାନା ବୁଲିଲେ କୁନି ପିଲା



**ଭଦ୍ରକ,୧୪।୧୧(ସମିସ):** ଶିଶୁ ଦିବସ ଅବସରରେ ଥାନା ବୁଲିଲେ କୁନି କୁନି ଛାତ୍ରଛାତ୍ରୀ। ଥାନାରେ କଣ କଣ କାର୍ଯ୍ୟ ହୁଏ ପଚାରି ବୁଝିବା ସହ ଥାନାଧିକାରୀଙ୍କ ସହ ନେଲେ ସେଲ୍ଫି। ଚାନ୍ଦବାଲି ବ୍ଲକ୍ ଦିଗଛିଆ ବଜାର ନିକଟସ୍ଥ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ଛାତ୍ରଛାତ୍ରୀମାନେ ବନ୍ଦର ନଗରୀ ଧାମରାର ବିଭିନ୍ନ ସ୍ଥାନ ବୁଲି ଜ୍ଞାନ ଆହରଣ କରିଥିଲେ। ପ୍ରଥମେ ଧାମରା ଅଞ୍ଚଳର ଆରାଧ୍ୟ ଦେବୀ ମାଆ ଧାମରାଇଙ୍କ ଦର୍ଶନ କରିବା ପରେ ନିକଟସ୍ଥ ଧାମରା ସାମୁଦ୍ରିକ ଥାନା ବୁଲିଥିଲେ। ସେଠାରେ ଉପସ୍ଥିତ ପୁଲିସ ଅଧିକାରୀକୁ ସେମାନଙ୍କ କାର୍ଯ୍ୟ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ତତ୍ପରେ ମାଛଧରା ବନ୍ଦର, ଚନ୍ଦିନୀପାଳରେ ବଙ୍ଗୋପସାଗର ଉପକୂଳ, ଧାମରା ବନ୍ଦର ଆଦି ବୁଲି ଦେଖିଥିଲେ। ଶିଶୁ ହସିଲେ ଦୁନିଆ ହସେ, ବସ୍ତାନି ଜ୍ଞାନଠାରୁ ବାସ୍ତବ ଜ୍ଞାନ ସେମାନଙ୍କ ନିତ୍ୟାନ୍ତ ଆବଶ୍ୟକ ଯାହା ଏପରି ଶିକ୍ଷଣୀୟ ଭ୍ରମଣରୁ ମିଳିଥାଏ ବୋଲି ବିଦ୍ୟାଳୟର ସମ୍ପାଦକ ଶରତଚନ୍ଦ୍ର ପଣ୍ଡା କହିଥିଲେ। ଏହି ଭ୍ରମଣରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ



**ବନ୍ତ/ଆଗରପଡ଼ା, ୧୪।୧୧(ସମିସ):** ବନ୍ତ ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପବିତ୍ର ଶିଶୁ ଦିବସ ପାଳିତ ହୋଇଯାଇଛି। ଆଗରପଡ଼ାସ୍ଥିତ କଳିଙ୍ଗ କମ୍ପ୍ୟୁଟର୍ସ ପରିସରରେ ନିର୍ଦ୍ଦେଶକ ବିନୋଦ ଧଳସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାମ୍ବାଦିକ ଅକ୍ଷୟ ସିଂହ, କେନ୍ଦ୍ର ପରି.ଳିକା ମୋନାଲିସା ମହାନ୍ତି ପ୍ରମୁଖ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କୁ ସ୍ମରଣ କରି ଶିଶୁ ଦିବସ ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ। କେନ୍ଦ୍ରର ଛାତ୍ରଛାତ୍ରୀ ବକ୍ତବ୍ୟ ମାନ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

**ଭଣ୍ଡାରିପୋଖରୀ:** ଶାରଦା ବିଦ୍ୟାମନ୍ଦିରରେ ପ୍ରଧାନ ଗୁରୁଜୀ ଶରତଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ନାଥ ଉଦଘାଟନ କରିଥିଲେ। ଭଦ୍ରକ ପତାଞ୍ଜଳି ଆଶ୍ରମ ଯୋଗଗୁରୁ ସୁରେନ୍ଦ୍ର ଦାସ ଯୋଗ ଓ ପ୍ରାଣାୟମ ଶିକ୍ଷାଦାନ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଆଧାତ୍ମିକ ଆଲୋଚନା ମାଧ୍ୟମରେ ନୀତିଶିକ୍ଷା ଦେଇଥିଲେ। ଶିଶୁମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ଅଭିନୟ ପରିବେଷଣ କରାଯିବା ସହ ଗ୍ରାମହାଟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁସ୍ମିତା ଗୁରୁମା ଓ ସୁଶାନ୍ତ ଗୁରୁଜୀ ପରିଚାଳନା କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ପରିଚାଳନା କରିଥିଲେ।

## ପ୍ରତିଭା ସମ୍ମାନ ଉତ୍ସବ




**ବାରିକପୁର/ମଞ୍ଜୁରୀ ରୋଡ, ୧୪।୧୧ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ରୋଡ ନିକଟସ୍ଥ ଶଙ୍ଖୁଳାଠାରେ କୁନ୍ତଳା ଲେଙ୍କାଙ୍କ ସ୍ମୃତି ପରିଷଦ ଆନୁକୂଲ୍ୟରେ ଶିକ୍ଷାବିତ ହରିଶ୍ଚନ୍ଦ୍ର ଜେନା ଅଧ୍ୟକ୍ଷତାରେ ଏକ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଗରପଡା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ କାର୍ତିକେଶ୍ୱର ରାଉଳ, ଶିକ୍ଷକ ପ୍ରଦୀପ ନାୟକ, ମୁଖ୍ୟବକ୍ତା ଭାବେ ଓଷ୍ଟା ସଭାପତି ଶଶୀଶେଖର କର ଶର୍ମା ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶିକ୍ଷାବିତ ଡ ଶଶଧର ସାହୁ, ଜଗନ୍ନାଥ ପାତ୍ର, ଆନନ୍ଦଚନ୍ଦ୍ର ପାଢ଼ୀ, କୈଳାସ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକରେ କୃତିତ୍ୱ ହାସଲ କରିଥିବା ତପସ୍ୱିନୀ ନାଥ, ମାନସୀ ଦାସ, ଆଶୁତୋଷ ଦୀକ୍ଷିତ, ବିଭୁଦତ ନାୟକ, ଶୁଚିସ୍ମିତା ସ୍ୱାଇଁ, ଆଶୁତୋଷ ପଣ୍ଡାଙ୍କୁ ମାନପତ୍ର, ଟ୍ରଫି ଓ ଆର୍ôଥକ ସହାୟତା ପ୍ରଦାନ କରାଯାଇଥିଲା। ଏହାଛଡା ବ୍ଲକର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ସାଇ ସ୍ୱରୂପା ମୋକ୍ଷଦା ଜେନା, ଜନ୍ମେଜୟ ଷେଣ୍ଢ, କ୍ରିଷ୍ଣାସାରଥୀ ରାଉତ, ଯାଜ୍ଞସେନୀ ରାଉତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୩୩ତମ ଜଗନ୍ନାଥ ମହୋତ୍ସବର ଷଷ୍ଠ ସନ୍ଧ୍ୟା

**ଅସୁରାଳି,୧୪।୧୧(ସମିସ):** ଗୋବିନ୍ଦପୁରରେ ଚାଲୁଥିବା ୧୩୩ତମ ଜଗନ୍ନାଥ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ସାମ୍ବାଦିକ ସନ୍ତୋଷ ଦାସ। ସଞ୍ଚାଳନ କରିଥିଲେ ଧୂଷୁରୀ ପ୍ରେସ ୟୁନିୟନ କୋଷାଧ୍ୟକ୍ଷ ରତିକାନ୍ତ ନାୟକ। ମୁଖ୍ୟଅତିଥି ଭାବେ ମିଛ କବିତାର ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଦିଲ୍ଲୀପ ଦାସ, ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ରମେଶ ଦତ୍ତ, ସମାଜସେବୀ ଅନନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ମଧୁର ସଙ୍ଗୀତ।



ମେଲୋଡି ସଙ୍ଗୀତ ଭୁବନେଶ୍ୱର ନିଜର କଳା ନୈପୁଣ୍ୟ ଦେଖାଇ ଉପସ୍ଥିତ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କ ମନ ମୋହିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କୃଷକ ନେତା ଶ୍ୟାମସୁନ୍ଦର ସେଠୀ।

# ୩୫ ବର୍ଷ ପରେ ବି ସରକାରୀ ସହାୟତାରୁ ବଞ୍ଚିତ ଦମ୍ପତି

**ବନ୍ତ/ଆଗରପଡ଼ା, ୧୪।୧୧(ସମିସ)**

ଦୀର୍ଘ ୩୫ ବର୍ଷ ହେବ ଏକ ଦମ୍ପତି ଅନ୍ୟ ଲୋକଙ୍କ ଘର ବାରଣ୍ଡାରେ ଆଶ୍ରୟ ନେଇଥିଲେ ହେଁ ତାଙ୍କ ପ୍ରତି ପ୍ରଶାସନର ଦୃଷ୍ଟି ପଡ଼ିପାରୁନାହିଁ। ଏହିଭଳି ଏକ ଅଭାବନୀୟ ଘଟଣା ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସିଲନ୍ଦୀ ଗ୍ରାମରେ। ବୃଦ୍ଧ କୁଞ୍ଜବିହାରୀ ସାହୁ (୭୩) ଓ ପତ୍ନୀ କୁଞ୍ଜଲତା(୬୮) ବୟସର ଅପରାହ୍ନରେ ପହଞ୍ଚିଛନ୍ତି। କୁଞ୍ଜବିହାରୀଙ୍କ ପ୍ରକୃତ ଘର କେନ୍ଦୁଝର ଜିଲ୍ଲା ମଉଳଡ଼ିଆ ଗ୍ରାମରେ। ତାଙ୍କୁ ୨୨ ବର୍ଷ ହୋଇଥିବା ବେଳେ ସେ ସିଲନ୍ଦି ଗ୍ରାମର କୁଞ୍ଜଲତାଙ୍କୁ ବିବାହ କରିଥିଲେ। ପରେ ନିଜ ଗୃହରେ କିଛି ବର୍ଷ ଜୀବନ ନିର୍ବାହ କରୁଥିଲେ। ତାଙ୍କ ବାପା ଅତ୍ୟନ୍ତ ଦରିଦ୍ର ଥିବାରୁ କୌଣସି କାରଣ ପାଇଁ ନିଜ ଘରଡ଼ିହକୁ ବିକ୍ରୟ କରିଦେଇଥିଲେ। ଗୃହ ଶୂନ୍ୟ ହେବାରୁ କୁଞ୍ଜବିହାରୀ ନିଜର ଭାଗ୍ୟ ଆଉ ଭବିଷ୍ୟତକୁ ନେଇ ନିଜ ଶଶୁର ଘର ସିଲନ୍ଦିକୁ ପଳାଇ ଆସିଥିଲେ। ସେଠାରେ କିଛି ବର୍ଷ ରହି ପରର ମୂଲ ମଜୁରୀ ଲାଗି ନିଜର ଜୀବନ ନିର୍ବାହ କରୁଥିଲେ। ବହୁ କଷ୍ଟରେ ରୋଜଗାର କରିଥିବା ଅର୍ଥରେ ନିଜର ଏକମାତ୍ର



କନ୍ୟାଙ୍କୁ ବିହାହ କରିଥିଲେ। ପରେ କୌଣସି ଣସି କାରଣରୁ ମଧ୍ୟ ସେଠାରୁ ପଳାଇ ଆସି ଥିଲେ। କେଉଁଠି ରହି ନିଜର ଜୀବନ ନିର୍ବାହ କରିବେ ତାହାକୁ ନେଇ ଚିନ୍ତାରେ ଥିଲେ। ଗରିବଙ୍କୁ ଦଇବ ସାହା ପରି ତାଙ୍କ ଏହି ଦୟନୀୟ ଅବସ୍ଥାକୁ ଦେଖି ଉକ୍ତ ଗ୍ରାମର ବଦାନ୍ୟ ବ୍ୟକ୍ତି ଗିରୀଧାରୀ ଓ ତାଙ୍କ ଭାଇ ସୁରେନ୍ଦ୍ର ସାହୁ ନିଜ ଗୃହ ପିଣ୍ଡାରେ ଏକ ଚାଳିଆ ଗୃହ କରାଇ ସେଠାରେ ତାଙ୍କୁ ଆଶ୍ରୟ ଦେଇଥିଲେ। ସେବେଠୁ ଦୀର୍ଘ ୩୫ ବର୍ଷ ହେବ ଉକ୍ତ ଦମ୍ପତି ଏଠାରେ ବହୁ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି। ନିଜ ନାମରେ ଜମିପଟ୍ଟା ନଥିବାରୁ ଆବାସ ଯୋଜନାରେ ଘର ମିଳୁନାହିଁ। ଏଥିପାଇଁ ସେ ୨୦ ବର୍ଷ ଧରି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନ ପାଖକୁ ଯାଇ ନିରାଶ ହେବା ପରେ ଦୁଇବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ନିଜର ଦୁଃଖ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କିଛି ସୁଫଳ ମିଳି ନଥିବା ଉଭୟ ଦମ୍ପତି ଦୁଃଖର ସହ ପ୍ରକାଶ କରିଛନ୍ତି। ଏହି ଭୂମିହୀନ ଅସହାୟ ପରିବାର ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୁକନ୍ୟା ସମୃଦ୍ଧି ସଚେତନତା ଶିବିର




**ଭଦ୍ରକ, ୧୪।୧୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ଆୟୋଜିତ ହୋଇଯାଇଛି। ବାସୁଦେବପୁର ବ୍ଲକ୍ ଚୂଡ଼ାମଣି ଆଡିଆ ପ୍ରାଥମିକ ବିଦ୍ୟାଳୟ ଓ କେ ସି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଭଦ୍ରକ ଡାକ ମୁଖ୍ୟ ଅଧିକାରୀ, ଜିଲ୍ଲା ଆର୍ôଥକ ସେବା ଓ ସଞ୍ଚୟ ଅଧିକାରୀ, ପୂର୍ବତନ ଜିଲ୍ଲା ଆର୍ôଥକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ଓ କେସି ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସୁକନ୍ୟା ଆକାଉଣ୍ଟ ଖୋଲାଯିବା ସହ ଏଠାରେ ଆଧାର ଶିବିର ମଧ୍ୟ ଆୟୋଜିତ ହୋଇଥିଲା ଓ ନୂଆ ଆଧାର ଆବେଦନ ଓ ସୁଧାର କରିଥିଲେ। ଏହି ଶିବିରରେ ଚୂଡ଼ାମଣି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଅଭିଭାବକ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ଅଭିଭାବକ ଓ ଅଙ୍ଗନବାଡ଼ି କର୍ମକର୍ତ୍ତା ଯୋଗ ଦେଇଥିଲେ।

ଡବ୍ଲ୍ୟୁଏଚ୍ଓର ସତର୍କବାଣୀ

# ଦେଶରେ ୫୦ କୋଟି ଲିଟର କ୍ଷୀର ଅପମିଶ୍ରିତ

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଭାରତରେ ନକଲି ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟ ଖୁବ୍ ଜୋର ସୋରରେ ଚାଲିଛି। ଦେଶରେ ବ୍ରିକି ହେଉଥିବା ପାଖାପାଖି ୮୦% କ୍ଷୀର ଅପମିଶ୍ରିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପବୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ ଭାରତରେ ଦୈନିକ ୬୪ କୋଟି ଲିଟର ଦୁଗ୍ଧ ବିକ୍ରି ହେଉଛି। ତେବେ ଏଥିରୁ ୫୦ କୋଟି ଲିଟର କ୍ଷୀର ଅପମିଶ୍ରିତ ଓ ନକଲି ବୋଲି ରିପୋର୍ଟରେ କୁହାଯାଇଛି। ଡବ୍ଲ୍ୟୁଏଚ୍ଓର ଏହି ରିପୋର୍ଟ ଏକ ବଡ଼ ସତର୍କବାଣୀ।

ନକଲି ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟୀ ଭାରତରେ ମାନବ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏହି ରିପୋର୍ଟ ଭାରତରେ ନକଲୀ ଓ ଅପମିଶ୍ରିତ ଦୁଗ୍ଧ ବ୍ୟବସାୟ ଉପରୁ ପର୍ଦ୍ଦା ହଟାଇଛି। ଏପରି ଦୁଗ୍ଧ ସେବନ ମାନବ ସ୍ୱାସ୍ଥ୍ୟ ଲୋଗି କ୍ଷତି କାରକ ଓ ଏହାର ଉପଯୋଗ କ୍ୟାନସର ଭଳି ରୋଗର କାରଣ ହୋଇପାରେ ବୋଲି ସଙ୍ଗଠନ ସତର୍କ କରାଇଛି। ସୂଚନା ଅନୁସାରେ ପଞ୍ଜାବରେ ୨୫ଲକ୍ଷ ଗାଈ ଓ ୪୦ ଲକ୍ଷ ମଇଁଷି ଅଛନ୍ତି। ହେଲେ ଦୁଗ୍ଧ ଦେଉଥିବା ପଶୁଙ୍କ ସଂଖ୍ୟା ରାଜ୍ୟରେ ବହୁତ କମ୍। ପଞ୍ଜାବରେ ଦୈନିକ ୧୬ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି। ରାଜ୍ୟରେ ଉତ୍ପାଦିତ ଦୁଗ୍ଧର ୬୦% ଲୋକେ ନିଜ ଘରୋଇ ଉପଯୋଗ କରୁଛନ୍ତି। ବଳକା ୪୦% ଦୁଗ୍ଧକୁ ଦହୀ, ଲହୁଣୀ, ପନିର, ପ୍ୟାକେଜଡ୍ ଦୁଗ୍ଧ ଓ ଗୁଣ୍ଡ ଦୁଗ୍ଧ ପାଇଁ ଉପଯୋଗ କରାଯାଉଛି।

ଭାରତୀୟ ଖାଦ୍ୟ ସୁରକ୍ଷା ଓ କ୍ୱାଲିଟି ଯାଞ୍ଚ ପ୍ରାଧିକରଣ ଦ୍ୱାରା କରାଯାଇଥିବା ଏକ ସର୍ଭେକ୍ଷଣରେ ରାଜ୍ୟର ୩୭% ଦୁଗ୍ଧ ନମୁନା ଶୁଦ୍ଧତା ଯାଞ୍ଚରେ ଫେଲ ହୋଇଛି। ଅଧିକ ଲାଭ ଆଶାରେ ଦେଶର ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଦୁଗ୍ଧ ବିକ୍ରେତା ଆରାରୁଟ, ରଙ୍ଗ, ୱାସିଂପାଉଡର ଓ ଗ୍ଲୁକୋଜ ତଥା ମିଲ୍କ ପାଉଡରରୁ ଦୁଗ୍ଧ ପ୍ରସ୍ତୁତ କରି ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି। ଦେଶରେ ନକଲି ଦୁଗ୍ଧ ବିକ୍ରି ଯୋଗୁ ଅସଲି ଦୁଗ୍ଧ ଚାଷୀଙ୍କୁ ସେମାନଙ୍କ କ୍ଷୀରର ଉଚିତ୍ ମୂଲ୍ୟ ମିଳୁନାହିଁ। ଏଣୁ ଗ୍ରାମାଞ୍ଚଳରେ ଲୋକେ ଏବେ ଲାଭ ହେଉ ନ ଥିବାରୁ ଗାଈଗୋରୁ ବିକ୍ରି କରିଦେଉଛନ୍ତି।

## ପ୍ରକୃତ ଦୁଗ୍ଧ ଚାଷୀଙ୍କୁ ମିଳୁନି କ୍ଷୀରର ଉଚିତ୍ ମୂଲ୍ୟ



ଅନ୍ୟପକ୍ଷେ ଦେଶରେ ନକଲି ଦୁଗ୍ଧ ବ୍ୟବସାୟ ବଢିବା ଯୋଗୁ ଲୋକେ ଏପରି ଦୁଗ୍ଧ ଉପଯୋଗ କରି ନାନା ରୋଗରେ ପୀଡିତ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୂଚିତ କରିଛନ୍ତି। ଏବେ ଦେଶରେ ନକଲି କ୍ଷୀରର ପ୍ରସାର ଯୋଗୁ ଲୋକେ ଯେଉଁ ସବୁ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି ସେଥିରେ କ୍ୟାନସର, ଡାଏବେଟିଜ୍, ହାଇବ୍ଲଡ ପ୍ରେସର, ଡିପ୍ରେସନ, ଥାଇରଏଡ ଓ ପେଟ ବେମାରି ହେଉଛି। ଏଣୁ ଏପରି କ୍ଷୀରର ପ୍ରସାର ରୋକିବା ଲାଗି ସଂଗଠନ ଭାରତ ସରକାରଙ୍କୁ ସତର୍କ କରାଇଛି।

# ବିବାହ ବନ୍ଧନରେ ଧରାକୋଟ ରାଜା ସୁଲକ୍ଷଣା

**ଧରାକୋଟ,୧୪।୧୧(ସମିସ):** ଧରାକୋଟର ପ୍ରଥମ ମହିଳା ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ରାଜା କିଶୋର ଚନ୍ଦ୍ର ସିଂହଦେଓ ଓ ରାଣୀ ନନ୍ଦିନୀ ଦେବୀଙ୍କ ଜ୍ୟେଷ୍ଠା କନ୍ୟା ସୁଲକ୍ଷଣା ଗୀତାଞ୍ଜଳି ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମହାପାତ୍ରଙ୍କୁ ଗଳାରେ ବରଣମାଳା ପିନ୍ଧାଇଛନ୍ତି। ସମ୍ପୂର୍ଣ୍ଣ ରାଜକୀୟ ରୀତିନୀତି ପ୍ରକାରେ ଏହି ବାହାଘର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ବେଳେ ବିବାହ ଉତ୍ସବରେ ରାଜମାତା ନନ୍ଦିନୀ ଦେବୀ, ସାନ ଭଉଣୀ ଶାନ୍ତିପ୍ରିୟା ଗୀତାଞ୍ଜଳିଙ୍କ ସମେତ ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ରାଜ ପରିବାରର ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ। ସୁଲକ୍ଷଣାଙ୍କ ଜେଜେବାପା ଅନନ୍ତ ନାରାୟଣ ସିଂହ ଦେଓ, ଜେଜେ ମା' ଶାନ୍ତି ଦେବୀ, ପିତା କିଶୋର ଚନ୍ଦ୍ର ସିଂହଦେଓ, ମାତା ନନ୍ଦିନୀ ଦେବୀ ବିଭିନ୍ନ ସମୟରେ ଓଡ଼ିଶା ବିଧାନ ସଭା ଓ ଲୋକ ସଭାକୁ ପ୍ରତିନିଧିତ୍ୱ କରି ରାଜ୍ୟ ରାଜନୀତି କ୍ଷେତ୍ରରେ ଧରାକୋଟ ପାଇଁ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବା ବେଳେ ସୁଲକ୍ଷଣା ନିଜେ ବର୍ତ୍ତମାନ ଧରାକୋଟ ପଞ୍ଚାୟତ ସମିତିର ଅଧ୍ୟକ୍ଷା ରହିଛନ୍ତି। ଆଜି ଧରାକୋଟ ରାଜବାଟୀ ପରିସରରେ ନିଜ ରାଜ୍ୟର ସର୍ବକନିଷ୍ଠ ରାଜାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।



ପୂର୍ତ୍ତ ବିଭାଗ ପ୍ରକଳ୍ପର ସମୀକ୍ଷା

# ଏଜି ଛକରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ହେବ ଦୁଇ ଥାକିଆ ରାସ୍ତା

**ଭୁବନେଶ୍ୱର,୧୪।୧୧(ସମିସ):** ଭୁବନେଶ୍ୱର ଏଜି ଛକରୁ ଟ୍ରାଫିକ୍ ପୋଷ୍ଟ ହଟିବ। ମାଟି ତଳେ ଓ ଉପରେ ୨ ଥାକିଆ ରାସ୍ତା ନିର୍ମାଣ ହେବ। କଳ୍ପନା, ଖଣ୍ଡଗିରି ଓ ଜୟଦେବ ବିହାରରୁ ନାଲ୍କୋ ପର୍ଯ୍ୟନ୍ତ ଏଲିଭେଟେଡ୍ କରିଡର୍ ନିର୍ମାଣ କରାଯିବ। ଏଥିପାଇଁ ପୂର୍ତ୍ତ ବିଭାଗ ପ୍ରାରମ୍ଭିକ ଡିପିଆର ପ୍ରସ୍ତୁତ କରିଛି। ଭୁବନେଶ୍ୱର ସହରର ଭିଡ଼ ନିୟନ୍ତ୍ରଣ ପାଇଁ ମାନସମନ୍ଥନ କରି ବିଭାଗ ପକ୍ଷରୁ ଏଭଳି କିଛି ନିଷ୍ପତ୍ତି ହୋଇଛି। ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ବୈଠକ ପରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜୟଦେବ ବିହାରଠାରୁ ନନ୍ଦନକାନନରେ ରାସ୍ତାର ପ୍ରଶସ୍ତିକରଣ ଓ ଉଭୟ ପଟରେ ସମାନ୍ତରାଳ ରାସ୍ତା ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା, ଏମସ୍‌କୁ ଯାଇଥିବା ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ଖଣ୍ଡଗିରି-ଜାଗମରା ଏଲିଭେଟେଡ୍ ରାସ୍ତା ଏବଂ କଳ୍ପନା ଛକରେ ଆଧୁନିକ ଏଲିଭେଟେଡ୍ ରାସ୍ତା ସହ ଏଜି ଛକରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ଦୁଇ ଥାକିଆ ରାସ୍ତାର ପରିକଳ୍ପନା କରାଯାଇଛି। ଏନେବୈଠକରେ ବିସ୍ତୃତ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ରାଜ୍ୟର ରାସ୍ତାଘାଟ ଓ ଅନ୍ୟ ଭିତ୍ତିଭୂମିରେ ବିକାଶକୁ ତ୍ୱରିତ ବେଗରେ ଆଗେଇ ନେବାକୁ ପଡ଼ିବ। ତେଣୁ ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରକଳ୍ପର ଅଗ୍ରଗତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ କୋରାପୁଟ ବାଇପାସ୍, ଜୁନାଗଡ଼ ବାଇପାସ୍, ରାଉରକେଲା ବାଇପାସ୍, ନୂଆପଡ଼ା ବାଇପାସ୍, ଆସ୍କା ବାଇପାସ୍, ଜଗତସିଂପୁର ଜିଲ୍ଲା ଅନ୍ତର୍ଗତ ଓଏମ୍‌ପି-କନ୍ଦରପୁର-ପାରାଦ୍ୱୀପ ଆଦି ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଛି।

ଏଥି ସହିତ ପୁରୀର ବିଭିନ୍ନ ରାସ୍ତା, କୋଠାବାଡ଼ି, ଧର୍ମଶାଳା, ପାଠାଗାର ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିବା ସହ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରିବା ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍ ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍ୱାସ୍ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆଜିଠାରୁ ଓବିସିସିର ସମସ୍ତ ସରକାରୀ କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହେବା ନେଇ ଶୁଭାରମ୍ଭ ହୋଇଛି। ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହଙ୍କ ସମେତ ବରୁଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରତିଭା ସମ୍ମାନ ଉତ୍ସବ

# ଡଃ କୁଳମଣି ନାୟକଙ୍କୁ 'ଭାଷା ରତ୍ନ ପୁରସ୍କାର'

**ଭୁବନେଶ୍ୱର, ୧୪।୧୧(ସମିସ):** ପ୍ରତିଭା ସମ୍ମାନ ଓଡ଼ିଶା ପକ୍ଷରୁ ଆୟୋଜିତ ଦ୍ୱିତୀୟ ପ୍ରତିଭା ସମ୍ମାନ ଉତ୍ସବ-୨୦୨୫ର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ। ତାଙ୍କ ସହିତ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମେନ ପବିତ୍ର ରାଉତରାୟ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସଂଯୋଜିକା ତଥା ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟର ଅପର୍ଣ୍ଣା ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଡଃ କୁଳମଣି ନାୟକଙ୍କୁ ଭାଷା ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ପ୍ରମୋଦ କୁମାର ଦେବ ସଭା ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ନାଟକ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପୁରୀ ପକ୍ଷରୁ ନାଟକ ମଞ୍ଚମାୟା ମଞ୍ଚସ୍ଥ ହୋଇଥିଲା। ପ୍ରତିଭା ନାଟ୍ୟ ପରିଷଦ ର ସଭାପତି ଦିପ୍ତିରଜନ ଦାସ ନାଟକ ମହୋତ୍ସବକୁ ପରିଚାଳନା କରିଥିଲେ।




ସୂଚନାଯୋଗ୍ୟ ଯେ ପ୍ରତିଭା ସମ୍ମାନ ଉତ୍ସବ-୨୦୨୫ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ୩ ଦିନ ପାଇଁ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସଙ୍ଗଠନର ସଭାପତି ତଥା ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡଃ ଅଶୋକ ମହାପାତ୍ର, ପୂର୍ବତନ କୂଳପପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ ଉପସଭାପତି ଡଃ କୁମରବର ଦାସ ପ୍ରତିଭା ନାଟ୍ୟ ପରିଷଦର ସଭାପତି ଦୀପ୍ତି ରଞ୍ଜନ ଦାସ, ସିନେମା କଳାକାର ସ୍ୱର୍ଗତ ଅଜିତ୍ ଦାସଙ୍କ ପତ୍ନୀ ଡଃ ମାୟାଦାସ, ବିଶିଷ୍ଟ ନାଟ୍ୟକାର ଫକୀର ସିଂ, ମିହିର କୁମାର ମେହର ଓ ଅବିନାଶ ଦଣ୍ଡପାଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ପାଞ୍ଚଜଣ ଶିକ୍ଷୟିତ୍ରୀଙ୍କୁ ଶିକ୍ଷକ ରତ୍ନ ସମ୍ମାନ ୨୦୨୫ ରେ ସମ୍ମାନିତ କରାଯାଇଥିଲା।

# ୨୫ରୁ 'ସମୃଦ୍ଧ ଓଡ଼ିଶା ୨୦୩୬' କନ୍‌କ୍ଲେଭ

**ଭୁବନେଶ୍ୱର,୧୪।୧୧(ସମିସ):** ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ଆସନ୍ତା ଦୁଇ ଦିନିଆ କନକ୍ଲେଭ, 'ସମୃଦ୍ଧ ଓଡ଼ିଶା ୨୦୩୬'ସମ୍ପର୍କରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି। ଏହି କାର୍ଯ୍ୟକ୍ରମ ନଭେମ୍ବର ୨୫ ଏବଂ ୨୬ ଦୁଇ ଦିନ ଧରି ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ଶତବାର୍ଷିକୀ ଆଡକୁ ଅର୍ଥନୈତିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଏକ ପ୍ରମୁଖ ପଦକ୍ଷେପ। ଏହି କନକ୍ଲେଭର ପ୍ରମୁଖ ବିଷୟବସ୍ତୁ ଏହି ଧାରଣା ଉପରେ କେନ୍ଦ୍ରିତ ଯେ "ଓଡ଼ିଶା ପରିବର୍ତ୍ତନର ପଥରେ - ଯେଉଁଠାରେ ନବସୃଜନ ସୁଯୋଗକୁ ଭେଟିଥାଏ ଏବଂ ପ୍ରଗତି ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିଥାଏ। ୟୁସିସିଆଇଏଲ୍‌ର ସଭାପତି ଏବଂ ରାଜ୍ୟର ଶିଳ୍ପ କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଡକ୍ଟର ପ୍ରବୋଧ ମହାନ୍ତି ଏହି ପ୍ରଦର୍ଶନୀର ନେତୃତ୍ୱ ନେବେ। ଡକ୍ଟର ମହାନ୍ତି ଏବଂ ଚାମ୍ବର ଏକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଯାହା ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାର ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ସହିତ 'ବିକଶିତ ଓଡ଼ିଶା'ର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ଶିଳ୍ପ, ସରକାର ଏବଂ ନାଗରିକଙ୍କ ସହଯୋଗ ପ୍ରୟାସ ଚାହୁଁଛି। ଏହି କାର୍ଯ୍ୟକ୍ରମର ଆଲୋଚନାର କେନ୍ଦ୍ରବିନ୍ଦୁ ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ବୃଦ୍ଧି କରିବା, ବିଶେଷକରି ଆଭ୍ୟନ୍ତରୀଣ ଜଳପଥ ଏବଂ ଉନ୍ନତ ରାସ୍ତା ନେଟୱାର୍କର ବିକାଶ, କଞ୍ଚାମାଲର ଦକ୍ଷ ପରିବହନ ପାଇଁ, ବିଶେଷକରି ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକରୁ, ଏବଂ ରାଜ୍ୟର ବିଶାଳ ଇସ୍ପାତ ଉତ୍ପାଦନ ଲକ୍ଷ୍ୟକୁ ସମର୍ଥନ କରିବା ଆଦି ରହିବ।



ମସଲା ସମ୍ରାଟ ଶରତ ସାହୁଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି

# 'ସ୍ମୃତିରେ ଶରତ' ଉନ୍ମୋଚିତ

**କଟକ,୧୪।୧୧(ସମିସ):** ବିଶିଷ୍ଟ ଉଦ୍ୟୋଗପତି ତଥା 'ରୁଚି' ମସଲାର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କ ଏକାଦଶାହ ପୁଣ୍ୟସ୍ମୃତି କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ବୟାଳିଶ ମୌଜାସ୍ଥିତ ଯଶୋଦା ଗାର୍ଡେନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ଲୋକ ଏଥିରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା ସହିତ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଉଦ୍‌ଯୋଗୀ ମଣିଷ ଡକ୍ଟର ସାହୁ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିତ୍ୱ ମତ ପ୍ରକାଶ କରିଥିଲେ। ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, କଟକ ମେୟର ସୁବାସ ସିଂହ, ପୂର୍ବତନ ମୁଖ୍ୟ ଶାସନସଚିବ ସହଦେବ ସାହୁ, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ମହିମାନନ୍ଦ ମିଶ୍ର, ଆୟକର ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ବିଧୁଭୂଷଣ ମହାନ୍ତି, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧାୟକ ଆକାଶ ଦାସ ନାୟକ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରୋଜାଲିନ ପାଟ୍ଟଶାଣୀ ମିଶ୍ର, ବରିଷ୍ଠ ଆଡଭୋକେଟ ଧରଣୀଧର ନାୟକ, ବିଶିଷ୍ଟ ଶିକ୍ଷାବିତ ବିନୋଦ ଦାଶ, ଡ. ପ୍ରଭୁଚରଣ ମହାନ୍ତି, ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମାଜସେବୀ ଡ.ରଞ୍ଜନ ବିଶ୍ୱାଳ, ପ୍ରଫେସର ଜୟନ୍ତ ପଣ୍ଡା, ସମାଜସେବୀ ନୟନ କିଶୋର ମହାନ୍ତିଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପଦାଧିକାରୀ ଓ ସାମ୍ବାଦିକ ଯୋଗଦେଇ ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ 'ସ୍ମୃତିରେ ଶରତ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।



ଶିଳ୍ପୋଦ୍ୟୋଗୀ ଶରତଙ୍କ ସ୍ମୃତିରେ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାସ, ରବୀନ୍ଦ୍ର ନାରାୟଣ ଦାସ, ପ୍ରିୟଙ୍କା ସ୍ୱାଇଁ, ନିଶିପ୍ରଭା ପାଣି, ବିଭୁ ନନ୍ଦ, ବିଚିତ୍ରାନନ୍ଦ ପଣ୍ଡା, ମାତୃଦାସ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ମଧ୍ୟାହ୍ନରେ 'ରୁଚି' ପରିବାର ପକ୍ଷରୁ ଓସିଆ ମଣ୍ଡପରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମକୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ ସହ ଶୁଭାରମ୍ଭ କରିଥିଲେ। ଡକ୍ଟର ସାହୁଙ୍କ ପୁତ୍ର ଅରବିନ୍ଦ ସାହୁ, ପୁତ୍ରବଧୂ ସଲିନା ସାହୁ, କନ୍ୟା ରଶ୍ମି ସାହୁ, ଜାମାତା ପ୍ରକାଶ କୁମାର ସାହୁ ପ୍ରମୁଖ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଇଂ ସାତ୍ତ୍ୱିକ ସ୍ୱାଇଁ, ଉଲ୍ଲାସଚନ୍ଦ୍ର ବେଉରା, ଶୁଭେନ୍ଦୁ ଭୂୟାଁ, ଲକ୍ଷ୍ମୀଧର ସାହୁ, ସନ୍ତୋଷ ପାଢ଼ୀ, ଶ୍ରୀକାନ୍ତ ମହାପାତ୍ର, ଅକ୍ଷୟ ପଣ୍ଡା ସହଯୋଗ କରିଥିଲେ।

# ବଦଳିଲା ସବୁ ବ୍ୟାଙ୍କର ୱେବ୍‌ସାଇଟ୍ ଠିକଣା

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଦେଶର ସବୁ ପ୍ରମୁଖ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇସିଆଇସିଆଇ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ ଓ ଆକ୍ସିସ ବ୍ୟାଙ୍କ ନିଜ ଅଫିସିଆଲ୍ ୱେବସାଇଟକୁ ପୁରୁଣା 'ଡଟ୍‌କମ୍ କିମ୍ବା '.ଡଟ୍‌କୋଡଟ୍‌ଇନ୍' ଡୋମେନ୍‌ରୁ ବଦଳାଇ ଏବେ "ଡଟ୍‌ବ୍ୟାଙ୍କଡଟ୍‌ଇନ୍'କୁ ସ୍ଥାନାନ୍ତରିତ କରାଯାଇଛି। ଏହି ପଦକ୍ଷେପ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ପରେ ନିଆଯାଇଛି।

## ନୂଆ ଡୋମେନ୍ 'ଡଟ୍‌ବ୍ୟାଙ୍କଡଟ୍‌ଇନ୍'

ଏହାର ଉଦ୍ଦେଶ୍ୟ ଅନଲାଇନ୍ ବ୍ୟାଙ୍କିଂ ସୁରକ୍ଷାକୁ ମଜଭୁତ କରିବା ଓ ଗ୍ରାହକଙ୍କ ପ୍ରକୃତ ବ୍ୟାଙ୍କିଂ ୱେବସାଇଟ୍ ଯାଏ ସୁରକ୍ଷିତ ପହଞ୍ଚକୁ ସୁନିଶ୍ଚିତ କରିବା। ଆରବିଆଇ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇ ଅକ୍ଟୋବର ୩୧ ସୁଦ୍ଧା ନିଜ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ପୋର୍ଟାଲ୍ସକୁ ବିଶେଷ "ଡଟ୍‌ବ୍ୟାଙ୍କଡଟ୍‌ଇନ୍' ଡୋମେନକୁ ସ୍ଥାନାନ୍ତରିତ କରିବା ପାଇଁ କହିଥିଲା। ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଫିସିଂ ଓ ଫେକ୍ ୱେବସାଇଟ୍ ଜାଲିଆତିକୁ ରୋକିବା। ସ୍କାମରମାନେ ପ୍ରକୃତ ବ୍ୟାଙ୍କର ୱେବସାଇଟ୍ ସହ ମେଳ ଖାଉଥିବା ଲିଙ୍କ୍ କରି ଗ୍ରାହକଙ୍କଠାରୁ ସେମାନଙ୍କ ବ୍ୟାଙ୍କିଙ୍ଗ ବିବରଣୀ ହାସଲ କରିଥାନ୍ତି। ମାଇଗ୍ରେସନର ସମୟସୀମା ପୂରଣ ହେବା ପରେ ଏବେ ଗ୍ରାହକଙ୍କୁ କେବଳ ଅଫିସିଆଲ୍ "ଡଟ୍‌ବ୍ୟାଙ୍କଡଟ୍‌ଇନ୍" ଡୋମେନ ସାଇଟ୍ ଉପରେ ଲଗ୍ ଇନ୍ କରିବାକୁ ପରାମର୍ଶ ଦିଆଯାଇଛି।

ସେକ୍ସ ରାକେଟ ଠାବ ଘଟଣା

# ରାଜଧାନୀରେ ମାଳମାଳ ସେକ୍ସ ରାକେଟ୍


**ଭୁବନେଶ୍ୱର, ୧୪।୧୧(ସମିସ):** ଦେହ ବ୍ୟବସାୟୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି ରାଜଧାନୀ। ନାଁ ଅଛି ଚେକିଂ, ନାଁ ହେଉଛି ଛାନଭିନ। ବୁଧବାର ୟୁନିଟ୍ ୪ ହୋଟେଲ ଆରାଧା ରେସିଡେନ୍ସିରୁ ହୋଇଥିବା ସେକ୍ସ ରାକେଟ ଠାବ ହେବାପରେ ନୂଆ ନୂଆ କଥା ପଦାକୁ ଆସୁଛି। ସେକ୍ସ ରାକେଟର ମାଷ୍ଟରମାଇଣ୍ଡ ତଥା ଗିରଫ ହୋଇଥିବା ମହେନ୍ଦ୍ର ପାତ୍ର ପୂର୍ବରୁ ମଧ ସେହି ହୋଟେଲକୁ ଯାଇ ଆସ କରୁଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ଏଭଳି କଥା ଜଣାପଡ଼ିବା ପରେ ମହେନ୍ଦ୍ର ପୂର୍ବରୁ ମଧ ମାନବ ଚାଲାଣ ଓ ସେକ୍ସ ରାକେଟରେ ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କରୁଛି। ଗୁରୁବାର ହୋଟେଲକୁ ଯାଇ ଛାନଭିନ କରିବା ବେଳେ ପୁଲିସ ଆଶ୍ଚର୍ଯ୍ୟଜନକ କଥା ଜାଣିବାକୁ ପାଇଛି। ଦୀର୍ଘବର୍ଷ ଧରି ହୋଟେଲ ଚାଲିଥିଲେ ମଧ 'ସରାଇ' ଆପରେ ରେଜିଷ୍ଟ୍ରେସନ କରିନାହାନ୍ତି ମାଲିକ। ଏପରି ସ୍ଥଳେ ରାଜଧାନୀର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

- ହୋଟେଲର ନ ଥିଲା 'ସରାଇ' ରେଜିଷ୍ଟ୍ରେସନ
- କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ
- ହୋଟେଲରେ ପୁଲିସର ଛାନଭିନ୍

## କାହିଁକି କରୁନାହାନ୍ତି ସରାଇ ପଞ୍ଜୀକରଣ

ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହୁଥିବା ବ୍ୟକ୍ତିଙ୍କ ତଥ୍ୟ ପାଇବା ପାଇଁ ୪ ବର୍ଷ ପୂର୍ବେ କମିସନରେଟ ପୁଲିସ ପକ୍ଷରୁ ସରାଇ ଆପ୍ ଲଞ୍ଚ କରିଥିଲା। ଏହାକୁ ହୋଟେଲ, ଲଜ୍ ଓ ଗେଷ୍ଟହାଉସ୍ କର୍ତ୍ତୃପକ୍ଷ ଡାଉନ୍‌ଲୋଡ୍ କରିବେ ଓ ପ୍ରତ୍ୟେକ ଦିନ ପରିଚୟପତ୍ର ସହ ଗ୍ରାହକଙ୍କ ବିବରଣୀ ଦାଖଲ କରିବାର ନିୟମ ରହିଛି। କିନ୍ତୁ ରାଜଧାନୀରେ ଖୋଲିଥିବା ଅନେକ ହୋଟେଲ୍ ଏବଂ ଲଜ୍ କର୍ତ୍ତୃପକ୍ଷ ଏ ସରାଇ ଆପ୍‌ର ବ୍ୟବହାର କରୁନାହାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଆଦୌ ସରାଇ ଆପ୍ ବିଷୟରେ ଜାଣି ନ ଥିବା ବେଳେ ବାକି କିଛି ହୋଟେଲ୍ ଏବଂ ଲଜ୍ ମାଲିକ ଏହାର ଅପ୍‌ଲୋଡ୍ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛନ୍ତି। ଏଥିରେ ତଥ୍ୟ ଅପ୍‌ଲୋଡ୍ କରିବା ଜଟିଳ ହୋଇଥିବାରୁ ଅଧିକାଂଶ ହୋଟେଲ୍ ମାଲିକ ଏଥିରେ ତଥ୍ୟ ଦେଉ ନାହାନ୍ତି ବୋଲି ଅଭିଯୋଗ ହେଉଛି। ସେପଟେ ଦିଲ୍ଲୀ ବିସ୍ଫୋରଣ ପରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ହାଇ ଆଲର୍ଟ ଜାରି କରାଯାଇଛି। ପୁଲିସ, ଗୁଇନ୍ଦା ଓ ଏନ୍‌ଆଇଏ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ା ନଜର ରଖାଯାଇଛି। ଏଭଳି ପରିସ୍ଥିତିରେ ରାଜଧାନୀର ଛାତି ଉପରେ ଥିବା ହୋଟେଲ ସରାଇ ଆପରେ ପଞ୍ଜୀକରଣ ନ କରିବା କମିସନରେଟ ପୁଲିସ ଉପରକୁ ଆଙ୍ଗୁଳି ଉଠାଇଛି।

ସୂଚନା ଅନୁସାରେ, ବରମୁଣ୍ଡାସ୍ଥିତ ଦାଦାଙ୍କ ଘରେ ରହୁଥିବା ଢେଙ୍କାନାଳ ଅଞ୍ଚଳର ନାବାଳିକା ଜଣେ ସ୍ତ୍ରୀ ଲୋକ ମାଧ୍ୟମରେ ମହେନ୍ଦ୍ରଙ୍କ ସହ ପରିଚିତ ହୋଇଥିଲେ। ମହେନ୍ଦ୍ର ତାଙ୍କୁ ଚାକିରି ଆଳ ଦେଖାଇ ମଙ୍ଗଳବାର ୟୁନିଟ୍ ୪ସ୍ଥିତ ହୋଟେଲ ଆରାଧା ରେସିଡେନ୍ସିକୁ ନେଇ ଆସିଥିଲା। କିଛି ସମୟ ପରେ ଆଉଜଣେ ବ୍ୟକ୍ତିଙ୍କୁ ଆଣି ନାବାଳିକା ସହ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିଥିଲା। ନାବାଳିକା ଜଣକ ରାଜି ନ ହେବା ସହ ଘଟଣା ବିଷୟରେ ବନ୍ଧୁଙ୍କୁ ଜଣାଇଥିଲେ। ବନ୍ଧୁ ଜଣକ ପୁଲିସକୁ ଜଣାଇବା ପରେ ଖାରବେଳ ନଗର ଥାନା ହୋଟେଲରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ପରବର୍ତ୍ତୀ ସମୟରେ ମହେନ୍ଦ୍ରକୁ ଗିରଫ କରିଥିଲା।



ଗତକାଲି ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିବା ବେଳେ ଆଜି କୋର୍ଟରେ ତାଙ୍କର ବୟାନ ରେକର୍ଡ କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଆଧାରରେ କୋର୍ଟରେ ମାଜିଷ୍ଟ୍ରେଟ ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି। ସେ କେଉଁଠାରୁ ରହୁଥିଲେ, କିପରି ମହେନ୍ଦ୍ର ସହ ପରିଚୟ ହେଲା, କେଉଁ ଉଦ୍ଦେଶ୍ୟରେ ମହେନ୍ଦ୍ର ତାଙ୍କୁ ହୋଟେଲକୁ ଆଣିଥିଲା ଓ ଆଣିବା ପରେ କଣ କରିବାକୁ ଚାପ ପକାଉଥିଲା, ନାବାଳିକା ତାଙ୍କ ବୟାନରେ କହିଛନ୍ତି। ଖାରବେଳ ନଗର ଥାନା ପୁଲିସ ହୋଟେଲ ଆରାଧା ରେସିଡେନ୍ସିକୁ ଯାଇ ତଦନ୍ତ କରିଛି। ହୋଟେଲର ଓୟୋ ପଞ୍ଜୀକରଣ, ବିଏମସି ଅନୁମତି ଅଛି କି ନାହିଁ, ସେନେଇ ଖୋଳତାଡ଼ କରିଛି। ଏଥିସହିତ ହୋଟେଲ କର୍ତ୍ତୃପକ୍ଷଙ୍କୁ ତତ୍ ସମ୍ବନ୍ଧୀୟ କାଗଜପତ୍ର ମଗାଯାଇଛି। ହୋଟେଲର ଭିଜିଟର୍ ରେଜିଷ୍ଟ୍ରେସନ ଯାଞ୍ଚ କରିଛି ପୁଲିସ। ନାବାଳିକା ହୋଟେଲକୁ ଆସିବା ସମୟରେ ତାହା ରେଜିଷ୍ଟରରେ ଉଲ୍ଲେଖ ହୋଇଥିଲା କି ନାହିଁ ଖୋଳତାଡ଼ କରିଛି। ରେଜିଷ୍ଟର ଯାଞ୍ଚ ସମୟରେ ଚାଞ୍ଚଲ୍ୟ କର କଥା ପୁଲିସ ଜାଣିବାକୁ ପାଇଛି। ହୋଟେଲଟି ସରାଇ ଆପରେ ରେଜିଷ୍ଟ୍ରେସନ ହୋଇ ନ ଥିବା ଜଣାପଡ଼ିଛି। ଅପରାଧୀମାନେ ରାଜଧାନୀର ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସରେ ରହି ସହରରେ ଲୁଟ୍, ଛିନତାଇ, ହତ୍ୟାକାଣ୍ଡ ଭଳି ଅପରାଧ ଘଟାଉଛନ୍ତି। ହୋଟେଲ ରହୁଥିବା ଅତିଥିଙ୍କ ତଥ୍ୟ ପୁଲିସ ପାଖରେ ରହୁ ନ ଥିବାରୁ ସେମାନେ ସହଜରେ ଅପରାଧ ଘଟାଇ ଅନାୟାସରେ ଖସି ଯାଉଛନ୍ତି।

■ ମାମଲା ରୁଜୁର ୪୩ ବର୍ଷ ପରେ ଆସିଲା ରାୟ

# ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନ ହାଇକୋର୍ଟରେ ଖାରଜ

**କଟକ, ୧୪।୧୧(ସମିସ):** ମାମଲା ରୁଜୁ ହେବାର ଦୀର୍ଘ ୪୩ବର୍ଷ ପରେ ହାଇକୋର୍ଟ ଏହାର ଫଇସଲା କରି ରାୟ ଶୁଣାଇଛନ୍ତି। ଜମି ଅଧିଗ୍ରହଣ ବିବାଦ ସମ୍ପର୍କିତ ଏକ ମାମଲାରେ ୧୯୮୨ ମସିହା ମାର୍ଚ୍ଚ ୪ରେ ବରଗଡ଼ ସବ୍-ଜଜ୍ ଅଦାଲତ ପ୍ରଦାନ କରିଥିବା ରାୟ ବିରୋଧରେ ରୁଜୁ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ରାୟ ପ୍ରକାଶ କରିଛନ୍ତି। ସେହି ସମୟରେ ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି.ରାଉତରାୟ ଏପରି ରାୟ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତଙ୍କ ରାୟରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିବା ସହିତ ସମ୍ବଲପୁର ଭୂମି ଅଧିଗ୍ରହଣ ଅଧିକାରୀଙ୍କ ଆବେଦନ (ପ୍ରଥମ ଅପିଲ)କୁ ଖାରଜ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ । ଆର୍ଥିକ ସମସ୍ୟା ଦେଖା ଦେଇପାରେ ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଦୀର୍ଘଦିନର ସମସ୍ୟାର ସମାଧାନ ହେବ ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବ । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ସମୟର ସଠିକ ଉପଯୋଗ କରିବେ । ସମ୍ପର୍କୀୟଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।


**କୁମ୍ଭ:** ଦୀର୍ଘଦିନର ଆଶା ପୂରଣ ହେବ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହି ପାରନ୍ତି । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

## ଆଜିର ଇତିହାସ

- ୧୮୩୦-ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ବିଲାତ ଯାତ୍ରା ।
- ୧୯୨୦- ଜେନିଭାରେ ଲିଗ୍ ଅଫ୍ ନେସନ୍‌ର ପ୍ରଥମ ବୈଠକ ଆରମ୍ଭ ।
- ୧୯୬୧- ମିଳିତ ଜାତିସଂଘ ପରମାଣୁ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଇଲା ।
- ୧୯୭୧- ଇଣ୍ଟେଲ୍ ବିଶ୍ୱର ପ୍ରଥମ ମାଇକ୍ରୋପ୍ରୋସେସର୍ ଇଣ୍ଟେଲ୍ ୪୦୦୪ ଲଞ୍ଚ୍ କଲା ।
- ୨୦୦୦- ଝାଡ଼ଖଣ୍ଡ ଭାରତର ୨୮ ତମ ରାଜ୍ୟ ହେଲା ।
- ୨୦୦୭- ଚିଲିରେ ୭.୭ ତୀବ୍ରତାର ଭୂମିକମ୍ପ ଆସିଥିଲା ।

## ବିରଳ ବେଙ୍ଗ
# ପାଟିରେ ଦେଖେ ଦୁନିଆ




କାନାଡ଼ାର ଓଣ୍ଟାରିଓ ଅନ୍ତର୍ଗତ ବର୍ଲିଂଟନ୍‌ରେ ଏକ ବିରଳ ପ୍ରଜାତିର ବେଙ୍ଗର ସନ୍ଧାନ ମିଳିଛି । ସାଧାରଣ ବେଙ୍ଗର ଆଖି ମୁହଁ ଉପରେ ଥିବାବେଳେ ଏହାର ଆଖି ପାଟି ଭିତରେ ରହିଛି । ବୈଜ୍ଞାନିକମାନେ ଏହାର ନାଁ ଦେଇଛନ୍ତି 'ଇଣ୍ଟ୍ରୋସ୍ପେକ୍ଟିଭ ଫ୍ରଗ୍' । କାରଣ ଏହି ବେଙ୍ଗକୁ ଦୁନିଆ ଦେଖିବାକୁ ତା'ର ପାଟି ଖୋଲିବାକୁ ପଡ଼ିଥାଏ । ପାଟି ଭିତରେ ଆଖି ରହିବା କାରଣ ଜେନେଟିକ୍ ମ୍ୟୁଟେଶନ । ଘଟଣାକ୍ରମେ ଓଣ୍ଟାରିଓର ଜଣେ ହାଇସ୍କୁଲ ଛାତ୍ର ଡିଡ୍ରେ ଘର ଅଗଣାରେ ଖେଳୁଥିଲେ । ଏହି ସମୟରେ ସେ ଏକ ବିଚିତ୍ର ବେଙ୍ଗକୁ ଦେଖିଥିଲେ । ତାଙ୍କୁ ଲାଗିଥିଲା ବେଙ୍ଗଟି ଆଖି ବନ୍ଦ କରି ଶୋଇଛି । ହେଲେ ବେଙ୍ଗଟିକୁ ଧରିବାବେଳେ ସେ ପାଟି ଖୋଲିଥିଲା । ବେଙ୍ଗର ଆଖି ତା'ର ପାଟି ଭିତରେ ଥିବା ଦେଖି ଡିଡ୍ରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତେଣୁ ସେ ଏହି ବେଙ୍ଗକୁ ନେଇ ଘରେ ରଖିଥିଲେ । ଏହାର ନାଁ ଦେଇଥିଲେ 'ଗୋଲମ' । ଏହା ସହିତ ସେ ସାମ୍ବାଦିକ ସ୍କଟ୍ ଗାର୍ଡନରଙ୍କୁ ଫୋନ୍ କରି ବେଙ୍ଗଟି ବିଷୟରେ କହିଥିଲେ । ସ୍କଟ୍ ବେଙ୍ଗର କଳା ଧଳା ଫଟୋ ଉଠାଇ ଥିଲେ । ଫଟୋରେ ବେଙ୍ଗର ମୁହଁ ଖୋଲାଥିଲା । ଗାର୍ଡନରଙ୍କ କହିବାନୁସାରେ, ଏହି ବେଙ୍ଗଟି ସାମାନ୍ୟ ଦେଖାଯାଉଥିଲେ ହେଁ, ଏହା ଆଖି ଖୋଲିଲେ ଭୟାନକ ଲାଗିଥାଏ । ବୈଜ୍ଞାନିକଙ୍କ କହିବା ଅନୁସାରେ, ଏହା ମ୍ୟାକ୍ରୋମ୍ୟୁଟେସନ ଅଟେ । ସାଧାରଣତଃ ବେଙ୍ଗ ଭ୍ରୁଣରେ ଆଖି ମୁଣ୍ଡ ଉପରେ ବିକଶିତ ହୁଏ । ଆଖି ଡୋଳା ବାହାରକୁ ଆସିଥାଏ । ହେଲେ ଗୋଲମର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଯାଇ ଥାଇପାରେ । ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେମ୍ସ ବୋଗର୍ଟ ଏହି ମାମଲାର ଯାଞ୍ଚ କରିଥିଲେ । ତାଙ୍କ କହିବାନୁସାରେ, 'ବେଙ୍ଗ ପାଟି ଭିତରେ ଆଖି ରହିବା ଜିନ୍ ନିୟନ୍ତ୍ରଣରେ ବ୍ୟାହତ କିମ୍ବା ପରିବେଶ ପ୍ରଦୂଷଣର ମଧ୍ୟ କାରଣ ହୋଇପାରେ । ଗୋଲମ୍ କ୍ଷେତ୍ରରେ କିନ୍ତୁ ଏହା ଜନ୍ମଜାତ ।'

## ପ୍ରଥମ ଥର ଏକାଠି ଆସିବେ
# ଶ୍ରଦ୍ଧା-ରଣଦୀପ



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ବହୁତ ଦେଖିଚାହିଁ ଫିଲ୍ମ ସାଇନ୍ କରନ୍ତି । 'ସ୍ତ୍ରୀ ୨'ର ଜବରଦସ୍ତ ସଫଳତା ପରେ ଏବେ ସେ 'ଇଥା' ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବେ । 'ଛାବା' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ଲକ୍ଷ୍ମଣ ଉତେକର ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । ଏଥିରେ ଶ୍ରଦ୍ଧା କପୁରଙ୍କ ବିପକ୍ଷରେ ରଣଦୀପ ହୁଡା ଦେଖାଯିବେ । ପ୍ରଥମ ଥର ପାଇଁ ରଣଦୀପ ଓ ଶ୍ରଦ୍ଧା ଏକାଠି ବଡ଼ ପରଦାରେ ନଜର ଆସିବେ । ଏଇ ମାସ ଶେଷ ଆଡ଼କୁ ଏହାର ସୁଟିଂ ମୁମ୍ବାଇରୁ ଆରମ୍ଭ ହେବ । 'ଇଥା' ପ୍ରସିଦ୍ଧ ଲାବଣୀ ତଥା ତମାଶା କଳାକାର ବିଠାବାଈ ନାରାୟଣ ଗାଓଁଙ୍କର ବାୟୋପିକ୍ ହେବ । ଏଥିପାଇଁ ଶ୍ରଦ୍ଧା ଏବେ ଲାବଣୀ ନୃତ୍ୟ ଶିଖୁଛନ୍ତି । ଏଯାବତ୍ ଏହି ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିନାହିଁ ।

## ଆଜି ଆସିଥିଲେ
# ବିପ୍ଳବୀ ବିର୍ସା ମୁଣ୍ଡା



ବିର୍ସା ମୁଣ୍ଡା ଭାରତର ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ଇତିହାସରେ ବିଖ୍ୟାତ । ୧୮୭୫ ମସିହା ଆଜିର ଦିନରେ ସେ ଅଧୁନା ଝାଡ଼ଖଣ୍ଡ ରାଜ୍ୟର ଖୁଣ୍ଟି ଜିଲ୍ଲା ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାଲ୍ୟଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା । ଚାଇଁବସା ମିଶନ୍ ସ୍କୁଲରେ ପଢୁଥିଲାବେଳେ ଗୋରା ପ୍ରଧାନଶିକ୍ଷକ ଆକ୍ରୋଶମୂଳକ ଭାବେ ବିର୍ସାଙ୍କୁ ଚାବୁକରେ ମାଡ଼ ମାରିଥିଲେ ଓ ସ୍କୁଲରୁ ବହିଷ୍କାର କରି ଦେଇଥିଲେ । ସେବେଠାରୁ ପାଠପଢ଼ା ଛାଡ଼ି ବ୍ରିଟିଶ୍ ଶାସନରୁ ଓଡ଼ିଶାକୁ ମୁକ୍ତ କରିବାକୁ ସେ ଲାଗିପଡ଼ିଥିଲେ । ଏଥିପାଇଁ ସ୍ଥାନୀୟ ଆଦିବାସୀଙ୍କୁ ସେ ଏକାଠି କରିଥିଲେ । ସେବକପଟ୍ଟା ନ ଲେଖିବା, ଖଜଣା ନ ଦେବା ଏବଂ ବନ୍ଧୁକ ମୁନକୁ ଡରି ଧର୍ମ ପରିବର୍ତ୍ତନ ନ କରିବାକୁ ସେ ଆଦିବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଥିଲେ । ତାଙ୍କ ନେତୃତ୍ୱରେ ଆଦିବାସୀମାନେ ଏକତ୍ରିତ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବା ପାଇଁ ଆଗଭର ହେବାର ଦେଖି ଇଂରେଜ ଶାସକ ପ୍ରମାଦ ଗଣିଲେ । ୧୮୯୫ ମସିହା ଅଗଷ୍ଟ ୧୬ ଦିନ ଇଂରେଜ ସିପାହୀ ବିର୍ସା ମୁଣ୍ଡାଙ୍କ ସମେତ ତାଙ୍କର ୧୫ ଜଣ ସାଥିଙ୍କୁ ଗିରଫ କରିଥିଲେ । ଦେଶଦ୍ରୋହ ଅପରାଧରେ ତାଙ୍କୁ ଦୁଇବର୍ଷ କାରାଦଣ୍ଡ ଦିଆଗଲା । ଏଥିପାଇଁ ତାଙ୍କୁ ରାଞ୍ଚି ଜେଲ୍‌କୁ ପଠାଇ ଦିଆଗଲା । ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନେକ କଏଦୀଙ୍କୁ ମୁକ୍ତ କରି ଦିଆଯାଇଥିଲା । ଏମିତିରେ ବିର୍ସା ଓ ତାଙ୍କର ସହକର୍ମୀମାନେ ମଧ୍ୟ ମୁକ୍ତି ପାଇ ଯାଇଥିଲେ । ତାଙ୍କ ଆହ୍ୱାନରେ ଶହ ଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଲେ । ସେମାନେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁତୀର ଓ ବର୍ଚ୍ଛା ଧରି ଗୋରାମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇଦେଲେ । ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ସେମାନଙ୍କ ଭିତରୁ ୧୨ଜଣ ଶହୀଦ ହୋଇଥିଲେ । ବ୍ରିଟିଶ୍ ସରକାର ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ । ତାଙ୍କର ସନ୍ଧାନ ନେବାପାଇଁ କନେଷ୍ଟବଳ ବୁଦ୍ଧୁରାମ ଓ ଜୟରାମଙ୍କୁ ଇଟିକା ଗ୍ରାମକୁ ପଠାଗଲା । ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ଦୁଇଜଣ କନେଷ୍ଟବଳଙ୍କୁ ହତ୍ୟା କରିଥିଲେ । ଏହାର ପ୍ରତିଶୋଧ ନେଇ ମିଃ ଷ୍ଟ୍ରିଟ୍ ଫିଲ୍ଡ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ଭୀଷଣ ଅସ୍ତ୍ରାଘାତରେ ସେ ମୃତ୍ୟୁବରଣ କରିଥିଲେ । ଏହା ପରେ ବିର୍ସାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଦମନଲୀଳାର ମୁଖ୍ୟକେନ୍ଦ୍ର ଖୁଣ୍ଟିଥାନାରେ ନିଆଁ ଲଗାଇଦେଲେ, କନେଷ୍ଟବଳ ରଘୁରାମକୁ ହତ୍ୟାକଲେ ଓ ଅନ୍ୟ ପୁଲିସ୍‌ମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଲେ । ଏହାର ଜବାବରେ ୩୦୦ ଫୁଟ ଉଚ୍ଚା ଡୋମ୍ବରି ପାହାଡ଼, ଯେଉଁଠି ବିର୍ସା ଓ ତାଙ୍କ ସହକର୍ମୀ ନରସିଂହ ଅନ୍ୟ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଥିଲେ, ତାକୁ ଘେରିଗଲେ ଓ ଆତ୍ମସମର୍ପଣ କରିବାପାଇଁ ଘୋଷଣା କଲେ । ବିଦ୍ରୋହୀମାନେ ଏଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ । ଏହାର ଜବାବରେ ଇଂରେଜମାନଙ୍କ ତରଫରୁ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇ ଯାଇଥିଲେ । ବିର୍ସା ଅଳ୍ପକେ ବର୍ତ୍ତିଯାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ । କେତେଜଣ ବିଶ୍ୱାସଘାତକଙ୍କ ପାଇଁ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଇଂରେଜ ସରକାର ତାଙ୍କୁ ଗିରଫକରି ରାଞ୍ଚି ଜେଲ୍‌କୁ ପଠାଇ ଦେଲେ । ତାଙ୍କ ପାଦରେ କଡ଼ା ପିନ୍ଧାଇ ଦିଆଯାଇଥିଲା, ଅନେକ ପ୍ରକାରର ନିର୍ଯାତନା ଦିଆଯାଉଥିଲା ଓ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯାଇଥିଲା । ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ରାଞ୍ଚି ଜେଲ୍‌ରେ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ଶେଷନିଃଶ୍ୱାସ ତ୍ୟାଗକଲେ । ବିର୍ସା ମୁଣ୍ଡା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ସଂଗ୍ରାମୀ ଯାହାଙ୍କର ସାହସ ଓ ବଳିଦାନ ହଜାର ହଜାର ଭାରତୀୟଙ୍କୁ ଅନୁପ୍ରାଣିତ କରିଥିଲା ।

## ପ୍ରହେଳିକା



- ସାଗର ଦୁଲଣୀ ନାମେ ବିଖ୍ୟାତ
ତାଙ୍କ ଯୋଗୁଁ ମିଳେ ଧନ ସମ୍ପଦ
କଳା ସାଆନ୍ତଙ୍କ ସେ ପାଟରାଣୀ
ଦୀନ ଦରିଦ୍ରକୁ କରନ୍ତି ଧନୀ
ସ୍ୱଚ୍ଛତା ପରଖି ସିଏ
ମାଣବସା ଦିନ ଗୃହେ ବିରାଜନ୍ତି
କୁହ ତାଙ୍କ ନାମ କିଏ ।

ଉତ୍ତର-ଲକ୍ଷ୍ମୀ ମାତା

- ମଗୁଶିର ମାସ ଗୁରୁବାରରେ
ସଭିଏଁ ପାଳନ୍ତି ସେ ପର୍ବ ଘରେ
ଘରଦ୍ୱାର ଖଳା ଝୋଟିରେ ହସେ
ଧୂପ ନୈବେଦ୍ୟର ମହକ ଆସେ
ଖଟୁଲିରେ ଶୋହେ ଧାନର ବେଣି
ପୂଜନ୍ତି ଭକ୍ତିରେ ସର୍ବ ଗୃହିଣୀ
ପର୍ବ ମଧ୍ୟେ ସିଏ ସାର
ଶଙ୍ଖ ହୁଳହୁଳି ଉଚ୍ଛୁଳି ପଡ଼ଇ
କୁହ ଦେଖି ନାମ ତା'ର ।

ଉତ୍ତର-ମାଣବସା ପର୍ବ

- ମାଣବସା ପର୍ବ ଯେବେ ଆସଇ
ଏ ପିଠା ମାତାଙ୍କୁ ଭୋଗ ଲାଗଇ
ଚାଉଳ ଚୂନାରେ ହୁଏ ତିଆରି
ଛେନା ନଡ଼ିଆର ପୁରରେ ଭରି
ହାତକୁ ଲାଗଇ ଭାରି କୋମଳ
ଖାଇବାକୁ ହୁଏ ମନ ବ୍ୟାକୁଳ
ଅଥାରରେ ସିଝା ହୁଏ
ଦେଖିବାକୁ ସିଏ ଧଳା ଫର ଫର
କୁହ ତା'ର ନାମ କିଏ ।

ଉତ୍ତର-ମଣ୍ଡାପିଠା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

## ଆସିଛି ଶୀତ ଶୁଭୁଚି ଗୀତ



ପ୍ରଶାନ୍ତ କୁମାର ଦାଶ

ଆସିଛି ଶୀତ ଶୁଭୁଚି ଗୀତ
ରାତିଟା ଗଲେ ପାହି
ସକାଳ ହେଲେ ଖରା ପଡ଼ିଲେ
ଝଲସେ ଗାଆଁ ସାହି ॥
ସବୁରି ଓଠେ ଭରିବ ହସ
ପଳାଇ ଯିବ ଦୁଃଖ
ଶୀତଟି ସିନା ଥରାଏ ଦେହ
ବାଣ୍ଟୁଥାଏ ସେ ସୁଖ ॥
ଦିନ ଛୁଟିବ ଘୋଡ଼ାଟି ପରି
ରାତି ହୋଇବ ବଡ଼
ନ ଡରି ଶୀତ ଶିଶିର ଦାଉ
ଫୁଟିବ ଗଛେ କଢ଼ ॥
ଚାଷୀ ଦେଖିବ ସୁନା ସପନ
ନରମ ଶେଯେ ଶୋଇ
ସକାଳୁ ସଞ୍ଜ କ୍ଷେତରେ ଚାରା
କେତେ ସେ ଦେବ ରୋଇ ॥
ଶୀତ ଋତୁ ତ ଅମଳ ଋତୁ
ନାନା ଫସଲ ମିଳେ
ରହିବ ନାହିଁ ଦୁଃଖ ଅଭାବ
ଚାଷୀ ଭାଇର ତିଳେ ॥
ଓଷା ପରବ ଗେଲ ଗରବ
ଶୀତ ସଭିଙ୍କୁ ଦେବ
ସୁନ୍ଦର କରି ସରସ ଧରା
ଶେଷେ ମେଲାଣି ନେବ ॥

କୁଞ୍ଜର–ସଙ୍ଗକାଇ, ପୁରୀ
ମୋ-୯୬୬୮୮୨୨୧୯୦

## ଶୀତ ଗୀତଗାଏ



ରମାକାନ୍ତ ଦାସ

ଶୀତ ଗୀତଗାଏ
କୁହୁଡ଼ି ଖରାରେ
ଶୀତଳ ପବନ ଦେଇ
ଶୀତ ଗୀତଗାଏ
ଗଙ୍ଗଶିଉଳିର
ମଧୁର ମହକେ
ଚଉଦିଗ ମହକାଇ ॥
ଶୀତ ଗୀତଗାଏ
ଧାନ କିଆରିରେ
ଶିଶିର ମୁକୁତା ଥୋଇ
ଶୀତ ଗୀତଗାଏ
ଘର ଅଗଣାରେ
ଦେହକୁ ଦିଏ ଥରାଇ ॥
ଶୀତ ଗୀତଗାଏ
କୁହୁଡ଼ି ଚାଦରେ
ପତରୁ ଝରଇ
ମୁକୁତା ବିନ୍ଦୁ
ଶୀତ ଗୀତଗାଏ
ବରଫ କଣାରେ
ସଜାଇ ତଟିନୀ ସିନ୍ଧୁ ॥
ଶୀତ ଗୀତଗାଏ
ବାଡ଼ି ବଗିଚାରେ
ସୋରିଷ ଫୁଲ ମହକଇ
ଶୀତ ଗୀତଗାଏ
ପୋଖରୀ ତୁଠରେ
ଶୀତଳ ପବନ ଯାଏ ବହି ॥
ଶୀତ ଗୀତଗାଏ
ଘାସ ଗାଲିଚାରେ
କୁହୁଡ଼ିର ଆସ୍ତରଣେ
ଶୀତ ଗୀତଗାଏ
ଗାଆଁ ଗଛମାଳେ
ସୁରୁଜ ଆଲୋକ ବୁଣେ ॥

ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ସୁମନ



# ଶତ୍ରୁତା ହାର ମାନିଲା



ସୁବ୍ରତ ଦାସ



ଜଙ୍ଗଲରେ ହାତୀ ରଜା ହେବା ପରେ ସିଂହର କ୍ରୋଧ ବଢ଼ି ଯାଇଥିଲା । ଯେଉଁମାନେ ହାତୀ ସପକ୍ଷରେ ମତ ଦେଇଥିଲେ, ସିଂହ ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସ୍ଥିର କରିଥିଲା । ସେଥିପାଇଁ ସିଂହ ତା'ର ସମର୍ଥକମାନଙ୍କୁ ଡାକି ହାତୀର ଆଦେଶ ନ ମାନିବାକୁ ପରାମର୍ଶ ଦେଇଥିଲା । ଯେପରି ପୂର୍ବରୁ ଜଙ୍ଗଲରେ ନିଜ ଇଚ୍ଛାରେ ଶିକାର କରୁଥିଲା, ସେପରି କରିବା ପାଇଁ ମତାଉଥିଲା । ଯିଏ ପ୍ରତିବାଦ କରିବ, ତାକୁ ଦଳବଦ୍ଧ ଭାବେ ମିଶି ଆକ୍ରମଣ କରିବେ ବୋଲି ସିଂହ ଚେତାବନୀ ଦେଇଥିଲା । ସିଂହର ସମର୍ଥକମାନେ ତାକୁ ବିଶ୍ୱାସ କରି ହଁ ମାରିଥିଲେ । ଏମିତି କିଛିଦିନ ବିତିଗଲା । ଅନେକ ସମୟରେ ସିଂହ ନିରୀହ ପଶୁପକ୍ଷୀମାନଙ୍କୁ ଶିକାର କରିବା ପାଇଁ ଧମକ ଦେଲା ,ଭୟ ଦେଖାଇଲା । ନିରୀହ ଜୀବଜନ୍ତୁମାନେ ଡରି ହାତୀ ପାଖରେ ପହଞ୍ଚି ଅଭିଯୋଗ କଲେ । ହାତୀ ସମସ୍ତଙ୍କ କଥା ଶୁଣିଲା । ଧୀର ଭାବରେ ହାତୀ ବୁଝାଇଲା; ଧୈର୍ଯ୍ୟ ଧର, ସମୟ ଆସିବ ; ସିଂହର କ୍ରୋଧ ଶାନ୍ତ ହୋଇଯିବ । ସମସ୍ତେ ହାତୀ ଉପରେ ବିଶ୍ୱାସ ରଖି ଜଙ୍ଗଲ ଭିତରକୁ ଚାଲିଗଲେ । ହାତୀ ଖୁବ୍ ଧୈର୍ଯ୍ୟବାନ ଥିଲା । ସମସ୍ତଙ୍କର ଭଲ,ମନ୍ଦ, ଅସୁବିଧା ସମୟରେ ପହଞ୍ଚି ସାହାଯ୍ୟ ସହଯୋଗ କରେ ବୋଲି ଜଙ୍ଗଲର ସବୁ ପଶୁପକ୍ଷୀମାନେ ତାକୁ ଖୁବ୍ ଆଦର କରନ୍ତି । ସେଥିପାଇଁ ତାଙ୍କୁ ଜଙ୍ଗଲର ରଜା ମଧ୍ୟ କରିଛନ୍ତି । ଦିନେ କ୍ରୋଧୀ ସିଂହଟି ତା'ର ଶାବକକୁ ନେଇ ଜଙ୍ଗଲର ଶେଷ ଭାଗ ଆଡ଼କୁ ଶିକାର କରିବା ପାଇଁ ଯାଇଥାଏ । ସିଂହ ସାଙ୍ଗରେ ତା'ର କିଛି ଅନୁଚର ଗଧିଆ, ବିଲୁଆ, କେ । କି ଶି ଆ ଳ ଥାଆନ୍ତି । ଜଙ୍ଗଲର ଶେଷ ଭାଗରେ ଗୋଟିଏ ଭଙ୍ଗା କୂଅ ଥିଲା । କୂଅଟି ମଧ୍ୟ ଗଭୀରିଆ ହୋଇଥାଏ । ବହୁ ଜୀବ ଜନ୍ତୁ ଅସାବଧାନ ବଶତଃ ସେହି କୂଅରେ ପଡ଼ି ଆଗରୁ ପ୍ରାଣ ହରାଇଛନ୍ତି । ଥରେ ହାତୀ ଜଙ୍ଗଲରେ ସଭା କରି କହିଲା, ଜଙ୍ଗଲ ଶେଷ ଭାଗରେ ଗୋଟିଏ କୂଅ ଅଛି । କୌଣସି ଜୀବ ଜନ୍ତୁ ସେଠାକୁ ଯିବ ନାହିଁ । ସେହି ସ୍ଥାନଟିକୁ ଜାଣିବା ପାଇଁ ଆମ୍ବଗଛଗୁଡ଼ିକୁ ଗୋଲାକାର ଭାବେ କୂଅ ଚାରିପଟେ ଲଗାଯାଇଥିଲା । ସମସ୍ତଙ୍କୁ ବାରଣ କରାଯାଇଥିଲା, ଆମ୍ବ ଗଛଗୁଡ଼ିକୁ ଚିହ୍ନି ସେ ସ୍ଥାନକୁ କୌଣସି ଜୀବଜନ୍ତୁ ନ ଯିବା ପାଇଁ । ମାତ୍ର ସିଂହ ହାତୀର କଥା ନ ମାନି ତା ଦଳ ବଳ ଧରି ଶିକାର କରିବାକୁ ସେଠାକୁ ଯାଇଥିଲା । ସେଠାରେ ସିଂହ ଶାବକଟି ଡିଆଁ ମାରି ଖେଳୁ ଖେଳୁ ହଠାତ୍ ଭଙ୍ଗା କୂଅରେ ପଡ଼ି ଯାଇଥିଲା । ଗଧିଆ ପଡ଼ିଯିବା ଶବ୍ଦ ଶୁଣି ପଡ଼ିଗଲା.. ପଡ଼ିଗଲା ଚିତ୍କାର କରି ସିଂହକୁ କହିଲା । ସମସ୍ତେ ବ୍ୟସ୍ତ ହୋଇ ଦେଖିଲାବେଳକୁ ସିଂହ ଶାବକଟି ସତରେ କୂଅ ଭିତରେ ପଡି ଯାଇଛି । ସିଂହ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲା । ଶାବକଟିକୁ କିପରି କୂଅରୁ ଉଦ୍ଧାର କରାଯିବ, ସବୁ ବୁଦ୍ଧି ବାହାର କଲେ ହେଲେ କିଛି କାମ ଦେଲାନି । ଏହି ସମୟରେ ବିଲୁଆ କ୍ଷିପ୍ର ଗତିରେ ଆସି ହାତୀ ପାଖରେ ପହଞ୍ଚିଲା । ସେତେବେଳେ ହାତୀ ବରଗଛ ମୂଳେ ଶୋଇଥାଏ । ବିଲୁଆର କଥା ଶୁଣି ହାତୀ ଧଡ଼ପଡ ହୋଇ ଉଠି ପଡ଼ିଲା ଓ ଜଙ୍ଗଲ ଭିତରକୁ ଦୌଡ଼ିଲା । ସିଂହ ଏଣେ ବ୍ୟସ୍ତ ହୋଇ ଗର୍ଜନ କରୁଥାଏ । ସିଂହର ଗର୍ଜନ ଶୁଣି ଅଳ୍ପ ସମୟ ଭିତରେ ସବୁ ପଶୁପକ୍ଷୀମାନେ ରୁଣ୍ଡ ହୋଇଗଲେ । ହେଲେ କେହି କିଛି କରି ପାରୁ ନଥିଲେ । ହାତୀ ପହଞ୍ଚି ଦେଖିଲା, କୂଅ ଭିତରେ ସିଂହ ଶାବକଟି ଉବୁଟୁବୁ ହେଉଛି । ସେ ତାର ଶୁଣ୍ଢକୁ କୂଅ ଭିତରକୁ ବଢ଼ାଇଲା । ଶୁଣ୍ଢ ପାଉ ନ ଥାଏ । ଆଉ ସମୟ ବିଳମ୍ବ ନ କରି ହାତୀ ତା ଶୁଣ୍ଢରେ ଗୋଟିଏ ସରୁ ଆମ୍ବ ଗଛ ଉପାଡ଼ି ଦେଲା ଏବଂ ମୂଳ ସହ ଗଛଟିକୁ କୂଅ ଭିତରକୁ ପକାଇଲା । ଗଛର ମୂଳ ସିଂହ ଶାବକ ପାଖକୁ ଲାଗିଗଲା । ସଙ୍ଗେ ସଙ୍ଗେ ସିଂହ ଶାବକଟି ଗଛ ଉପରେ ଚଢ଼ି ଅଗ୍ରଭାଗକୁ ଉଠି ଆସିଲା । ହାତୀ ତା ଶୁଣ୍ଢ ବଢାଇ ଶାବକକୁ ଉପରକୁ ନେଇ ଆସିଲା । ଶାବକଟି ଖୁବ୍ ଖୁସି ହୋଇ ସିଂହ ପାଖକୁ ଦୌଡ଼ିଗଲା । ସିଂହ ତାକୁ ଗେହ୍ଲା କରି ତା ଜିଭରେ ଚାଟି ପକାଇଲା । ସବୁ ପଶୁପକ୍ଷୀମାନେ ଏ ଦୃଶ୍ୟ ଦେଖି ଖୁବ୍ ଖୁସି ହୋଇଗଲେ । ସିଂହର କ୍ରୋଧ ପାଣି ଭଳି ମିଳାଇଗଲା । ତା'ର ଶତ୍ରୁତା ହାର ମାନିଲା । ନିଜର ଭୁଲ ବୁଝିପାରିଲା ଏବଂ ଅପମାନିତ ମନେକରି ହାତୀ ଆଗରେ ଗୋଡ଼ ଯାକି ବସି ପଡ଼ିଲା । ହାତୀ ତା' ଶୁଣ୍ଢ ରେ ସିଂହକୁ ଆଉଁସି ଦେଲା । ସବୁ ପଶୁପକ୍ଷୀ ହାତୀକୁ ପ୍ରଶଂସା କଲେ । ସିଂହ ନିଜର ଭୁଲ ବୁଝି ପାରିଲା ଏବଂ ସମସ୍ତଙ୍କୁ କହିଲା, ବିପଦ ସମୟରେ ସାହାଯ୍ୟ କରିବା ହିଁ ପ୍ରକୃତ ବନ୍ଧୁ । ସେହିଦିନଠାରୁ ସିଂହ ହାତୀର ଉପଦେଶ ମାନିଲା ।

ରାଜେନ୍ଦ୍ରପୁର, ବାରିକପୁରବଜାର, ଭଦ୍ରକ
ମୋ- ୯୪୩୭୭୩୧୯୦୩

## ତୁମ ପାଇଁ ତୁମ ଚିତ୍ର






ଅନ୍ୱେଷା ପଟ୍ଟନାୟକ
ସପ୍ତମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୁରୀ





ସାନ୍‌ଭି ସାମଲ
ଦ୍ୱିତୀୟ ଶ୍ରେଣୀ
କଳିଙ୍ଗ ଇଣ୍ଟରନାସନାଲ ସ୍କୁଲ
ନିମାପଡ଼ା





ସ୍ମରଣିକା ପ୍ରଧାନ
ଷଷ୍ଠ ଶ୍ରେଣୀ
ସେଣ୍ଟ ଆନିସ କନଭେଣ୍ଟ ସ୍କୁଲ
ସୋନପୁର





ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

# ସୂର୍ଯ୍ୟକାନ୍ତଙ୍କ ସନ୍ନ୍ୟାସ ଘୋଷଣା

କଟକ,୧୪ା୧୧(ସମିସ): ଗତ ସିଜନ ଠାରୁ ରାଜ୍ୟ ବରିଷ୍ଠ ଦଳରୁ ଦୂରେଇ ରଖାଯିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ବିରୋଧରେ ଅସନ୍ତୋଷ ବ୍ୟକ୍ତ କରୁଥିବା ସୂର୍ଯ୍ୟକାନ୍ତ ପ୍ରଧାନ ସମସ୍ତ ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି । ରାଜ୍ୟ ଦଳ ଚୟନରେ ପାତରଅନ୍ତର ଅଭିଯୋଗ ଉଠାଇ ସୂର୍ଯ୍ୟକାନ୍ତ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି । ବିଶେଷକରି ମୁଖ୍ୟକୋଚ୍ ସୁରେନ୍ଦ୍ର ଭାବେ ଏବଂ ଚୟନକର୍ତ୍ତା ସୌରଜିତ ମହାପାତ୍ରଙ୍କୁ ଦାୟୀ କରିଛନ୍ତି ଏହି ୩୨ବର୍ଷୀୟ ଅଲରାଉଣ୍ଡର । ତାଙ୍କୁ ଦଳରୁ ଦୂରେଇ ରଖିବା ପଛରେ ସୁରେନ୍ଦ୍ର ଏବଂ ସୌରଜିତଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସେ କହିଛନ୍ତି ।



## ସୁରେନ୍ଦ୍ର ଓ ସୌରଜିତଙ୍କୁ ଦାୟୀ କଲେ

ଚଳିତ ରଣଜୀ ସିଜନରେ ଦଳରେ ବାରମ୍ବାର ପରିବର୍ତ୍ତନ କରାଯିବା ସତ୍ତ୍ୱେ ସୂର୍ଯ୍ୟକାନ୍ତଙ୍କୁ ସାମିଲ କରାଯାଇନଥିଲା । ଓଡ଼ିଶାର ପ୍ରଦର୍ଶନ ନିକୃଷ୍ଟ ରହୁଥିଲେ ସୁଦ୍ଧା ତାଙ୍କୁ ଡକରା ମିଳିନଥିଲା । ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦଳ ପରିବର୍ତ୍ତନ ନିମନ୍ତେ ଦୁଇ ଦିନ ପୂର୍ବେ ଓସିଏ କାର୍ଯ୍ୟାଳୟରେ ବୈଠକ ବସିଥିଲା । ତେବେ ନାଗାଲାଣ୍ଡ ବିପକ୍ଷ ନୁହେଁ, ପରବର୍ତ୍ତୀ କୌଣସି ମ୍ୟାଚ୍‌ରେ ତାଙ୍କୁ ଦଳରେ ସାମିଲ କରାଯିବ ବୋଲି ବୈଠକ ସ୍ଥଳରୁ ଓସିଏର ଜଣେ ବରିଷ୍ଠ ପଦାଧିକାରୀ ସୂର୍ଯ୍ୟକାନ୍ତଙ୍କୁ ଫୋନ୍ ଯୋଗେ କହିଥିଲେ । ୬୨ଟି ରଣଜୀ ମ୍ୟାଚ୍ ଖେଳିଥିବା ସୂର୍ଯ୍ୟକାନ୍ତ ଫୋନ୍‌କଲ୍‌ରେ ଅସନ୍ତୋଷ ପ୍ରକାଶ କରିବା ସହ କ୍ରିକେଟ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ । ଖେଳାଳିଙ୍କ ପ୍ରତିଭା କିମ୍ବା ସେମାନଙ୍କ ପ୍ରଦର୍ଶନକୁ ମାପଦଣ୍ଡ ଭାବେ ବିଚାର କରାଯାଉନାହିଁ । ଚିହ୍ନାଜଣାରେ ରାଜ୍ୟ ଦଳ ଗଠନ ହେଉଛି । ବିଶେଷକରି ଚୟନ କମିଟିର କର୍ମକର୍ତ୍ତା ନିଜ ପରିଚିତ କିମ୍ବା ସେମାନଙ୍କ ଅଧିନ କ୍ଲବର ଖେଳାଳିଙ୍କୁ ରାଜ୍ୟ ଦଳରେ ସୁଯୋଗ ଦେଉଛନ୍ତି ବୋଲି ସୂର୍ଯ୍ୟକାନ୍ତ ଅଭିଯୋଗ କରିଛନ୍ତି । ପ୍ରକାଶଯୋଗ୍ୟ, ସୂର୍ଯ୍ୟକାନ୍ତ ୬୨ଟି ରଣଜୀ ମ୍ୟାଚରୁ ୧୯୭ ୱିକେଟ ଦଖଲ କରିବା ସହ ୧୨୮୦ରନ ସଂଗ୍ରହ କରିଛନ୍ତି । ଏକଦିବସୀୟ ଫର୍ମାଟରେ ୩୫ଟି ମ୍ୟାଚ୍‌ରୁ ୪୬ଟି ୱିକେଟ, ଟି-୨୦ ଫର୍ମାଟରେ ୫୨ଟି ମ୍ୟାଚ୍‌ରୁ ସେ ୪୭ଟି ୱିକେଟ ଅକ୍ତିଆର କରିଛନ୍ତି ।

# ଏସୀୟ ତୀରନ୍ଦାଜୀ: ୧୮ ବର୍ଷ ପରେ ଭାରତୀୟ ରିକର୍ଭ ଦଳକୁ ସ୍ୱର୍ଣ୍ଣ

ଢାକା, ୧୪ ।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଯଶଦୀପ୍ ଭୋଗେ, ଅତନୁ ଦାସ ଓ ରାହୁଲଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ରିକର୍ଭ ଦଳ ସୁଟ୍ ଅଫ୍‌ରେ ୫-୪ରେ ଶକ୍ତିଶାଳୀ କୋରିଆକୁ ହରାଇ ଚାମ୍ପିଅନ ହୋଇଛି । ଏଥିସହ ଭାରତ ଦୀର୍ଘ ୧୮ ବର୍ଷ ପରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି । ପୁରୁଷ ଓ ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ବି. ଧୀରଜ ଓ ଅଙ୍କିତା ଭକତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି ।

## ସାଉଦୀ କେକେଆର୍‌ର ବୋଲିଂ କୋଚ୍

କୋଲକାତା, ୧୪ ।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ନ୍ୟୁଜିଲାଣ୍ଡର ଟିମ୍ ସାଉଦୀଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି । ୩୬ ବର୍ଷୀୟ କିୱି ଦ୍ରୁତ ବୋଲର ଚଳିତ ବର୍ଷ ପ୍ରାରମ୍ଭରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ । ଗତକାଲି କେକେଆର୍ ଫ୍ରାଞ୍ଚାଇଜ ପୂର୍ବତନ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଶେନ୍ ୱାଟସନଙ୍କୁ ସହାୟକ କୋଚ୍ ଭାବେ ନିଯୁକ୍ତ କରିଥିଲା ।

## ବୁମ୍‌ରାଙ୍କ ଘାତକ ବୋଲିଂ; ପ୍ରଥମ ଦିନରେ ୧୧ ୱିକେଟର ପତନ

# ୧୫୯ରେ ଅଟକିଲା ଦକ୍ଷିଣ ଆଫ୍ରିକା

କୋଲକାତା,୧୪ା୧୧(ଏଜେନ୍ସି): ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୫୯ ରନ୍‌ରେ ସୀମିତ ରହିଛି । ଦକ୍ଷିଣ ଆଫ୍ରିକାର ଜଣେ ହେଲେ ଖେଳାଳି ବଡ଼ ସ୍କୋର କରିପାରି ନ ଥିଲାବେଳେ ଭାରତ ପକ୍ଷରୁ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ୫ଜଣ ଖେଳାଳିଙ୍କୁ ଆଉଟ କରିଛନ୍ତି । ଇଡେନ୍‌ପିଚ୍ ଉଭୟ ପେସ ଓ ସ୍ପିନ୍‌ଙ୍କୁ ସୁହାଉଥିଲାବେଳେ ଅଫ୍‌ଭିନ୍ ବାଉନ୍ସ ବ୍ୟାଟରଙ୍କ ଲାଗି ସମସ୍ୟା ସୃଷ୍ଟି କରିଥିଲା । ମହମ୍ମଦ୍ ସିରାଜ ଓ କୁଲଦୀପ ଯାଦବ ୨ଟି ଲେଖାଏଁ, ଅକ୍ଷର ପଟେଲ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି । ଜବାବରେ ଭାରତ ପ୍ରଥମ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲ (୨୭ ବଲ୍‌ରେ ୧୨ରନ୍)ଙ୍କ ୱିକେଟ ହରାଇ ୨୦ ଓଭର ଖେଳି ୧ ୱିକେଟ ବିନିମୟରେ ୩୭ ରନ୍ ସଂଗ୍ରହ କରିନେଇଛି । ପ୍ରଥମ ଦିନ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଲୋକେଶ ରାହୁଲ ୧୩ ଓ ୱାଶିଂଟନ ସୁନ୍ଦର ୬ ରନ୍‌ରେ ବ୍ୟାଟିଂ କରୁଥିଲେ ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ଟସ୍ ଜିତିବା ପରେ ନିର୍ଦ୍ୱନ୍ଦ୍ୱରେ ପ୍ରଥମେ ବ୍ୟାଟିଂ କରିଥିଲା । ଦଳର ଦୁଇ ଓପନର ମଧ୍ୟ ଭଲ ଆରମ୍ଭ କରିଥିଲେ । ଦକ୍ଷିଣ ଆଫ୍ରିକା ଇନିଂସର ୧୧ତମ ଓଭରରେ ଦଳୀୟ ସ୍କୋର ୫୭ ରନ୍ ହୋଇଥିଲାବେଳେ ର୍‌ୟାନ୍ ରିକେଲଟନ୍‌ଙ୍କୁ ଆଉଟ କରି ଯଶପ୍ରୀତ୍ ବୁମ୍‌ରା ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ । ଏହା ପରେ ଭ୍ରମଣକାରୀ ଦଳ ଘରୋଇ ଦଳର ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ୫୫ ଓଭରରେ ମାତ୍ର ୧୫୯ ରନ୍ କରି ଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ୬ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ୨୩ତମ ବଲ୍‌ରେ ଖାତା ଖୋଲିଥିବା ଆଇଡେନ୍ ମାରକ୍ରମ ସର୍ବାଧିକ ୩୧ ଓ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୭୪ ବଲ୍ ଖେଳି ୧୫ ରନ୍‌ରେ ଅପରାଜିତ ରହିଥିଲେ । ଅଧିନାୟକ ତେମ୍ବା ବଭୂମାଙ୍କ ବ୍ୟାଟରୁ ମାତ୍ର ୩ ରନ୍ ମିଳିଥିଲା । ଭାରତ ପକ୍ଷରୁ ଅନ୍‌ଇଭିନ୍ ପିଚ୍‌ରୁ ଫାଇଦା ଉଠାଇ ବୁମ୍‌ରା ସର୍ବାଧିକ ୫ଟି ଓ ସିରାଜ ୨ଟି ୱିକେଟ ପାଇଥିଲେ । ପେସ୍ ବୋଲରଙ୍କୁ ୭ଟି ୱିକେଟ ମିଳିଥିଲାବେଳେ ଭାରତର ୪ ଜଣିଆ ସ୍ପିନ୍ ବାହିନୀ ଆଉ ୩ଟି ୱିକେଟ ପାଇଥିଲେ । ୨ଟି ୱିକେଟ ନେଇଥିବା ବାମହାତୀ କୁଲଦୀପ ଯାଦବ କିଛିଟା ଯାଦୁକରୀ ସ୍ପିନ୍ ବୋଲିଂ କରି ୨ଜଣ ଖେଳାଳିଙ୍କୁ ପାଭିଲିୟନ ଫେରାଇଦେଇଥିଲେ ।



## କୋଲକାତା ଟେଷ୍ଟ ସ୍କୋର ବୋର୍ଡ

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦**, ୫୫ ଓଭର (ମାରକ୍ରମ-କ୍ୟା.ପନ୍ତ ବୋ.ବୁମ୍‌ରା-୩୧, ରିକେଟଲଟନ - ବୋ. ବୁମ୍‌ରା - ୨୩, ମୁଲ୍ଡର-ଏଲ୍‌ବିଡବ୍ଲ୍ୟୁ ବୋ.କୁଲଦୀପ-୨୪, ବଭୁମା-କ୍ୟା. ଜୁରେଲ ବୋ.କୁଲଦୀପ-୩, ଡି ଜୋର୍ଜି-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍‌ରା-୨୪, ଷ୍ଟବ୍ସ-ନଟ୍‌ଆଉଟ-୧୫, ଭେରିନ୍-ଏଲ୍‌ବିଡବ୍ଲ୍ୟୁ ବୋ.ସିରାଜ-୧୬, ୟାନ୍‌ସେନ୍-ବୋ. ସିରାଜ-୦, ବୋଶ୍-ଏଲ୍‌ବିଡବ୍ଲ୍ୟୁ ବୋ.ଅକ୍ଷର-୩, ହାର୍ମର-ବୋ.ବୁମ୍‌ରା-୫, ମହାରାଜ-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍‌ରା-୦, ଅତିରିକ୍ତ-୧୫ ।

**ୱିକେଟ ପତନ:** ୧/୫୭, ୨/୬୨, ୩/୭୧, ୪/୧୧୪, ୫/୧୨୦, ୬/୧୪୬, ୭/୧୪୭, ୮/୧୫୪, ୯/୧୫୯, ୧୦/୧୫୯ ।

**ବୋଲିଂ ବିଶ୍ଳେଷଣ (ଭାରତ)-** ବୁମ୍‌ରା: ୧୪-୫-୨୭-୫, ସିରାଜ: ୧୨-୦-୪୭-୨, ଅକ୍ଷର: ୬-୨-୨୧-୧, କୁଲଦୀପ: ୧୪-୧-୩୬-୨, ଜାଡେଜା: ୮-୨-୧୩-୦, ସୁନ୍ଦର: ୧-୦-୩-୦ ।

**ଭାରତ ପ୍ରଥମ ଇନିଂସ: ୩୭/୧**, ୨୦ ଓଭର (ଜୟସ୍ୱାଲ-ବୋ.ୟାନ୍‌ସେନ୍-୧୨, ରାହୁଲ-ବ୍ୟାଟିଂ-୧୩, ସୁନ୍ଦର-ବ୍ୟାଟିଂ-୬, ଅତିରିକ୍ତ-୬ ।

**ୱିକେଟ ପତନ:** ୧/୧୮ ।

**ବୋଲିଂ ବିଶ୍ଳେଷଣ (ଦ.ଆଫ୍ରିକା)-** ୟାନ୍‌ସେନ୍: ୬-୨-୧୧-୧, ମୁଲ୍ଡର: ୫-୧-୧୫-୦, ମହାରାଜ: ୫-୧-୮-୦, ବୋଶ୍: ୩-୨-୧-୦, ହାର୍ମର: ୧-୧-୦-୦ ।

## ରାଇଜିଂ ଷ୍ଟାର୍ ଏସିଆ କପ୍ | ୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

ଢାକା, ୧୪ ।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ରାଇଜିଂ ଷ୍ଟାର୍ ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଭାରତର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଏକ ବିଧ୍ୱଂସୀ ଇନିଂସ ଖେଳିଛନ୍ତି । ଶୁକ୍ରବାର ୟୁଏଇ ଓ ଭାରତ-ଏ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ମାତ୍ର ୩୨ଟି ବଲ୍‌ରେ ଶତକ ପୂରଣ କରିଛନ୍ତି । ଏହି ବିସ୍ଫୋରକ ଶତକୀୟ ଇନିଂସରେ ସେ ୩୪୨.୮୬ ଷ୍ଟ୍ରାଇକରେଟ୍‌ରେ ୪୨ ବଲରୁ ୧୪୪ ରନ କରି ଆଉଟ୍ ହୋଇଥିଲେ । ଯେଉଁଥିରେ ୧୧ ଚୌକା ଓ ୧୫ଟି ଛକା ସାମିଲ ରହିଥିଲା । ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୨୦ ଓଭରରେ ୪ ୱିକେଟ୍ ହରାଇ ୨୯୭ ରନର ବିଶାଳ ସ୍କୋର କରିଥିଲା । ଜବାବରେ ୟୁଏଇ ୭ ୱିକେଟ୍‌ରେ ୧୪୯ ରନ୍ କରିବା ସହ ୧୪୮ ରନରେ ପରାସ୍ତ ହୋଇଥିଲା । ଟି-୨୦ ଫର୍ମାଟ୍‌ରେ ଦ୍ରୁତତମ ଶତକ ହାସଲ କରିବାରେ ଋଷଭ ପନ୍ତଙ୍କ ସହ ମିଶି ସୂର୍ଯ୍ୟବଂଶୀ ତାଲିକାର ୨ୟ ସ୍ଥାନରେ ରହିଛନ୍ତି । ୨୦୧୮ ସୟଦ ମୁସ୍ତାକ ଅଲି ଟ୍ରଫିରେ ଦିଲ୍ଲୀ ପକ୍ଷରୁ ଖେଳି ପନ୍ତ ହିମାଚଳ ପ୍ରଦେଶ ବିପକ୍ଷରେ ୩୨ ବଲରେ ଶତକ ମାରିଥିଲେ । ତେବେ ଗୁଜରାଟର ଉର୍ଭିଲ ପଟେଲ ମାତ୍ର ୨୮ ବଲରେ ଶତକ ପୂରଣ କରି ଟି-୨୦ରେ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି । ଉର୍ଭିଲ ୨୦୨୪ରେ ତ୍ରିପୁରା ବିପକ୍ଷରେ ଏହି ବିଧ୍ୱଂସୀ ଇନିଂସ ଖେଳିଥିଲେ ।



## ୨୧ରୁ ରାଜ୍ୟ ଟିଟି ଚାମ୍ପିଅନସିପ୍

କଟକ,୧୪ା୧୧(ସମିସ): ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ଆସନ୍ତା ୨୧ରୁ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଖେଳାଯିବ । ମୋଟ୍ ୧୫ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ । ପୁରୁଷ ଏବଂ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ହେବ । ଅନ୍ୟ ସମସ୍ତ ବର୍ଗରେ ଏକକ ପ୍ରତିଯୋଗିତା ହେବ । ଖେଳାଳି ନାମ ପଞ୍ଜୀକରଣ ନିମନ୍ତେ ଆସନ୍ତା ୧୭ ତାରିଖ ଶେଷ ଦିନ ଧାର୍ଯ୍ୟ ହୋଇଛି । ଓଡ଼ିଶାର ଯେ କୌଣସି ଜିଲ୍ଲା କିମ୍ବା ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇ ପାରିବେ । ପ୍ରଦର୍ଶନ ଭିତ୍ତିରେ ଆଗାମୀ ଜାତୀୟ ଚାମ୍ପିଅନସିପ ନିମନ୍ତେ ଖେଳାଳି ବଛାଯିବେ ବୋଲି ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ସମ୍ପାଦକ ରବୀନ୍ଦ୍ର ପରିଡା ପ୍ରେସବିବୃତ୍ତିରେ ଜଣାଇଛନ୍ତି ।

### ରାଜ୍ୟସ୍ତରୀୟ ଶବର କପ ଫୁଟ୍‌ବଲ

## ଫାଇନାଲରେ ଢେଙ୍କାନାଳର ପପୁଲାର

ଯାଁଳା,୧୪ ।୧୧(ସମିସ): ଢେଙ୍କାନାଳର ପପୁଲାର କ୍ଲବ୍ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ୨୭ତମ ଶବର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ । ରାଧାଚରଣପୁର ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ପପୁଲାର କ୍ଲବ୍ ୧-୦ ଗୋଲରେ ବୌଦ୍ଧର ଗେହ୍ଲା କ୍ଲବ୍‌କୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା । ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉତ୍କଳ ସ୍ପୋର୍ଟିଂ ୪-୧ ଗୋଲରେ ଆୟୋଜକ ଶବର ସ୍ପୋର୍ଟିଂକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ ଟିକଟ ହାସଲ କରିଥିଲା । ଶୁକ୍ରବାର ମୁକାବିଲାରେ ବିଜୟୀ ଢେଙ୍କାନାଳ ପକ୍ଷରୁ ଖେଳର ୬୦ତମ ମିନିଟ୍‌ରେ ସୁନୀଲ ସୋରେନ୍ ଏକମାତ୍ର ଗୋଲ ସ୍କୋର କରିଥିଲେ । ଆଜିର ମ୍ୟାଚରେ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ମ୍ୟାଚକୁ ପରିଚାଳନା କରିଥିଲେ ବିଦେଶୀ ନାଏକ, ଅବିନାଶ ପଟ୍ଟନାୟକ, ସାଇରାମ କିସକୁ ଓ ସୁବାସ ସିଂ ।

# ପୁରୁଷ ଜୁନିଅର ହକି ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୧୪ ।୧୧ (ଏଜେନ୍ସି): ତାମିଲନାଡୁରେ ଖେଳାଯିବାକୁ ଥିବା ଆଗାମୀ ଜୁନିଅର ପୁରୁଷ ହକି ବିଶ୍ୱକପ୍ ଲାଗି ଶୁକ୍ରବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ । ଦୁଇଥର ଅଲିମ୍ପିକ ପଦକ ବିଜେତା ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ ଭାରତୀୟ ଦଳର କୋଚ୍ ରହିଛନ୍ତି ।


ଅନମୋଲ୍ ଏକ୍କା


ଆଦ୍ରୋହିତ ଏକ୍କା


ରୋଶନ କୁଜୁର

ଭାରତୀୟ ଦଳ: ବିକ୍ରମଜିତ୍ ସିଂହ, ପ୍ରିନ୍ସଦୀପ୍ ସିଂହ (ଉଭୟ ଗୋଲ୍‌ରକ୍ଷକ), ରୋହିତ୍, ତାଲେମ ପ୍ରିୟବ୍ରତ, ଅନମୋଲ ଏକ୍କା, ଅମିର ଅଲି, ସୁନିଲ ପଲକଶାପ୍ପା ବେନ୍ନୁର, ଶ୍ରଦ୍ଧାନନ୍ଦ ତିୱାରୀ (ସମସ୍ତେ ଡିଫେଣ୍ଡର), ଅଙ୍କିତ ପାଲ୍, ଇଙ୍ଗଲେମ୍ବା ଲୁୱାଙ୍ଗ, ଆଦ୍ରୋହିତ ଏକ୍କା, ରୋଶନ କୁଜୁର, ମନମୀତ୍ ସିଂହ, ଗୁରଜୋତ୍ ସିଂହ (ସମସ୍ତେ ମିଡ୍‌ଫିଲ୍ଡର), ଅର୍ଶଦୀପ୍ ସିଂହ, ସୌରଭ ଆନନ୍ଦ କୁଶୱାହ, ଅଜିତ୍ ଯାଦବ, ଦିଲରାଜ ସିଂହ(ସମସ୍ତେ ଫରୱାର୍ଡ) । ଅଲ୍ଟରନେଟ୍ ଖେଳାଳି: ରଭନୀତ୍ ସିଂହ ଓ ରୋହିତ୍ କୁଲ୍ଲୁ ।

ଡ୍ରାଗଫ୍ଲିକର ରୋହିତ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ବିଶ୍ୱକପ୍ ଖେଳିବ । ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ଆଦ୍ରୋହିତ ଏକ୍କା ଓ ରୋଶନ କୁଜୁର । ସେହିଭଳି ଦୁଇଜଣିଆ ଅଲ୍ଟରନେଟ୍ ତାଲିକାରେ ଅନ୍ୟତମ ଓଡ଼ିଆ ଖେଳାଳି ରୋହିତ କୁଲ୍ଲୁଙ୍କୁ ନିଆଯାଇଛି । ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ଏହି ୧୪ତମ ସଂସ୍କରଣ ନଭେମ୍ବର

### ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

# ତୃତୀୟ ରାଉଣ୍ଡ ସୁଦ୍ଧା ଶୀର୍ଷରେ ମହାନଦୀ ଫାଲ୍‌କନ୍ସ

ଭୁବନେଶ୍ୱର, ୧୪ା୧୧ (ସମିସ): ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍)ର ମିଳିତ ସହଯୋଗରେ ଆଜିଠାରୁ ଆରମ୍ଭ ହୋଇଛି ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ । ପ୍ରଥମଥର




ଏପରି ଏକ ଫ୍ରାଞ୍ଚାଇଜଭିତ୍ତିକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରେ ଆରମ୍ଭ ହୋଇଛି । ଏଥିରେ ୧୨ଟି ଟିମ୍ ଓ ୯୬ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି । ୧୫ ମିନିଟ୍ ୧୦ ସେକେଣ୍ଡ ବିଶିଷ୍ଟ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ୧୧ଟି ମ୍ୟାଚ୍ ଖେଳିବେ ଓ ଆସନ୍ତା ରବିବାର ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ବା ଆଜି ଖେଳାଯାଇଥିବା ପ୍ରଥମ ୩ ରାଉଣ୍ଡ ଖେଳ ଶେଷରେ ମହାନଦୀ ଫାଲକନ ସର୍ବାଧିକ ୬ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛି । ଏହା ପଛକୁ ୬ଟି ଦଳ ୪ ପଏଣ୍ଟ ପାଇ ରହିଛନ୍ତି । ଦଳଗୁଡିକ ହେଲେ ଭିକ୍ଟୋରିଆ ଭିକ୍ଟର୍ସ, ବାରବାଟୀ ବ୍ୟାଟଲର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଚୋଳା ଚାମ୍ପିଅନ୍ସ, ଅମ୍ବର ଆଭେଞ୍ଜର୍ସ ଓ ଗୋଲକୁଣ୍ଡା ଗାର୍ଡିଆନ୍ସ ।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ବିଜେପି ନେତା ଗୋଲକ ମହାପାତ ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଅଲଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, କର୍ମକର୍ତ୍ତା ଓ ଆଇଏସ୍‌ଏଫ୍‌ର କର୍ମକର୍ତ୍ତାମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି । ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ।

ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ । ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି । ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS